R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୦୧
ତିଥି : ଅମାବାସ୍ୟା
୦୨ ଅକ୍ଟୋବର ୨୦୨୪, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨+୪, ମୂଲ୍ୟ- ଟ.୫.୦୦

# ସମୟ

SAMAYA

28th ANNIVERSARY

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore




## ଆଜି ଦିଲ୍ଲୀ ଯିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧।୧୦ (ସବ୍ୟୁ) : ଆସନ୍ତାକାଲି ଠାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯିବେ । ଆସନ୍ତାକାଲି ଅପରାହ୍ଣରେ ସେ ଦିଲ୍ଲୀ ଯିବେ ବୋଲି ଜଣାପଡିଛି । ଗତକାଲି ଠାରୁ ସେ ଝାଡଖଣ୍ଡ ଗସ୍ତରେ ଅଛନ୍ତି । ତାଙ୍କର ଏହି ଦୁଇଦିନିଆ ଗସ୍ତରେ ଦିଲ୍ଲୀରେ ନିବେଶକ ସମ୍ମିଳନୀରେ ଯୋଗଦେବେ । ଆସନ୍ତା ୩ରେ ହୋଟେଲ ତାଜ୍‌ରେ ନିବେଶକ ସମ୍ମିଳନୀ ଆୟୋଜିତ ହେବ । ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ (୯ ପୃଷ୍ଠାରେ)

### ଜାମ୍ମୁ-କାଶ୍ମୀର ବିଧାନସଭା ଲାଗି ସରିଲା ଭୋଟ୍

## ତୃତୀୟ ପର୍ଯ୍ୟାୟରେ ୬୫% ମତଦାନ

ଶ୍ରୀନଗର , ୧।୧୦ : ଜାମ୍ମୁ-କାଶ୍ମୀର ବିଧାନସଭା ନିର୍ବାଚନ ଶେଷ ହୋଇଛି । ଆଜି ତୃତୀୟ ପର୍ଯ୍ୟାୟରେ ୪୦ ଆସନ ପାଇଁ ମତଦାନ ହୋଇଛି । ତୃତୀୟ ପର୍ଯ୍ୟାୟରେ ଭୋଟହାର ସର୍ବାଧିକ ୬୫.୬୫% ସନ୍ଧ୍ୟା ସୁଦ୍ଧା ହୋଇଥିବା ସୂଚନା ମିଳିଛି । ତେବେ ସମ୍ବା ଜିଲ୍ଲାରେ ସର୍ବାଧିକ ୭୩.୪୫% ରେକର୍ଡ ସଂଖ୍ୟକ ମତଦାନ ହୋଇଛି । ତେବେ ବାରମୂଳାରେ ସର୍ବନିମ୍ନ ୫୫.୭୩% ଭୋଟ ହୋଇଛି । ପ୍ରଥମ ଦୁଇ ପର୍ଯ୍ୟାୟରେ ଭୋଟହାର ତୁଳନାରେ ତୃତୀୟ ପର୍ଯ୍ୟାୟରେ ଭୋଟହାର ବଢିଛି । ଆସନ୍ତା ୮ ତାରିଖରେ ଫଳାଫଳ ଘୋଷଣା ହେବ ।

ଆଜି ମୁଖ୍ୟତଃ ଦକ୍ଷିଣ କାଶ୍ମୀରର ୩ ସୀମାବର୍ତ୍ତୀ ଜିଲ୍ଲାର ୧୬ ଆସନ ଲାଗି କଡା ସୁରକ୍ଷା ମଧ୍ୟରେ ମତଦାନ କରାଯାଇଛି । ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦ ଅନୁଯାୟୀ ପ୍ରଥମ ଦୁଇ ପର୍ଯ୍ୟାୟରେ ଜନଜାତି ସଂରକ୍ଷିତ ଆସନ ଗୁଡିକରେ ଭୋଟ ହୋଇଥିଲା । ପ୍ରଥମ ପର୍ଯ୍ୟାୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭୋଟହାର ୫୭.୩୧% ହୋଇଥିବା ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ମିଳିଛି । ପ୍ରଥମ ପର୍ଯ୍ୟାୟ ଭୋଟ ସେପ୍ଟେମ୍ବର ୧୮ ତାରିଖରେ ୨୪ ନିର୍ବାଚନମଣ୍ଡଳୀ ପାଇଁ ହୋଇଥିଲା । ଏଥିରେ ୬୧.୩୮% ଭୋଟ ହୋଇଥିଲା ।

## ଜବରଦଖଲରେ ଧାର୍ମିକ ପୀଠ ଥିଲେ ଭଙ୍ଗାଯାଉ

ନୂଆଦିଲ୍ଲୀ, ୧।୧୦ : ଲୋକଙ୍କ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଯଦି କୌଣସି ଧାର୍ମିକ ପୀଠ, ରାସ୍ତା, ଜଳାଶୟ ଓ ରେଳ ଲାଇନ୍‌କୁ ଅବରୋଧ କରିଛି, ତାହା ଭଙ୍ଗାଯିବା ଆବଶ୍ୟକ ବୋଲି ସୁପ୍ରିମ୍‌କୋର୍ଟ କହିଛନ୍ତି । ଏହାଛଡା ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଭାରତ ହେଉଛି ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଏବଂ ଜବରଦଖଲ କରିଥିବା ସବୁ



ନାଗରିକଙ୍କ ବିରୋଧରେ ଧର୍ମ ନିର୍ବିଶେଷରେ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକ ରହିଛି ।

ଜଷ୍ଟିସ୍ ବିଆର୍ ଗଭାଇ, ଜଷ୍ଟିସ୍ କେଭି ବିଶ୍ୱନାଥଙ୍କ ଖଣ୍ଡପୀଠ ଆଜି ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଯେଉଁ ଅପରାଧୀଙ୍କ ବିରୋଧରେ ହେଉଛି ତାହାକୁ ନେଇ ଆଗତ ମାମଲାର ଶୁଣାଣି କରିଥିଲେ । ଏଥିରେ ଉଲ୍ଲେଖ କରାଯାଇଥିଲା ଯେ କିଛି ରାଜ୍ୟରେ ବୁଲ୍‌ଡୋଜର ନ୍ୟାୟ ପ୍ରଚଳନ ହେଉଛି । ରାଜ୍ୟ ସରକାର ଅତୀତରେ କେବଳ ବେଆଇନ ନିର୍ମାଣକୁ ଭାଙ୍ଗୁଥିଲେ । ସଲିସେଟର ଜେନେରାଲ ତୁଷାର ମେହେଟ୍ଟା (୯ ପୃଷ୍ଠାରେ)


# 'ସମୟ' ଏକ ନିରବଚ୍ଛିନ୍ନ ପ୍ରୟାସ


କାଲିପରି ଲାଗୁଛି, କିନ୍ତୁ ଏହାଭିତରେ ବିତିଯାଇଛି ୨୭ ଟି ବର୍ଷ । ଠିକ ସେ ମନେପଡୁନି, ସେ ଦିନର ତାରିଖ ବା ସମୟ କଥା । ବୋଧହୁଏ ୧୯୯୭ ମସିହା ମାର୍ଚ୍ଚ ମାସର ପ୍ରଥମାର୍ଦ୍ଧ ଥିଲା । ସମ୍ବାଦପତ୍ରରେ ରୁଚି ରଖୁଥିବା କିଛି ବନ୍ଧୁଙ୍କ ସହ ମୁଁ ଚା' ଖଟିରେ ବସିଥାଏ । ଜଣେ ବନ୍ଧୁ ଆସି ଖବର ଦେଲେ ଯେ' ଖବରକାଗଜ 'ସମୟ' ନୂଆ ରୂପ ନେବ ଏବଂ ରଙ୍ଗୀନ ଖବରକାଗଜ ରୂପେ ପ୍ରକାଶ ପାଇବ । ଖବରଟା ଆମ ସମସ୍ତଙ୍କୁ ଖୁବ ଆନନ୍ଦିତ କରିଥିଲା ଏବଂ ଆମମାନଙ୍କ ମଧ୍ୟରେ ଖବରକାଗଜର ରୂପରେଖ ନେଇ ଅନେକ ଆଶା ସଂଚାର ହେଇଥିଲା ମଧ୍ୟ । କାରଣ ମାତ୍ର କିଛି ମାସର କାର୍ଯ୍ୟକାଳ ମଧ୍ୟରେ, ଏହା ଆମମାନଙ୍କ ମନ ଜିଣି ସାରିଥାଏ । ଖବରଟି ସତ ହେଲା ।

୧୯୯୭ ମସିହା ମାର୍ଚ୍ଚ ମାସ ୧୯ ତାରିଖରେ ସମୟ ଖବରକାଗଜ ଓଡ଼ିଶାର ପ୍ରଥମ ରଙ୍ଗୀନ ଖବରକାଗଜ ରୂପେ ଗୌରବର ସହ ଆତ୍ମପ୍ରକାଶ କଲା । କ୍ରମେ ପାଠକ ମାନଙ୍କର ଆଦୃତି ଲାଭ କରି, ଏହା ସାରା ରାଜ୍ୟର ଏକ ପ୍ରମୁଖ ସମ୍ବାଦପତ୍ର ଭାବରେ ଉଭା ହେଲା । ରଙ୍ଗୀନ ଖବରକାଗଜର ରୂପ ନେବାର କେଇମାସ ପୂର୍ବରୁ, ଅର୍ଥାତ ୧୯୯୬ ମସିହା ଅକ୍ଟୋବର ୨ ତାରିଖରେ, ଗାନ୍ଧୀ ଜୟନ୍ତୀ ଅବସରରେ, ଏହା ଜନ୍ମ ନେଇଥିଲା । ସେତେବେଳର ରାଜ୍ୟର ପ୍ରମୁଖ ରାଜନୀତିଜ୍ଞ ଏବଂ ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଏହି ମାନସ ସନ୍ତାନ ଏହାର ୨୭ ବର୍ଷର ଯାତ୍ରାରେ କେତେ ବାଧାବିଘ୍ନ ର ସାମ୍ନା କରିଛି, କିନ୍ତୁ ଏହାର ବିଶ୍ୱସନୀୟତା ହରାଇ ନାହିଁ, କାରଣ ଏହାପଛରେ ଅଛି, ଅଗଣିତ ପାଠକଙ୍କ ସ୍ନେହ ଓ ଶ୍ରଦ୍ଧା, ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ଆଶୀର୍ବାଦ । ପ୍ରତିଷ୍ଠାତା ବସନ୍ତ କୁମାର ବିଶ୍ୱାଳ ଜଣେ ସାମ୍ବାଦିକ ବା ସମ୍ପାଦକ ନ ଥିଲେ ସତ, କିନ୍ତୁ ସମ୍ବାଦପତ୍ର ପ୍ରତି ପ୍ରଗାଢ ଆସକ୍ତି ଥିଲା । ଛାତ୍ରାବସ୍ଥାରୁ ହିଁ ସେ ପ୍ରଜାତନ୍ତ୍ର ପରିସରକୁ ବାରମ୍ବାର ଯାଉଥିଲେ ଏବଂ ସେଠାରେ କାର୍ଯ୍ୟରତ ସମ୍ପାଦକ ଜାନକୀବଲ୍ଲଭ ପଟ୍ଟନାୟକ ଓ ପ୍ରଜାତନ୍ତ୍ର ପ୍ରଚାର ସମିତିର ମୁଖ୍ୟ ଡକଟର ହରେକୃଷ୍ଣ ମହତାବଙ୍କ ସହ ତାଙ୍କର ଘନିଷ୍ଠତା ତାଙ୍କର ଆଗ୍ରହକୁ ଦ୍ୱିଗୁଣିତ କରିଥିଲା । ସାଧାରଣ ଜୀବନକୁ ପ୍ରବେଶ କଲାପରେ, ସେ ପ୍ରଜାତନ୍ତ୍ର ସହ ଅଧିକ ନିକଟତର ହେଲେ । ସେ ପ୍ରଜାତନ୍ତ୍ର ପ୍ରଚାର ସମିତି ଟ୍ରଷ୍ଟର କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରି ଏହାର ପ୍ରସାରଣ ଓ ପ୍ରଚାରକୁ ବ୍ୟାପକ କରିପାରିଥିଲେ । ସେହି ସମୟରୁ ହିଁ ସେ ସ୍ୱପ୍ନ ଦେଖିଥିଲେ ଏକ ରଙ୍ଗୀନ ଓଡ଼ିଆ ଖବରକାଗଜ ପ୍ରକାଶ କରିବାପାଇଁ । ୪ର୍ଥ ସ୍ତମ୍ଭ ଗଣତନ୍ତ୍ରକୁ ଶକ୍ତିଶାଳୀ ନ କଲେ, ଗଣତନ୍ତ୍ର ସୁରକ୍ଷିତ ନୁହେଁ ବୋଲି ସେ ହୃଦୟଙ୍ଗମ କରିସାରିଥିଲେ । ଅନ୍ୟପକ୍ଷରେ, ସମ୍ବାଦପତ୍ର ହିଁ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ, ଏକ ପ୍ରମୁଖ ଭୂମିକା ନେଇପାରିବ ବୋଲି ତାଙ୍କର ଦୃଢ ବିଶ୍ୱାସ ଥିଲା ଏବଂ ନିଜ ସଂକଳ୍ପକୁ ଚରିତାର୍ଥ କରିବାପାଇଁ, ସେ ସୁଯୋଗ ଓ ସମୟର ଅପେକ୍ଷାରେ ଥିଲେ । କୁହାଯାଏ ଇଚ୍ଛା ଥିଲେ, ଉପାୟ ଆପେ ଆପେ ଆସେ । ସମୟ ଉପନୀତ ହେଲା । ସମୟର ପ୍ରତିଷ୍ଠାତା ଦୃଢ଼ମନା ବସନ୍ତ କୁମାର ବିଶ୍ୱାଳ ଦ୍ୱାରା ଏକ ଅତ୍ୟାଧୁନିକ ପ୍ରେସ ସ୍ଥାପନ କରାଗଲା ଏବଂ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ସାମ୍ବାଦିକ, ସମ୍ପାଦକ, ଲେଖକ ଓ କବିଙ୍କୁ ନେଇ ଅକ୍ଟୋବର ୨, ୧୯୯୬ରେ ପ୍ରକାଶ ପାଇଲା 'ସମୟ' । ତାଙ୍କରି ନିର୍ଦ୍ଦେଶନା ଓ ଦିଗଦର୍ଶନରେ, ପାଦ ପରେ ପାଦ ପକାଇ ଆଗକୁ ଅଗ୍ରସର ହେଲା 'ସମୟ' । ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସର୍ବତ୍ର 'ସମୟ' ଆଦୃତି ଲାଭ କଲା। ଏହା କେବଳ ବସନ୍ତ ବାବୁଙ୍କ ପ୍ରଗାଢ ନିଷ୍ଠା ଏବଂ ଭଲପାଇବା ଓ ନିଷ୍ଠା ଯୋଗୁଁ ସମ୍ଭବପର ହେଇପାରିଲା । ସେ ସମୟର କେତେକ କର୍ମଚାରୀଙ୍କ କହିବା ଅନୁସାରେ, ନିର୍ଦ୍ଧିଷ୍ଟ ସମୟ ପୂର୍ବରୁ 'ସମୟ' ର ମୁଦ୍ରଣ କାର୍ଯ୍ୟ ଶେଷ ହେବା ଏବଂ ତାହା ଦୂରଦୂରାନ୍ତକୁ ପ୍ରେରଣ ହେବା ଉପରେ ସେ ସର୍ବଦା ଧ୍ୟାନ ଦେଉଥିଲେ । ଉପମୁଖ୍ୟମନ୍ତ୍ରୀ ଭାବେ ସଚିବାଳୟରେ ନିଜର କାର୍ଯ୍ୟବ୍ୟସ୍ତ ଜୀବନ ମଧ୍ୟରେ ସେ ପ୍ରତ୍ୟେକ ଦିନ 'ସମୟ' ଅଫିସ ଯାଉଥିଲେ ଏବଂ ଭଲମନ୍ଦ ପଚାରି ବୁଝୁଥିଲେ । ସ୍ୱର୍ଗତ ବିଶ୍ୱାଳ କିନ୍ତୁ କେବେବି ଏହାର ସମ୍ପାଦନାରେ ମୁଣ୍ଡ ପୁରାଉନଥିଲେ ଯାହା 'ସମୟ'କୁ ଲୋକଙ୍କ ନିକଟତର କରିପାରିଥିଲା । ଏହା ପ୍ରାୟ ଖୁବ କମ ସମ୍ବାଦପତ୍ର ମାଲିକଙ୍କ କ୍ଷେତ୍ରରେ ଦେଖାଦିଏ ଯେଉଁଥିପାଇଁ ଅନେକ ସମ୍ବାଦପତ୍ର ଜନତାଙ୍କ ଆକ୍ରୋଶର ଶିକାର ହେଇଛି ଏବଂ ନିଶ୍ଚିହ୍ନ ହେଇଯାଇଛି ମଧ୍ୟ ।

ଏହି କିଛି ବର୍ଷ ତଳେ, ମୁଁ ଆଶୀର୍ବାଦ ପ୍ରକାଶନ ପ୍ରାଇଭେଟ ଲିମିଟେଡ଼ରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବରେ ଯୋଗ ଦେଲି ଏବଂ ମୋର ସୌଭାଗ୍ୟ, ପ୍ରବୀଣ ଲେଖକ, ବାଗ୍ମୀ ଓ ପ୍ରଗଲ୍‌ଭ ବକ୍ତା ସ୍ୱର୍ଗତ ସାତକଡ଼ି ହୋତା ସେତେବେଳେ ସମୟର ମୁଖ୍ୟ ସମ୍ପାଦକ ଥିଲେ । ତାଙ୍କ ସହ ଆଳାପ ଆଲୋଚନା ସମୟରେ ସେ ବହୁବାର କହିଛନ୍ତି,'ରାଜନୀତିରେ ଥାଇ ମଧ୍ୟ, ବସନ୍ତ ବାବୁ ମତେ କେବେବି କାହା ସପକ୍ଷରେ ବା ବିପକ୍ଷରେ କିଛି ଲେଖିବା ବା ପ୍ରକାଶ କରିବା ପାଇଁ କହିନାହାନ୍ତି ଯାହା ଥିଲା ତାଙ୍କର ବଡପଣିଆ ଏବଂ ଯେଉଁଥିପାଇଁ ଆଜି ସମୟ ଲୋକପ୍ରିୟତା ହାସଲ କରିପାରିଛି' । ଏହା ବାସ୍ତବିକ ସମୟର ସ୍ୱତନ୍ତ୍ରତା । ତେବେ ଆଜିର ଦିନରେ, ଡିଜିଟାଲ ମାଧ୍ୟମ ଗୁଡିକର ଲୋକପ୍ରିୟତା ମଧ୍ୟରେ, ଗୋଟିଏ ସମ୍ବାଦପତ୍ରକୁ ବଞ୍ଚାଇ ରଖିବା ସହଜ ନୁହେଁ ଏବଂ ଆମ ରାଜ୍ୟ ସହ ବିଭିନ୍ନ ରାଜ୍ୟରେ ଅନେକ ଖବରକାଗଜ ନିଶ୍ଚିହ୍ନ ହେଇଯାଇଛି ଏବଂ ଯେଉଁ କେତେକ ସମ୍ବାଦପତ୍ର ଆଜିବି ଏହାର ଲୋକପ୍ରିୟତା ବଳରେ ନିଜକୁ ବଞ୍ଚାଇ ରଖି ପାରିଛନ୍ତି, ତନ୍ମଧ୍ୟରୁ 'ସମୟ' ଅନ୍ୟତମ । ନୀରବଚ୍ଛିନ୍ନ ଭାବରେ ରୁଚିପୂର୍ଣ୍ଣ, ତ୍ରୁଟିହୀନ ଏବଂ ନିଚ୍ଛକ ଖବର ପହଞ୍ଚାଇବା ଏହାର ଧର୍ମ, ଯାହା ଏହାର ୨୭ ବର୍ଷର ଯାତ୍ରାକୁ ସଫଳ କରିପାରିଛି ଏବଂ ଆଶାକରିବା, ଆଗାମୀ ବର୍ଷଗୁଡିକରେ ମଧ୍ୟ, ଏହା ନିଜର ଗୁଣାତ୍ମକ ମାନ ବଜାଇ ରଖିବା ସହ ଲୋକଙ୍କ ପ୍ରିୟଭାଜନ ହେବ ଏବଂ ସମ୍ବାଦପତ୍ରର ଭୂମିକାକୁ ଅକ୍ଷରେ ଅକ୍ଷରେ ପାଳନ କରିବ ।

-ରାକେଶ ମହାନ୍ତି
ମୁଖ୍ୟ ସମ୍ପାଦକ






# ଗାନ୍ଧିଜୀଙ୍କ ଓଡ଼ିଶା ସ୍ମୃତି

ଗାନ୍ଧିଜୀ ତାଙ୍କ ଆଠଥର ଓଡ଼ିଶା ଗସ୍ତଭିତରେ ସବୁଠୁ ଅଧିକ ଦିନ ରହିଥିଲେ ୧୯୩୮ ମସିହାରେ । ମାର୍ଚ୍ଚ ୨୫ରୁ ୩୧ର ଏହି ସାତ ଦିନ ରହଣୀ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

ଓଡ଼ିଶାକୁ ଗାନ୍ଧିଜୀ ଅନେକ ଭଲ ପାଉଥିଲେ। ଏଠାରେ ତାଙ୍କର ସ୍ମୃତି ଚୀରଦିନ ପାଇଁ ସ୍ମରଣୀୟ ହୋଇରହିବ । ଦେଶବାସୀଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ପରଖିବା ସହ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ଜାତୀୟତା ପ୍ରତି ସୁପ୍ତ ଚେତନାକୁ ଜାଗ୍ରତ କରିବାର ଆଭିମୁଖ୍ୟ ନେଇ ଦେଶର ବିଭିନ୍ନ ଭାଗ ଗସ୍ତ କରିଥିଲେ ମହାତ୍ମା ଗାନ୍ଧି । ଓଡ଼ିଶାକୁ କରିଥିବା ଆଠଥର ଗସ୍ତଭିତରେ, ସର୍ବାଧିକ ଦିନ ରହିଥିଲେ ନିଜ ସପ୍ତମ ଗସ୍ତ କାଳରେ । ପୁରୀ ଜିଲ୍ଲାର ଡେଲାଙ୍ଗ ନିକଟସ୍ଥ ବେରବୋଇ ଗ୍ରାମରେ ସେ ଏହି ସମୟରେ ରହିଥିଲେ । ୧୯୩୮ ମାର୍ଚ୍ଚ ୨୫ରୁ ୩୧, ସେହି ସାତ ଦିନ ରାଜ୍ୟ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି ।

କର୍ଣ୍ଣାଟକର ହୁଦଲି ଠାରେ ଆୟୋଜିତ ଗାନ୍ଧୀ ସେବା ସଂଘର ତୃତୀୟ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିବା ଓଡ଼ିଶାର ପ୍ରତିନିଧି ଗୋପବନ୍ଧୁ ଚୌଧୁରୀ, କୃପାସିନ୍ଧୁ ହୋତା, ଆଚାର୍ଯ୍ୟ ହରିହର, ରମା ଦେବୀଙ୍କ ପ୍ରସ୍ତାବକ୍ରମେ ସ୍ଥିରୀକୃତ ହେଲା ଯେ ଏହାର ଚତୁର୍ଥ ବାର୍ଷିକ ସମ୍ମିଳନୀ ଓଡ଼ିଶାରେ ହିଁ ହେବ । ଶେଷରେ ରାଜ୍ୟର ପ୍ରତିନିଧିମାନେ ବେରବୋଇ ଠାରେ ଚତୁର୍ଥ ସମ୍ମିଳନୀ କରିବା ପାଇଁ ନିଷ୍ପତ୍ତି ନେଲେ । ୧୯୩୮ ମାର୍ଚ୍ଚ ୨୫ ରୁ ୩୧ ଯାଏ ବେରବୋଇ ଠାରେ ଏହି ଐତିହାସିକ ଆୟୋଜନ ହୋଇଥିଲା, ଏହି ସମ୍ମିଳନୀକୁ ଗାନ୍ଧୀ ସଭା କୁହାଯାଉଥିଲା । ଏହି ସମୟରେ ସ୍ଥାନୀୟ ଲୋକମାନଙ୍କ ପ୍ରୟାସରେ ଆୟୋଜନ କରାଯାଇଥିଲା ହସ୍ତଶିଳ୍ପ ଓ ତନ୍ତ ମେଳା । ବେରବୋଇ ସମ୍ମିଳନୀର ଆୟୋଜନ ପାଇଁ ବର୍ଷ ତମାମ ପ୍ରସ୍ତୁତି ଚାଲିଥିଲା । କୃପାସିନ୍ଧୁ ହୋତା, ବିନୋଦ କାନୁନ୍‌ଗୋ, ରମାଦେବୀ, ମନମୋହନ ଚୌଧୁରୀ ପ୍ରମୁଖ ପ୍ରସ୍ତୁତିରେ ଲାଗି ପଡ଼ିଥିଲେ । ଏହି ଅଧିବେଶନରେ ଯୋଗ ଦେବାକୁ ଥିବା ପ୍ରତିନିଧିମାନଙ୍କ ପାଇଁ ସେଠାରେ ରହଣି ଓ ଖାଦ୍ୟପେୟର ବ୍ୟବସ୍ଥା କରାଗଲା । ଏହି ଅଧିବେଶନରେ ୧୦ ମାଇଲ ପରିଧି ଭିତରେ ଚାଷ କରାଯାଇଥିବା ପନିପରିବା ଖାଦ୍ୟ ସାମଗ୍ରୀ ବ୍ୟବହୃତ ହେବ ବୋଲି ନିଷ୍ପତ୍ତି ନିଆଗଲା । ସେଥିପାଇଁ ବିଭିନ୍ନ ଗ୍ରାମକୁ ଯାଇ ଚାଷୀମାନଙ୍କୁ ପନିପରିବା ଚାଷ ଓ ଗୋପାଳନ କରିବାକୁ କୁହାଗଲା । ସେତେବେଳେ ଡେଲାଙ୍ଗ ଷ୍ଟେସନରେ ଏକ୍ସପ୍ରେସ୍ ରହଣିର ସୁବିଧା ନଥିଲା । ମାତ୍ର ଇଂରେଜ ଶାସନାଧୀନ ବେଙ୍ଗଲ-ନାଗପୁର ରେଲୱେ (ବିଏନ୍‌ଆର) ଗାନ୍ଧିଜୀଙ୍କ ସମ୍ମାନାର୍ଥେ ଏହାର ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ । ୧୯୩୮ ମସିହା ମାର୍ଚ୍ଚ ୨୫ ତାରିଖରେ ସକାଳ ସାତଟାରେ ହାଓ୍ୱଡ଼ା-ପୁରୀ ଟ୍ରେନ୍‌ରେ ଗାନ୍ଧିଜୀ ଆସି ପହଞ୍ଚିଥିଲେ । ରେଳବାଇ କର୍ତ୍ତୃପକ୍ଷ ବେରବୋଇ ଗାଁ ମଝିରେ ଏକ ଅସ୍ଥାୟୀ ରେଳଷ୍ଟେସନ କରିବା ସହ ସେଠାରେ କାଠ ଓ ବାଉଁଶରେ ପାହାଚ ତିଆରି କରିଥିଲେ । ତାଙ୍କ ସାଥିରେ ଥିଲେ ତାଙ୍କ ସହଧର୍ମିଣୀ କସ୍ତୁରବା, ପୁତ୍ର ମଣିଲାଲ, ପୁତ୍ରବଧୂ ସୁଶୀଳା, ନାତି ଅରୁଣ । କଂଗ୍ରେସର ବହୁ ଶୀର୍ଷସ୍ତରୀୟ ନେତା - ଗାନ୍ଧୀ ସେବା ସଂଘର ସଭାପତି କିଶୋରଲାଲ ମସରୁୱାଲା, ଡ.ପ୍ରଫୁଲ୍ଲ ଚନ୍ଦ୍ର ଘୋଷ, ଡ. ରାଜେନ୍ଦ୍ର ପ୍ରସାଦ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଆଚାର୍ଯ୍ୟ କୃପାଳିନୀ, ଗଙ୍ଗାଧର ରାଓ ଦେଶପାଣ୍ଡେ, ମୌଲାନା ଅବୁଲ କଲାମ ଆଜାଦ, ଗୋବିନ୍ଦ ବଲ୍ଲଭ ଭାଇ ପ୍ରମୁଖ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ବେରବୋଇ ସମ୍ମିଳନୀରେ ଶହ ଶହ ପୁରୁଷ ଓ ମହିଳା ଗାନ୍ଧିଜୀଙ୍କ ସାନିଧ ପାଇ ନିଜକୁ ଧନ୍ୟ ମଣିଥିଲେ । ପ୍ରାୟ ୭୦ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ ଏବଂ ସମସ୍ତେ ଏଥିପାଇଁ ଦୁଇ ପଇସା ଲେଖାଏଁ ଦେଇ ଟିକେଟ କିଣିଥିଲେ । ଏହି ଅବସରରେ ଭାଷଣ ଦେଇ ଗାନ୍ଧୀ କହିଥିଲେ ଯେ ଓଡ଼ିଶାର ଦୁଇଟି ଶତ୍ରୁ ହେଲା ନିଶା ଓ ଆଳସ୍ୟପରାୟଣତା । ଏହା ତ୍ୟାଗ କଲେ ଓଡ଼ିଶା ଅଚିରେ ଏକ ଉନ୍ନତ ରାଜ୍ୟ ହୋଇପାରିବ ବୋଲି ମତ ଦେଇଥିଲେ ।





ଡ଼ଃ.ଅରୁନ୍ଧତୀ ଦେବୀ
ମୋ: ୯୯୩୭୧୭୨୮୧୦

# ପ୍ରେରଣାଦାୟୀ ସରଳ ଜୀବନ

ଲାଲ ବାହାଦୂର ଶାସ୍ତ୍ରୀ ଉତ୍ତର ପ୍ରଦେଶର ମୋଗଲସରାଇଠାରେ ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ଦିନ ଜନ୍ମଗ୍ରହଣ କରିଥିଲେ । ନିଜର ବିନମ୍ରତା ପାଇଁ ଜଣାଶୁଣା ଲାଲ ବାହାଦୂର ଶାସ୍ତ୍ରୀଙ୍କ କୁଶଳ ନେତୃତ୍ୱ ଏବଂ ଜନକଲ୍ୟାଣକାରୀ ବିଚାର ପାଇଁ ସେ ବେଶ୍ ପରିଚିତ । ଛୋଟ ବେଳରୁ ତାଙ୍କ ଜୀବନ ସଂଘର୍ଷରେ ବିତିଥିଲା । ମାତ୍ର ୧୬ ବର୍ଷ ବୟସରେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇ ଲାଲ ବାହାଦୂର ଶାସ୍ତ୍ରୀ ଭାରତକୁ ସ୍ୱାଧୀନତା ଦେବାକୁ ଲଢିଥିଲେ । ସମସ୍ତଙ୍କ ଲାଗି ଅସରନ୍ତି ପ୍ରେରଣାର ଉତ୍ସ ଥିଲେ ସ୍ୱାଧୀନ ଭାରତର ଦ୍ୱିତୀୟ ପ୍ରଧାନ ମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ । ସେ ଜଣେ ବାହାଦୂର ନେତା ଭାବେ ସମସ୍ତଙ୍କ ମନରେ ସ୍ମରଣୀୟ ରହିଛନ୍ତି । ଦେଶରେ ସେତେବେଳେ ଘଟିଥିବା ଏକ ରେଳ ଦୁର୍ଘଟଣାରେ ଅନେକ ଯାତ୍ରୀଙ୍କ ପ୍ରାଣହାନୀ ଘଟିଥିଲା ଏବଂ ଏଥିପାଇଁ ସେ ନୈତିକ ଦାୟିତ୍ୱ ନିଜ ମୁଣ୍ଡକୁ ନେଇ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ । ଶାସ୍ତ୍ରୀଜୀଙ୍କ



ଏଭଳି ଅଭୂତପୂର୍ବ ସିଦ୍ଧାନ୍ତକୁ ଆଜି ସୁଦ୍ଧା ସଂସଦ ଏବଂ ସାରା ଦେଶରେ ପ୍ରଶଂସା କରାଯାଇଆସୁଛି । ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁ ଏହି ଘଟଣା ସମ୍ପର୍କରେ ସଂସଦରେ ବକ୍ତବ୍ୟ ରଖି ଲାଲ ବାହାଦୂର ଶାସ୍ତ୍ରୀଙ୍କ ନିଷ୍ଠା ଏବଂ ଉଚ୍ଚ ଆଦର୍ଶବାଦକୁ ଭୂୟସୀ ପ୍ରଶଂସା କରିଥିଲେ । ଶାସ୍ତ୍ରୀଜୀ ଦେଶର ପ୍ରଧାନମନ୍ତ୍ରୀ ଥିବା ସମୟରେ ପାକିସ୍ତାନ ସହ ଯୁଦ୍ଧଲଢ଼ି ନିଜର ପରାକ୍ରମ ଦେଖାଇପାରିଥିଲା ଭାରତ । ମୂଲ୍ୟବୋଧ ଏବଂ ସିଦ୍ଧାନ୍ତ ଉପରେ ଆଧାରିତ ଶାସ୍ତ୍ରୀଜୀଙ୍କ ଜୀବନ ଦେଶବାସୀଙ୍କ ପାଇଁ ସୁବୁବେଳେ ପ୍ରେରଣାର ସ୍ରୋତ ହୋଇ ରହିବ । ଶାସ୍ତ୍ରୀ ଦେଶର କୃଷକ ଏବଂ ଶ୍ରମିକମାନଙ୍କର ନେତା ଭାବରେ ମଧ ଜଣାଶୁଣା । ସେ ଜୟ ଯବାନ, ଜୟ କିଷାନଙ୍କ ସ୍ଲୋଗାନ ଦେଇଥିଲେ । ପଣ୍ଡିତ ଜବାହରଲାଲ ନେହେରୁଙ୍କ ମୃତ୍ୟୁପରେ ୧୯୬୧ମସିହା ଜୁନ ୯ରେ ଲାଲ ବାହାଦୂର ଶାସ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ପ୍ରଧାନମନ୍ତ୍ରୀ କାର୍ଯ୍ୟକାଳରେ ତାଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହି ସମୟରେ ସେ ଦେଶରୁ ଖାଦ୍ୟ ସଙ୍କଟ ଦୂର କରିବା ପାଇଁ ଲୋକଙ୍କୁ ଅନେକ ପରାମର୍ଶ ଦେବା ସହିତ ନିଜେ ମଧ ସେହି ପରାମର୍ଶକୁ ଅନୁକରଣ କରୁଥିବାର ଦେଖିବାକୁ ମିଳିଥିଲା । ରୁଷିଆର ପ୍ରଧାନମନ୍ତ୍ରୀ ଉଭୟ ଦେଶ ମଧରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ତାସ୍କେଣ୍ଟକୁ ଆମନ୍ତ୍ରଣ କଲେ । ୧୯୬୬ ମସିହା ଜାନୁଆରୀ ୧୦ ତାରିଖରେ ଲାଲ ବାହାଦୂର ଓ ପାକିସ୍ତାନର ରାଷ୍ଟ୍ରପତି ଆୟୁବ୍ ଖାଁ ତାସ୍କେଣ୍ଟଠାରେ ମିଳିତ ହେଲେ । ତାସ୍କେଣ୍ଟ ଠାରେ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେଲା, ମାତ୍ର ଶାନ୍ତିଦୂତ ଆଉ ସ୍ୱଦେଶ ଫେରିଲେ ନାହିଁ । ୧୯୬୬ ମସିହା ଜାନୁଆରୀ ୧୧ ରେ ତାଙ୍କର ସେଠାରେ ମୃତ୍ୟୁ ହୋଇଥିଲା ।

ରବିନାରାୟଣ ପଟ୍ଟନାୟକ
ମୋ: ୯୯୩୮୧୧୩୨୨୬

# ବ୍ଲୁ ବେବି ସିଣ୍ଡ୍ରୋମ୍

ଆଜିକାଲି ସମସ୍ତଙ୍କ ନିକଟରେ ବିଶେଷ କରି ଯୁବପିଢିଙ୍କ ପାଖରେ ହାର୍ଟ ସମସ୍ୟା ବଢିବାରେ ଲାଗିଛି । ଏହାର ଏକ ପ୍ରମୁଖ କାରଣ ରହୁଛି ଲାଇଫ୍ ଷ୍ଟାଇଲରେ ସମସ୍ୟା । ତେବେ ଏହି ସମସ୍ୟା କେବଳ ଯୁବପିଢି ନୁହେଁ ଛୋଟ ଶିଶୁଙ୍କ ପାଖରେ ମଧ ଦେଖାଦେବାର ସମ୍ଭାବନା ରହିଛି । କେତେକଙ୍କ କ୍ଷେତ୍ରରେ ଏକ ୟୁନିକ ସମସ୍ୟା ଦେଖିଦେଇଥାଏ, ଯାହାକୁ କାୟାନୋଟିକ୍ ହାର୍ଟ ଡିଜିଜ୍ କୁହାଯାଏ । ଏହି କଣ୍ଡିସନ୍‌ରେ ଜନ୍ମହୋଇଥିବା ଶିଶୁ ଓ ଖୁବ କମ ବୟସର ଶିଶୁମାନେ ପ୍ରଭାବିତ ହୋଇଥାଆନ୍ତି । ଏହି କଣ୍ଡିସନ୍‌କୁ ବ୍ଲୁ ବେବି ସିଣ୍ଡ୍ରୋମ କୁହାଯାଇଥାଏ କାରଣ ଏଥିରେ ଶିଶୁମାନଙ୍କର ସ୍କିନ୍,ଓଠ,ଜିଭ ଏପରିକି ନଖ ମଧ ନୀଳ ପଡିଯାଏ ।



ସେମାନେ ଜନ୍ମ ହେବା ସମୟରେ ତାଙ୍କୁ ଏହି ରୋଗ ହୋଇଥାଏ । ଏହି ରୋଗରେ ପୀଡିତ ଶିଶୁର ବ୍ଲଡରେ ଆବଶ୍ୟକ ମାତ୍ରାରେ ଅକ୍ସିଜେନ୍ ପ୍ରବାହିତ ହୋଇନଥାଏ । ତେଣୁ ଶରୀରରେ ଥିବା ଟିସୁ ଗୁଡିକରେ ଅକ୍ସିଜେନର ଅଭାବ ଦେଖାଦେଇଥାଏ । ଯାହାଫଳରେ ସ୍କିନ୍ ଓ ଅନ୍ୟ ସ୍ଥାନ ଗୁଡିକ ନୀଳ ପଡିବା ଆରମ୍ଭ ହୋଇଥାଏ । ଏହାର ଅନେକ ପ୍ରକାର ରହିଛି, ଏଥିମଧ୍ୟରୁ ଟେଟ୍ରାଲୋଜି ଅଫ ଫାଲୋଟ୍ ସବୁଠାରୁ ଅଧିକ ଶିଶୁଙ୍କ ନିକଟରେ ଦେଖିବାକୁ ମିଳିଥାଏ । ଏହା କାରଣରୁ ବିଭିନ୍ନ ହାର୍ଟ ସମସ୍ୟା ସହ ଶିଶୁଙ୍କର ଗ୍ରୋଥ୍‌ରେ ମଧ ପ୍ରଭାବ ପଡିଥାଏ । ସେହିଭଳି ଆଉ ଏକ କଣ୍ଡିସନ୍ ହେଲା ମେଥେମୋଗ୍ଲୋବିନେମିଆ ଯେଉଁଥିରେ ଶିଶୁଙ୍କର ଶରୀର ନୀଳ ଦେଖାଯାଇଥାଏ । ଏହି କଣ୍ଡିସନରେ ଶିଶୁର ଶରୀରରେ ଆବନର୍ମାଲ ହିମୋଗ୍ଲୋବିନ୍‌ର ବୃଦ୍ଧି ଘଟିଥାଏ ଯାହା ଅକ୍ସିଜେନ୍ ପ୍ରବାହରେ ସମସ୍ୟା ସୃଷ୍ଟି କରିଥାଏ । ତେବେ ଏହି ରୋଗ ପାଇଁ ଏହାର ଲକ୍ଷଣ ଚିହ୍ନିବା ଜରୁରୀ ଅଟେ । ଏହି ରୋଗ ହେଲେ ଶିଶୁଙ୍କୁ ନିଶ୍ୱାସ ନେବାରେ ଅସୁବିଧା, ଖାଦ୍ୟ ଖାଇବାରେ ଅନିଚ୍ଛା ପ୍ରକାଶ, ଫଟିଗୋ, ଚିଡଚିଡା ସ୍ୱଭାବ ବୃଦ୍ଧି ଘଟିଥାଏ । ଏହା ସମସ୍ତ ପ୍ରାଥମିକ ଲକ୍ଷଣ ହୋଇଥାଏ । ଏହି ରୋଗ ଚିହ୍ନଟରେ ବିଳମ୍ବ ହେଲେ ଏହା ଗମ୍ଭୀରହେବାର ସମ୍ଭାବନା ରହିଛି । ତେଣୁ ପ୍ରାଥମିକ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ନିକଟକୁ ନିଅନ୍ତୁ ।


# ଗୋଟିଏ ଷ୍ଟେସନ୍ ଦୁଇଟି ରାଜ୍ୟ

ଭାରତରେ ଅନେକ ଏଭଳି ସ୍ଥାନ ଅଛି, ଯାହା ସମସ୍ତଙ୍କ ଆଶ୍ଚର୍ଯ୍ୟ କରିଥାଏ । ଏଭଳି ଅନେକ ଘଟଣା ଘଟେ ଯାହାକୁ ବିଶ୍ୱାସ କରିବା କଷ୍ଟ ହୋଇପଡେ । ସେହିଭଳି ଏକ ଷ୍ଟେସନ ହେଲା ଭବାନୀ ମଣ୍ଡି ରେଳ ଷ୍ଟେସନ । ଯାହାକୁ ନେଇ ରହିଛି ଅନେକ ଅଜବ ଘଟଣା । ଏହି ଷ୍ଟେସନରେ ଯଦି ଏକ ଟ୍ରେନ୍ ଠିଆ ହୁଏ ତେବେ ଏହାର ଇଞ୍ଜିନ୍ ଗୋଟିଏ ରାଜ୍ୟର ଷ୍ଟେସନ୍‌ରେ ରହୁଥିବା ବେଳେ ବଗି ଅନ୍ୟ ଏକ ରାଜ୍ୟର ଷ୍ଟେସନ୍‌ରେ ରହିଥାଏ । ଏହି ନିଆରା ଷ୍ଟେସନ୍ ରହିଛି ରାଜସ୍ଥାନର ଝଲଓ୍ୱାର ଜିଲ୍ଲାରେ । ଟ୍ରେନ୍‌ଟି ଏହି ଷ୍ଟେସନ୍‌ରେ ଠିଆ ହେଲେ ଏହାର ଅଧା ରାଜସ୍ଥାନରେ ରହୁଥିବା ବେଳେ ଅଧା ମଧ୍ୟପ୍ରଦେଶରେ ରହିଥାଏ । ସେହିଭଳି ଏହି ଷ୍ଟେସନ୍‌ରେ ଲାଗିଥିବା ବୋର୍ଡରେ ଗୋଟିଏପଟେ ରାଜସ୍ଥାନ ଲେଖା ହୋଇଥିବାବେଳେ ଅନ୍ୟପଟେ ମଧ୍ୟପ୍ରଦେଶ ଲେଖାହୋଇଛି । ସେହିଭଳି କେତେକ ମଧ୍ୟପ୍ରଦେଶର ଯାତ୍ରୀ ରାଜସ୍ଥାନରେ ଥିବା ଟିକେଟ୍ କାଉଣ୍ଟରରେ ଟିକେଟ୍ କରିଥାଆନ୍ତି । କେବଳ ଯେ ରେଳ ଷ୍ଟେସନ୍ ତାହା ନୁହେଁ ଏଠାରେ କେତେକ ଘର ଅଛି ଯାହାର ଘର ରାଜସ୍ଥାନରେ ଥିଲା ବେଳେ କବାଟ ମଧ୍ୟପ୍ରଦେଶରେ ରହିଛି ।

## ସୋସିଆଲ କୋଟ୍ସ



"ଆମପାଇଁ ହିନ୍ଦୁସ୍ତାନ ଓ ପାକିସ୍ତାନ ଗୋଟିଏ । ପଞ୍ଜାବୀ କହୁଥିବା ବ୍ୟକ୍ତି ଯେଉଁଠି ବି ରୁହନ୍ତୁ, ପାକିସ୍ତାନରେ କିମ୍ବା ଭାରତରେ ସେମାନେ ସମସ୍ତେ ଗୋଟିଏ ।
ଦିଲଜୀତ୍ ଦୋସାଞ୍ଜା, ସିଙ୍ଗର



"ଗନ୍ଦି ବାତ୍‌ର କିଛି ସିନ୍ ଦେଖିବା ପରେ ବାପା ମାଆ ସମ୍ପର୍କ କାଟି ଦେଇଥିଲେ । ପାଖପଡୋଶୀ ଓ ସମ୍ପର୍କୀୟ ସେମାନଙ୍କୁ ବହୁତ କଥା କହୁଥିଲେ । ହେଲେ ସଫଳତା ମିଳିବା ପରେ ସମସ୍ତେ ଚୁପ ହେଲେ ।
ଅନ୍‌ଭେସି ଜୈନ, ଅଭିନେତ୍ରୀ



"ଖତରୋ କି ଖିଲାଡି ପାଇଁ ଅନେକ ପରିଶ୍ରମ କରିଛି । ମୋତେ ହାରିବାର ନଥିଲା । କେବଳ ଜିତିବା ହିଁ ମୋ ପାଖରେ ଅପସନ୍ ଥିଲା ।
କରଣ ବୀର ମେହେରା, ଅଭିନେତା

## ଇତିହାସ

୧୯୪୬ - ବୁଲ୍‌ଗେରିଆ ଉପରେ କମ୍ୟୁନିଷ୍ଟ ମାନଙ୍କର କବ୍‌ଜା ।
୧୯୪୯ - ସୋବିଏତ ସଙ୍ଘର ପିପୁଲ୍ସ ରିପବ୍ଲିକ୍ ଅଫ ଚାଇନାକୁ ମାନତ୍ୟା ପ୍ରଦାନ ।
୧୯୫୧ - ଶ୍ୟାମା ପ୍ରସାଦ ମୁଖାର୍ଜୀ ଭାରତୀୟ ଜନ ସଙ୍ଘର ସ୍ଥାପନା କରିଥିଲେ ।
୧୯୬୧ - ମୁମ୍ବାଇରେ ସିପିଂ କର୍ପୋରେସନ ଅଫ୍ ଇଣ୍ଡିଆର ଗଠନ ।
୧୯୮୨ - ତେହରାନ୍‌ରେ ବୋମା ବିସ୍ଫୋରଣରେ ୬୦ ଜଣଙ୍କର ମୃତ୍ୟୁ, ୭୦୦ ଆହତ ।
୧୯୯୬ - ବୁଲ୍‌ଗେରିଆର ପୂର୍ବ ପ୍ରଧାନମନ୍ତ୍ରୀ ଏଣ୍ଡ୍ରି ଲୁକାନୋବଙ୍କର ହତ୍ୟା ।
୨୦୦୧ - ଆଫଗାନିସ୍ତାନ ଉପରେ ଆକ୍ରମଣ ପାଇଁ ନାଟୋର ଗ୍ରୀନ୍ ସିଗ୍‌ନାଲ ପ୍ରଦାନ ।
୨୦୦୬ - ଜର୍ଜିଆରେ ଅନୁପ୍ରବେଶକାରୀ ଭାବେ ଗିରଫ ହୋଇଥିବା ଚାରି ଜଣ ଋସ ଅଧିକାରୀଙ୍କୁ ମୁକ୍ତି ଦିଆଯାଇଥିଲା ।
୨୦୦୭ - ଋସ ଗ୍ରୀଷ୍ମକାଳୀନ ବିଶେଷ ଅଲିମ୍ପିକ୍ସ ଚୀନ୍‌ରେ ଆରମ୍ଭ ହୋଇଥିଲା ।
୨୦୦୯ - ଆୟରଲାଣ୍ଡ୍ ସମ୍ବିଧାନରେ କରାଯାଇଥିବା ସଂଶୋଧନକୁ ମଞ୍ଜୁରୀ ।
୨୦୧୨ - ସୁରକ୍ଷାକୁ ବଢାଇବା ପାଇଁ ୟୁରୋପରେ ଥିବା ପାଓ୍ୱାରଷ୍ଟେସନରେ ଲଗାଯିବାକୁ ଥିବା ରିଆକ୍ଟରର ମୂଲ୍ୟ ୨୫ ବିଲିଅନ ୟୁରୋ ହେବ ବୋଲି ରିପୋର୍ଟ ପ୍ରକାଶିତ ।
୨୦୧୨ - ନାଇଜେରିଆରେ ୨୦ ଛାତ୍ରଙ୍କର ହତ୍ୟା କରାଯାଇଥିଲା ।

### ମାହାଙ୍ଗା ଡବଲ ମର୍ଡର

# ପ୍ରତାପ ଜେନାଙ୍କ ବିରୋଧରେ ଗ୍ରହଣ ମାମଲା ଓ ପ୍ରୋସିଡ଼ିଂ କୁ ରଦ୍ଦ କଲେ ହାଇକୋର୍ଟ

କଟକ,(ସବ୍ୟୁ): ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ଆଜି ହାଇକୋର୍ଟରୁ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛିଛ ଏହି ମାମଲାରେ ହାଇକୋର୍ଟ ଶ୍ରୀ ଜେନାଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ମାମଲା ଏବଂ ପ୍ରୋସିଡିଂ ଉଭୟକୁ ରଦ୍ଦ କରି ଦେଇଛନ୍ତିଛ ଏଫଆଇରେ ଏବଂ ଚାର୍ଜସିଟ୍ରେ ତାଙ୍କ ନାମ ନଥିଲାବେଳେ ନିମ୍ନ ଅଦାଲତ ତାଙ୍କ ନିଜଆଡୁ ଶ୍ରୀ ଜେନାଙ୍କ ନାମକୁ ତଦନ୍ତ ପରିସରଭୁକ୍ତ କରିଥିବାରୁ ଏହା ଆଇନ ଆଖରେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ ମତଦେବା ସହ ଆବେଦନକାରୀ ଶ୍ରୀ ଜେନାଙ୍କ ଆବେଦନକୁ ଗ୍ରହଣ କରିଛନ୍ତି । ଶ୍ରୀ ଜେନାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ୫୯ପୃଷ୍ଠା ସମ୍ବଳିତ ରାୟରେ ସ୍ପଷ୍ଟ କରିଛନ୍ତି ଯେ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ବିଧାୟକ ଶ୍ରୀ ଜେନାଙ୍କ ବିରୋଧରେ ସାଲେପୁର ଜେଏମ୍ଏଫସିଙ୍କ ଅଦାଲତ ମାମଲା ରୂପେ ଗ୍ରହଣ କରିବା ସହ ୨୦୨୩ ଅକ୍ଟୋବର ୩୧ ତାରିଖ ଦିନ ହାଜର ହେବାଲାଗି ସମନ୍ କରିଥିଲେଛ ଏହାକୁ ନେଇ ବିଧାୟକ ଶ୍ରୀ ଜେନାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିଲା ଛ ଅପରପକ୍ଷରେ କଗ୍ନିଜାନ୍ସ ଏବଂ ଅଦାଲତରେ ତାଙ୍କ ବିରୋଧରେ ହୋଇଥିବା ପୁରା କ୍ରିମିନାଲ ପ୍ରୋସିଡିଂକୁ ରଦ୍ଦ ପାଇଁ ପ୍ରାର୍ଥନା କରି ବିଧାୟକ ଶ୍ରୀ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଛ ହାଇକୋର୍ଟ ୨୦୨୩ ନଭେମ୍ବର ୨ ତାରିଖରେ ନିମ୍ନ ଅଦାଲତଙ୍କ ଆଦେଶ ଉପରେ ରହିତାଦେଶ ଜାରି କରିଥିଲେ ଛ ସେବେଠାରୁ ଏହି ମାମଲାର ଶୁଣାଣି ବିଭିନ୍ନ ସମୟରେ ହୋଇ ଆସିଥିଲା । ଗତ ଏପ୍ରିଲ ୨୨ ତାରିଖରେ ଏହି ମାମଲାର ରାୟ ସଂରକ୍ଷିତ ରହିଥିଲା । ହାଇକୋର୍ଟ ଆଜି ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ସାଲେପୁର ଜେଏମ୍ଏଫସିଙ୍କର କୌଣସି ଅଧିକାର ନାହିଁ ପୂର୍ବତନ ବିଧାୟକ ଶ୍ରୀ ଜେନାଙ୍କୁ ଏହି ମାମଲାରେ ପକ୍ଷଭୁକ୍ତ କରିବାକୁଛ ଏପରିକି ଆବେଦନକାରୀଙ୍କ ବିରୋଧରେ ଦ୍ୱିତୀୟ ପ୍ରୋଟେଷ୍ଟ ପିଟିସନ୍ଙ୍କେ ତାଙ୍କୁ ଅତିରିକ୍ତ ଅଭିଯୁକ୍ତ ଭାବେ ଦର୍ଶାଯାଇଛି କିନ୍ତୁ ଏଥିପାଇଁ ଆବଶ୍ୟକ ପ୍ରମାଣପତ୍ର ନାହିଁ ଟା ଅପରପକ୍ଷରେ ଦୁଇଥର ଏହି ମାମଲାରେ ତଦନ୍ତ ହୋଇଥିଲେ ମଧ୍ୟ ଆବେଦନକାରୀଙ୍କ ବିରୋଧରେ ନା ମାମଲା ରୁଜୁ ହୋଇଛି ନା ଚାର୍ଜସିଟ୍ରେ ତାଙ୍କ ନାମ ଉଲ୍ଲେଖ ହୋଇଛିଛ ତେଣୁ ଏହି ଦୃଷ୍ଟିରୁ ଆବେଦନକାରୀଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ପ୍ରୋସିଡିଂ ଏବଂ କଗ୍ନିଜାନ୍ସ ବେଆଇନ ବୋଲି ହାଇକୋର୍ଟ ଉଲ୍ଲେଖ କରିବା ସହ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତିଛ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ. ଅଗ୍ରୱାଲ, ବରିଷ୍ଠ ଆଇନଜୀବୀ ଦେବୀ ପ୍ରସାଦ ଧଳ ଏହି ମାମଲା ପରିଚାଳନା କରୁଥିଲେଛ ଉଲ୍ଲେଖଯୋଗ୍ୟ ଯେ, ୨୦୨୧ ଜାନୁଆରୀ ୨ ତାରିଖରେ ମାହାଙ୍ଗାର ପୂର୍ବତନ ବ୍ଲକ୍ ଅଧକ୍ଷ ତଥା ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଥିଲାଛ ହତ୍ୟାକାଣ୍ଡକୁ ନେଇ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଥିଲାଛ ମୃତ କୁଳମଣି ବରାଳଙ୍କ ପୁତ୍ର ସ୍ୱର୍ଗତ ରମାକାନ୍ତ ବରାଳ ପରଦିନ ଅର୍ଥାତ୍ ୩ ତାରିଖରେ ହତ୍ୟା ଘଟଣା ନେଇ ୧୩ଜଣଙ୍କ ନାମରେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତେବେ ଅନ୍ୟ ଜଣେ ଅଭିଯୁକ୍ତ ଭାବେ ମାହାଙ୍ଗାର ସେତେବେଳର ବିଧାୟକ ଥିବା ପ୍ରତାପ ଜେନାଙ୍କ ନାମକୁ ନିମ୍ନ ଅଦାଲତ ମାମଲା ରୂପେ ଗ୍ରହଣ କରିଥିଲେଛ ଏହାକୁ ବିରୋଧ କରି ଶ୍ରୀ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।




## ଭୋକରେ ଆଉଟୁ ପାଉଟୁ ହେଉଛନ୍ତି ୫ ବାପ ଛେଉଣ୍ଡ

ବେତନଟୀ(ସବ୍ୟୁ) : ଖାଇବାକୁ ଅନ୍ନ ମୁଠେ ମିଳୁନାହିଁ ପେଟର ଭୋକରେ ଆଉଟୁ ପାଉଟୁ ହେଉଛନ୍ତି ୫ ଅନାଥ ଶିଶୁଙ୍କ ସହ ତାଙ୍କ ବିଧବା ମାଆ ସୂଚନା ମୁତାବକ ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମପଞ୍ଚାୟତର ସ୍ୱର୍ଗତ ବଇଲା ହାଁସଦାଃଙ୍କ ଝିଅ ବାସନ୍ତୀ ଟୁଡୁ ଢେଙ୍କାନାଳ ଜିଲ୍ଲାର ଗଁନ୍ଦିଆ ବ୍ଲକ ଅନ୍ତର୍ଗତ କୁମ୍ଭେଇବେଣା ଗ୍ରାମର ସ୍ୱର୍ଗତ ବିନୋଦ ଟୁଡୁଙ୍କୁ ବିବାହ କରିଥିଲେ କୌଣସି ପ୍ରକାରରେ ମୂଲ ମଜୁରୀ କରି ପରିବାର ଚାଲୁଥିଲା ହଠାତ ଦେଢ ବର୍ଷ ତଳେ ପତ୍ନୀ ବାସନ୍ତୀ ଗର୍ଭବତୀ ଥିବା ସମୟରେ ସ୍ୱାମୀ ବିନୋଦଙ୍କ ଅକାଳ ମୃତ୍ୟୁ ହେଲା ବିନୋଦଙ୍କ ମୃତ୍ୟୁ ବେଳକୁ ବାସନ୍ତୀ ଆହୁରି ୪ ଜଣ ସନ୍ତାନ ଥିଲେ ସ୍ୱାମୀଙ୍କ ମୃତ୍ୟୁପରେ କୌଣସି ପ୍ରକାରେ ପଞ୍ଚମ ସନ୍ତାନଟି ଜନ୍ମ ନେଇଥିଲା ସନ୍ତାନ ଜନ୍ମପରେ ୫ଟି ପିଲା ବାସନ୍ତୀଙ୍କ ପାଇଁ ବୋଝ ପାଲଟିଲା ସ୍ୱାମୀଙ୍କୁ ହରାଇବା ପରେ ନିରୁପାୟ ହୋଇ ସେ ବାପଘର ଗାଁ ମୟୂରଭଞ୍ଜ ଜିଲ୍ଲାର କରକଚିଆ ଗ୍ରାମକୁ ମୁଣ୍ଡ ଗୁଞ୍ଜିବାକୁ ପଳାଇଆସିଲେ ହେଲେ ଏଠାରେ ତାଙ୍କର ସ୍ୱର୍ଗତ ପିତାଙ୍କର ପରିତ୍ୟକ୍ତ ଘର ଛଡା ଆଉ କେହି ନଥିବାରୁ କୌଣସି ପ୍ରକାରେ ବିଲବାଡି କାମ କରି କିଛିଦିନ ପିଲାମାନଙ୍କ ମୁହଁରେ ଦାନାଗଣ୍ଡେ ଦେଉଥିଲେ କୋଳର ଥିବା ପାଞ୍ଚ ସାତ ମାସର ଶିଶୁକୁ ଧରି ବର୍ଷା ଖରାରେ ବିଲକାମ କରି ପରିବାର ଚଳାଉଥିଲେ ହେଲେ ଏବେ ବିଲକାମ ଶେଷ ହେବାରୁ ଆଉ କାମ ମିଳୁନାହିଁ ତେଣୁ କାମ ନମିଳିବାରୁ ଖାଦ୍ୟ ଯୋଗାଡ ସମ୍ଭବ ହେଉନାହିଁ ଖାଦ୍ୟ ଅଭାବ ସହ ପିନ୍ଧିବାକୁ ଲୁଗାପଟା ମଧ୍ୟ ନିଅଣ୍ଟ ନିଜେ ଛିଣ୍ଡାଲୁଗା ଓ ପିଲାମାନେ ମୁକୁଳା ଦେହରେ ପାନୀୟ ଜଳ ସଂଗ୍ରହ ପାଇଁ ସ୍ଥାନୀୟ ବିଦ୍ୟାଳୟକୁ ଆସୁଥିବାରୁ ପ୍ରଧାନ ଶିକ୍ଷକ, ଅନ୍ୟଜଣେ ଶିକ୍ଷୟିତ୍ରୀ କିଛି ଟଙ୍କା, ଚାଉଳ, ନୂଆ ପୁରୁଣା ଲୁଗା ଓ ପିଲାମାନଙ୍କ ପାଇଁ କିଛି ବସ୍ତ୍ର ଯୋଗାଇଦେଇଥିଲେ ଛୋଟଛୋଟ ପିଲାମାନେ ଭୋକରେ ଆଉଟୁ ପାଉଟୁ ହେଉଥିବାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନ ସମୟରେ କିଛି ଖାଦ୍ୟ ପିଲାମାନଙ୍କୁ ଖାଇବାକୁ ଦେବାର ବ୍ୟବସ୍ଥା କରିଛନ୍ତି ଏହା ସତ୍ତ୍ୱେ ପିଲାମାନଙ୍କ କ୍ଷୁଧା ନିବାରଣ ହୋଇପାରୁନାହିଁ ଚୁଲି ଜଳିବାକୁ ଘରେ ଚାଉଳ ମୁଠେ ନାହିଁ ଭୋକ ଉପାସରେ ଛୋଟ ଛୋଟ ପିଲାମାନେ ଦିନ ବିତାଉଛନ୍ତି ବିଭାଗୀୟ ଅଧିକାରୀମାନେ ଛୋଟ ଛୋଟ ପିଲାମାନଙ୍କର ପାଠ ପଢା ପାଇଁ ଛାତ୍ରାବାସରେ ନାମ ଲେଖାଇବା ସହ ପରିବାରଟିକୁ ଖାଦ୍ୟ ଯୋଗାଇଦେବାର ଆବଶ୍ୟକତା ରହିଛି । ଏନେଇ ପ୍ରଶାସନ ଯଥାଶୀଘ୍ର କିଛି ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।


*With Best Compliments From :*

**ORISSA STEEL TRADING CORPORATION**

Office : Plot No. 637, Mahanadi Vihar,
Near Jagannath Temple, Cuttack - 753004, Odisha.
Factory : At : Anjira, p.O. : Saragarh Mukundpur,
Near Balisahi




DADLS-36



ଓଡ଼ିଶା ସରକାର

## ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ
## ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

**୨ ଅକ୍ଟୋବର, ୨୦୨୪**

**ସକାଳ ଘ.୮.୪୦ମି.– ପ୍ରାର୍ଥନା ସଭା** **ଓଡ଼ିଶା ବିଧାନସଭା ପ୍ରାଙ୍ଗଣ**

ପବିତ୍ର ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ତା.୨.୧୦.୨୦୨୪ରିଖ ସକାଳ ଘ.୮.୪୦ମି. ସମୟରେ ବିଧାନସଭା ପ୍ରାଙ୍ଗଣସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହେବ ।

ଏହି ପ୍ରାର୍ଥନା ସଭାରେ

**ଶ୍ରୀଯୁକ୍ତ ରଘୁବର ଦାସ**, ମାନ୍ୟବର ରାଜ୍ୟପାଳ
**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**, ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀମତୀ ସୁରମା ପାଢ଼ୀ**, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା
**ଶ୍ରୀଯୁକ୍ତ ଭବାନୀ ଶଙ୍କର ଭୋଇ**, ମାନ୍ୟବର ଉପବାଚସ୍ପତି, ଓଡ଼ିଶା ବିଧାନସଭା
**ଶ୍ରୀଯୁକ୍ତ ମୁକେଶ ମହାଲିଙ୍ଗ**, ମାନ୍ୟବର ମନ୍ତ୍ରୀ,ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି
ଏବଂ ରାଜ୍ୟ ମନ୍ତ୍ରୀମଣ୍ଡଳର ମାନ୍ୟବର ମନ୍ତ୍ରୀଗଣ, ସାଂସଦ ଓ ବିଧାୟକବୃନ୍ଦ ଯୋଗଦେବେ ।

ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଆଶ୍ରମ ଭଜନ ଓ ରାମଧୂନ୍ ପରିବେଷଣ

ପୂର୍ବାହ୍ନ ୯ ଘଟିକା – ଗାନ୍ଧୀ ସ୍ମୃତିପୀଠ, ତେଲେଙ୍ଗାପେଣ୍ଠ, କଟକ
**ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ**
ମୁଖ୍ୟ ଅତିଥି– **ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**, ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅପରାହ୍ନ ଘ.୫.୪୫ ମିନିଟ୍** **ଜୟଦେବ ଭବନ, ଭୁବନେଶ୍ୱର**
**'ଓଡ଼ିଶାରେ ଗାନ୍ଧିଜୀ' ଶୀର୍ଷକ ଫଟୋଚିତ୍ର ପ୍ରଦର୍ଶନୀ**
ମାନ୍ୟବର ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ
ସନ୍ଧ୍ୟା ୬ ଘଟିକା
**'ଗାନ୍ଧୀ ଦର୍ଶନ' ସମ୍ପର୍କିତ ଆଲୋଚନା ଚକ୍ର, ଗାନ୍ଧୀ ଭଜନ ପରିବେଷଣ**
ମୁଖ୍ୟ ଅତିଥି– **ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ**, ମାନ୍ୟବର ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ, ଓଡ଼ିଶା
ସମ୍ମାନନୀୟ ଅତିଥି–**ଶ୍ରୀଯୁକ୍ତ ବାବୁ ସିଂହ**, ମାନ୍ୟବର ବିଧାୟକ, ଏକାମ୍ର, ଭୁବନେଶ୍ୱର
ସଭାପତି – **ଶ୍ରୀଯୁକ୍ତ ସଂଜୟ କୁମାର ସିଂହ**, ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
ମୁଖ୍ୟବକ୍ତା– **ଶ୍ରୀଯୁକ୍ତ ଗୌରାଙ୍ଗ ଚରଣ ପରିଡ଼ା**, ବିଶିଷ୍ଟ ଗାନ୍ଧିବାଦୀ ଚିନ୍ତକ ଏବଂ ଲେଖକ
**ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଗାନ୍ଧୀ ଭଜନ ପରିବେଷଣ ।**

ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ନିବେଦନ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR: 15001/13/0224/2425







DADLS-29


# ବିକାଶର ପରିଭାଷା : ବିକଶିତ ଓଡ଼ିଶା




- ଓଡ଼ିଶାବାସୀଙ୍କ ଆଧାତ୍ମିକ ଭାବାବେଗକୁ ସମ୍ମାନ ଜଣାଇ ଖୋଲିଲା ପୁରୀ ଶ୍ରୀମନ୍ଦିରର ୪ ଦ୍ୱାର ।
- ଶ୍ରୀଜଗନ୍ନାଥ ମନ୍ଦିରର ସୁରକ୍ଷା ଓ ରକ୍ଷଣାବେକ୍ଷଣ ସୁନିଶ୍ଚିତ କରିବ, ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ।
- **ଓଡ଼ିଆ ଅସ୍ମିତା** ପାଇଁ ଚଳିତ ବଜେଟରେ ୨୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ।
- ରାଜ୍ୟରେ ୨୦୨୯ ସୁଦ୍ଧା ୩.୫ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଅର୍ଥନୈତିକ ଅଭିବୃଦ୍ଧି ।
- ରାଜ୍ୟର ଗ୍ରାମାଞ୍ଚଳ, ଜନଜାତି ବହୁଳ ଓ ପାହାଡ଼ିଆ ଅଞ୍ଚଳରେ ସୁଦୃଢ଼ ହେବ ଟେଲି–ଯୋଗାଯୋଗ ।
- ଜଳଜୀବନ ମିଶନ ସୁନିଶ୍ଚିତ କରିବ ସମଗ୍ର ରାଜ୍ୟରେ ଗୃହ ଏବଂ ସାର୍ବଜନୀନ ସ୍ଥାନରେ ନିରାପଦ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ।
- ରାଜ୍ୟରେ ସମୃଦ୍ଧ କୃଷକ ନୀତି ପ୍ରଚଳନ କରାଯାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣାଯିବ ଓ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡି.ବି.ଟି.) ଜରିଆରେ ୪୮ ଘଣ୍ଟାରେ ହେବ ଦେୟ ପ୍ରଦାନ ।
- ବାଜରା ଜାତୀୟ ଶସ୍ୟ ଉତ୍ପାଦନ ଓ ଏହାର ବହୁଳ ବ୍ୟବହାର ଦ୍ୱାରା ଦେଶର **ବାଜରା ହବ୍** ଭାବେ ପରିଚିତ ହେବ ଓଡ଼ିଶା ।
- ପି.ଏମ୍. କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିରେ ରାଜ୍ୟକୁ ପ୍ରାପ୍ତ ୬୩୨ କୋଟି ୪୮ ଲକ୍ଷ ଟଙ୍କାରେ ୩୧ ଲକ୍ଷ ୬୨ ହଜାର ଚାଷୀ ଉପକୃତ ।
- ପ୍ରବାସୀ ଶ୍ରମିକମାନଙ୍କ ପାଇଁ **ଗୋଟିଏ ଦେଶ, ଗୋଟିଏ ରାସନ କାର୍ଡ** କାର୍ଯ୍ୟକାରୀ ସହ ଅତ୍ୟାବଶ୍ୟକ ଖାଦ୍ୟ ଯୋଗାଣକୁ ସୁଗମ କରିବା ନିମନ୍ତେ ବିଶେଷ ସଂସ୍କାର ଅଣାଯିବ ।
- ରାଜ୍ୟରେ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୪୫୦ ଟଙ୍କା, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୫୦୦ ଟଙ୍କା ଏବଂ କୁଶଳୀ ଓ ଉଚ୍ଚକୁଶଳୀ ଶ୍ରମିକଙ୍କ ମଜୁରି ଯଥାକ୍ରମେ ୫୫୦ ଟଙ୍କା ଓ ୬୦୦ ଟଙ୍କାକୁ ବୃଦ୍ଧି ।
- ଗ୍ରାମାଞ୍ଚଳରେ ୧୦ ଲକ୍ଷ ଗୃହ ଏବଂ ସହରାଞ୍ଚଳରେ ୫ ଲକ୍ଷ ଗୃହ ନିର୍ମାଣ ଲକ୍ଷ୍ୟ ରଖି ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପି.ଏମ୍.ଏ.ୱାଇ.)ର ସଂପୂର୍ଣ୍ଣ କାର୍ଯ୍ୟକାରିତା ଦିଗରେ ଗୁରୁତ୍ୱ ପ୍ରଦାନ ।
- ୫୯,୨୯୨ ହେକ୍ଟର ଚାଷଜମିକୁ ମିଳିବ ଜଳସେଚନ । ଅଚଳ ଜଳସେଚନ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ କରିବା ପାଇଁ ୧୦୮୪.୩୮ କୋଟି ଟଙ୍କାର ଯୋଜନା ଅନୁମୋଦନ ।
- ୧୦,୧୫୨ଟି ପୁରୁଣା ସଚଳ ପ୍ରକଳ୍ପର ସୁଦୃଢ଼ୀକରଣ ହେବ । ୨,୨୬,୮୮୬ ହେକ୍ଟର ଚାଷଜମିକୁ ମିଳିବ ବର୍ଦ୍ଧିତ ଜଳସେଚନ ସୁବିଧା ।
- ବୃତ୍ତଙ୍ଗ ବୃହତ ଜଳସେଚନ ପ୍ରକଳ୍ପ ଅନୁମୋଦନ ଲାଭ କରିବା ଫଳରେ ଦଶପଲ୍ଲା ଓ ନୟାଗଡ଼ର ୨୩ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ମିଳିବା ସହିତ ଲାଭବାନ ହେବେ ଉକ୍ତ ଅଞ୍ଚଳର ଚାଷୀକୁଳ ।
- ଜଳ ସଂରକ୍ଷଣ ନୀତି ପ୍ରଣୟନ ଦ୍ୱାରା ରାଜ୍ୟରେ ଆଡ଼ିବନ୍ଧ, ଆନିକଟ ଓ ବ୍ୟାରେଜ ନିର୍ମାଣ ଓ ରକ୍ଷଣାବେକ୍ଷଣ, ଆଭ୍ୟନ୍ତରୀଣ ଜଳପଥରେ ଉନ୍ନତି ଅଣାଯିବା ସହ ନଦୀଶଯ୍ୟା ଓ ତଟଗୁଡ଼ିକରୁ ନିୟମିତ ପଟୁମାଟି ନିଷ୍କାସନ ଓ ସେଗୁଡ଼ିକର ଖନନ ଦ୍ୱାରା ଜଳଭଣ୍ଡାରଗୁଡ଼ିକର ଉପଯୁକ୍ତ ପରିଚାଳନା ସୁନିଶ୍ଚିତ କରାଯିବ ।
- ବୁନ୍ଦା ଜଳସେଚନକୁ ପ୍ରୋତ୍ସାହିତ କରାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୂର୍ଣ୍ଣ ହେବ ବଲାଙ୍ଗିର, କଳାହାଣ୍ଡି, ବରଗଡ଼ ଓ ନୂଆପଡ଼ାର ୧୦ଟି ଜଳସେଚନ ପ୍ରକଳ୍ପ ।
- **ଲୋକଙ୍କ ବଜେଟ ୨୦୨୪**ରେ ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସୁଭଦ୍ରା ଯୋଜନାରେ ୧୦ ହଜାର କୋଟି ଟଙ୍କା ଓ ସମୃଦ୍ଧ କୃଷକ ଯୋଜନାରେ ୫୦୦୦ କୋଟି ଟଙ୍କାର ବ୍ୟୟବରାଦ ।
- ମହିଳା ସଶକ୍ତିକରଣ ଓ ସାମାଜିକ ସୁରକ୍ଷା କ୍ଷେତ୍ରରେ ଗତ ବଜେଟ ତୁଳନାରେ ଚଳିତ ବଜେଟରେ ୩ ଗୁଣା ଅଧିକ ବ୍ୟୟବରାଦ ।
- ଚଳିତ ବଜେଟରେ ମହିଳାମାନଙ୍କ ପାଇଁ ୧୭,୯୪୨ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା ଓ ଏହା ଗତ ବଜେଟ ତୁଳନାରେ ୧୮୮ ପ୍ରତିଶତ ଅଧିକ ।
- **ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା**ରେ ୫୦୦ କୋଟି ଟଙ୍କାର ବ୍ୟୟବରାଦ ।
- **ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା** ରାଜ୍ୟରେ ସୁନିଶ୍ଚିତ କରିବ ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଗୁରୁତର ରୋଗର ନିଦାନ ଓ ଚିକିତ୍ସା କ୍ଷେତ୍ରରେ ଆର୍ଥିକ ସୁରକ୍ଷା ।

**ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର**

OIPR: 15001/13/0161/2425



ସମୟ SAMAYA
ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ
ବୁଧବାର, ୨ ଅକ୍ଟୋବର ୨୦୨୪
28th ANNIVERSARY



## କାଶୀନଗର ବ୍ଲକ ସ୍ଥିତ ସିଧା ମଡଙ୍ଗ ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାର ଅଗ୍ରଣୀ ମହିଳା ସଙ୍ଗଠନ ଆକାଂକ୍ଷା ଓ ଲିଗାଲ ରିସୋରସ ଫର ସୋସିଆଲ ଆକ୍ସନ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ କାଶୀନଗର ବ୍ଲକ ସ୍ଥିତ ସିଧା ମଡଙ୍ଗ ଗ୍ରାମ ପଞ୍ଚାୟତ ସଭାଗୃହ ଠାରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିବା ସହିତ ଗ୍ରାମର ଏକ ଆବର୍ଜନା ରାସ୍ତାକୁ ସଫେଇ କାର୍ଯ୍ୟ କରାଯାଇଥିଲା ଏବଂ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଲିଗାଲ ରିସୋର୍ସ ଫର ସୋସିଆଲ ଆକ୍ସନ ଅନୁଷ୍ଠାନର ଉପଦେଷ୍ଟା ଭାଗ୍ୟ ଲକ୍ଷ୍ମୀ ନାୟକ ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଜଳ ଓ ପରିମଳ ବିଭାଗର ପର୍ଯ୍ୟବେକ୍ଷକ ଏ. ସୁନୀଲ ବାବୁ ସ୍ୱ ତା ହିଁ ସେବା ଓ ପରିବେଶ ଦୂଷିତ ରହିବା ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ରୋଗ ମଧ୍ୟ ଅଞ୍ଚଳରେ ବ୍ୟାପିଥାଏ ସଂପର୍କରେ ବୁଝାଇ ଥିଲେ । ଆକାଂକ୍ଷା ମହିଳା ସଙ୍ଗଠନ ର ସଭାନେତ୍ରୀ ଆଶା ଲତା ପାଣିଗ୍ରାହୀ ସ୍ୱଚ୍ଛତା ହିଁ ସେବା ସଂପର୍କରେ ସପଥ ପାଠ କରାଇଥିଲେ। ଓଡ଼ିଶା ଜୀବିକା ମିଶନ ସ୍ୱୟଂ ପ୍ରକଳ୍ପର ଜିଲ୍ଲା ସଂଯୋଜୀକା ପଲିଥିନର ବହୁଳ ବ୍ୟବହାର ଶରୀର ପାଇଁ କ୍ଷତିକାରକ ଉପରେ ବୁଝାଇ କହିଥିଲେ। ଅନ୍ୟାନ୍ୟ ଅତିଥିମାନେ ଯଥା ଆକାଂକ୍ଷା ମହିଳା ସଙ୍ଗଠନର ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଠୀ, ସଂପାଦିକା ମିନା କୁମାରୀ ଟହଲ, ଉପ ସଭାନେତ୍ରୀ ଅନୀତା ମିଶ୍ର କହିଥିଲେ ଯେ ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦା ସମସ୍ତେ ସୁସ୍ଥ ରହିଲେ ଦେଶର ଉନ୍ନତି ହେବ । ଏହି ସ୍ୱଚ୍ଛତା ହିଁ ସେବା ସେବା କାର୍ଯ୍ୟକ୍ରମକୁ ନିଜ ନିଜ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ଆଜିର ଆହ୍ୱାନ ।

## ଭଞ୍ଜସେନାର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷିତ

ବାରିପଦା, (ସବ୍ୟୁ) : ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି । ଯଥାକ୍ରମେ ବାରିପଦା ଅଧ୍ୟକ୍ଷ ଭାବେ ସଂଜୀବ୍ ରାଉତ, ରାଇରଙ୍ଗପୁର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଅଞ୍ଜନ ବରାଳ, ଶୃଙ୍ଖଳାଗତ କମିଟି ଅଧ୍ୟକ୍ଷ ଭାବେ ଆଇନ୍‌ଜୀବି ସତ୍ୟସ୍ୱରୂପ ଦାଶ, ଜିଲ୍ଲା ମହିଳା ଶାଖା ଅତିରିକ୍ତ ଦାୟିତ୍ୱ ତଥା ଜିଲ୍ଲା ଉପାଧ୍ୟକ୍ଷ ଭାବେ ନିମାଇଁ ତ୍ରିପାଠୀ, ଦକ୍ଷିଣା ମହାନ୍ତ, ଜିତେନ୍ଦ୍ର ହେମ୍ବ୍ରମ, କନିକା ବୋଷ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆବାହାକ ଭାବେ ରାକେଶ ବେହେରା, ଜିଲ୍ଲା ଆଦିବାସୀ ଶାଖା ସଭାପତି ଭାବେ ବାଲୁନ୍ ହାଁସଦାଃ, ଜିଲ୍ଲା ସୋସିଆଲ ମିଟି ସଂଯୋଜକ ଭାବେ ସନ୍ତୋଷ ଗିରି, ଜିଲ୍ଲା ସଂଯୋଜକ ଭାବେ ସାମନ୍ତ ଶେଖର ପାଲ, ଜିଲ୍ଲା ଯୁବ ଶାଖା ସଭାପତି ଭାବେ ଏସ.କେ ରାଜାଖାନ୍, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭାବେ ରବିନ ମହାନ୍ତି ଓ ଇଂ ରମଜାନ ବେଗ, ଜିଲ୍ଲା ଉପସଭାପତି ଭାବେ ଆଇନ୍‌ଜୀବି ମହମ୍ମଦ ଫିରୋଜ, ପ୍ରଶାନ୍ତ ମହାକୁଡ଼, ପ୍ରୀତମ ପଣ୍ଡା, ମନୋରଞ୍ଜନ ବାରିକ, ସାଫଲ୍ୟ ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବଛାତ୍ର ସଂଯୋଜକ ଭାବେ ସୂର୍ଯ୍ୟବର୍ଦ୍ଧନ ସିଂହଦେଓ, ଜିଲ୍ଲା ସଂଗଠନ ସମ୍ପାଦକ ଗଣେଶ ମହାନ୍ତି, ଜିଲ୍ଲା କ୍ରୀଡା ସଂଯୋଜିକା ଭାବେ ସୁଭଦ୍ରା ହେମ୍ବ୍ରମ, ଜିଲ୍ଲା ଛାତ୍ର ଶାଖା ସଭାପତି ଭାବେ କିସାନ ସାହୁ, ଜିଲ୍ଲା ଆଦିବାସୀ ଶାଖା କାର୍ଯ୍ୟକାରୀ ସଭାପତି ଶିବ ସିଂ ଓ ଗୋବିନ୍ଦ ମୁର୍ମୁ, ଜିଲ୍ଲା ସମ୍ପାଦକ ଭାବେ ପ୍ରଶାନ୍ତ ଦାସ, ରାଜୀବ ବେହେରା, ରୁପାଲୀ ରୂପନୀତା ବେହେରା, ଗୌରାଙ୍ଗ ଘଡେଇ ଓ ସମିତ ରାଉଳ ପ୍ରମୁଖଙ୍କ ନାମ ଘୋଷଣା କରାଯାଇଛି । ଆଗାମୀ ଦିନରେ ଆଉ ଗୋଟିଏ ଦୁଇଟି ପର୍ଯ୍ୟାୟରେ ବାକିଥିବା ସମସ୍ତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ମୁଖପାତ୍ର ମାନସ ବେହେରା ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି ।

## ପିପୁଲ୍ସ କଲେଜରେ ଅଭିଭାବକ-ଶିକ୍ଷକ ବୈଠକ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ପିପୁଲ୍ସ କଲେଜ ପକ୍ଷରୁ ସମ୍ମିଳନୀ କକ୍ଷରେ ଅଭିଭାବକ-ଶିକ୍ଷକ ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଆଡମିନିଷ୍ଟ୍ରେସନ ବରସାର ପ୍ରଦୀପ କୁମାର ଦାଶ, ଅଧ୍ୟାପକ ଆତ୍ମ ପ୍ରକାଶ ନାୟକ ଓ ଅଧ୍ୟାପିକା ଅନୀତା ଦେବୀଙ୍କ ସମେତ ୨ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଯୋଗ ଦେଇଥିଲେ । ଉକ୍ତ ବୈଠକ କାଳରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଛାତ୍ରଛାତ୍ରୀଙ୍କର ଅଟୋମେଟିଡ୍ ପରମାନେଣ୍ଟ ଆକାଡ଼େମିକ୍ ଆକାଉଣ୍ଟ୍ ରେଜିଷ୍ଟ୍ରି (ଆପାର) ଆଇଡି ଖୋଲିବା ନିମନ୍ତେ ଅଭିଭାବକମାନଙ୍କୁ ଅଗଗତ କରାଯାଇଥିଲା। ଏଥି ସହ ଏନେଇ ଆବଶ୍ୟକୀୟ ଫର୍ମ ପ୍ରଦାନ ସାଙ୍ଗକୁ ପୂରଣ ପଦ୍ଧତି ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଏହି ଆପାର ଆଇଡିରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ, ଜାତିଗତ, ବାସସ୍ଥାନ ଆଦି ସାଙ୍ଗକୁ ଅନ୍ୟାନ୍ୟ ପ୍ରମାଣପତ୍ର ଏଥିରେ ଉପଲବ୍ଧ ରହିବ ଯାହାକି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ କ୍ଷେତ୍ରରେ ସହାୟକ ହେବା ନେଇ ସୂଚନା ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଏକାଡେମିକ୍ ବରସାର ଅଧ୍ୟାପକ ସୁଶାନ୍ତ କୁମାର ସାହୁ ପରିଚାଳନା କରିଥିବା ବେଳେ ଏଥିରେ କିରାଣି ଚିତ୍ରସେନ ପ୍ରଧାନ ଓ ହର ପ୍ରସାଦ ମହାପାତ୍ର ସକ୍ରିୟ ସହଯୋଗ କରିଥିଲେ ।


## ଜିଲ୍ଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ବାରିପଦା ସ୍ଥିତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକ ନୃତ୍ୟ ପ୍ରତିଯୋଗିତାକୁ ଉଦ୍ଘାଟନ କରିବା ସହ କଳା ସଂସ୍କୃତି ଜିଲ୍ଲା ମୟୂରଭଞ୍ଜର ବିଭିନ୍ନ ଲୋକନୃତ୍ୟର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଅତିଥି ଭାବେ ଏମ.ପି.କେ. ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତାପସ କୁମାର ନାଏକ ଓ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁଦର୍ଶନ ପଣ୍ଡା ଯୋଗ ଦେଇଥିଲେ । କଣ୍ଟାପାଳ ହାଇସ୍କୁଲର ପ୍ରଧାନଶିକ୍ଷକ ଅମିତାଭ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । କେ.ସି.ଏମ, ବାଲିଡିହାର ପ୍ରଧାନଶିକ୍ଷକ ନଳୀନ କୁମାର ଚୌଧୁରୀ ଓ ପୂର୍ବତନ ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କୃତୀଶିକ୍ଷକ ଡଃ ଶଶୀଧର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଚାରକ ଭାବେ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଟୁଡୁ, ନୃତ୍ୟ ନିର୍ଦ୍ଦେଶକ ଅନୁବାଳା ମହାନ୍ତି ଓ ସୁଜିତ କୁମାର ମହାନ୍ତ ଯୋଗ ଦେଇଥିଲେ । ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ଶିକ୍ଷକ ନୟନ ଗିରି, ବସନ୍ତ ଦତ୍ତ, ଦୀପକ ରାମ ଓ ମନୋଜ କୁମାର ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କୃତୀ ଦଳକୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ବହଳଦା ବିଇଓ ଶୁଭଶ୍ରୀ ସିଂହ ଯୋଗ ଦେଇଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟ, ଦାନ୍ତିଆମୁହାଁ ପ୍ରଥମ, ବାରିପଦା ସ୍ଥିତ ବଳାଙ୍ଗୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଓଏଭି, ମୋରଡା ତୃତୀୟ ସ୍ଥାନ ଅଧିକାର କରିଛି। ପ୍ରଥମ ସ୍ଥାନ ଅଧିକାର କରିଥିବା ଦଳ ରାଜ୍ୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ।

## ଲକ୍ଷ୍ମୀନାରାୟଣ କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,(ସବ୍ୟୁ): ସ୍ଥାନୀୟ ଲକ୍ଷ୍ମୀନାରାୟଣ କଲେଜ ଜାତୀୟ ସେବା ସଂସ୍ଥା ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା- ୨୦୨୪' କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱଭାବ ସ୍ୱଚ୍ଛତା ଓ ସଂସ୍କାର ସ୍ୱଚ୍ଛତା ଭାବରେ ସମଗ୍ର ଭାରତ ବର୍ଷରେ ୧୫ ଦିନ ବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ସ୍ୱଚ୍ଛତା ଆମ ଦେଶର ସଂସ୍କାର ତଥା ନିଜ ପରିବାର, ଗ୍ରାମ ଓ ସହରକୁ ସ୍ୱଚ୍ଛଳ ରଖିବା ଆମର ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। କଲେଜ ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ଜାତୀୟ ସେବା ସଂସ୍ଥା ସଂଯୋଜକ ଡ. ଲାଲଧାରୀ ସିଂ ସଭାର ଉଦ୍ଦେଶ୍ୟ ଜ୍ଞାପନ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ପ୍ରାଧ୍ୟାପିକା ଡ. ଗୀତାରାଣୀ ଦୀକ୍ଷିତ, ଅଧ୍ୟାପକ ହିମାଂଶୁ ମହାକୁଡ଼, ଅଧ୍ୟାପକ ପଦ୍ମନାଭ ପ୍ରଧାନ, ଅଧ୍ୟାପକ ଡ.ମନୀଷ କୁମାର ଦ୍ୱିବେଦୀ, ଅଧ୍ୟାପିକା ସଂଯୁକ୍ତା ସାହା ତଥା ଜାତୀୟ ସେବା ଯୋଜନାର ଛାତ୍ର ଛାତ୍ରୀ ଯୋଗଦାନ କରିଥିଲେ । ସଭା କାର୍ଯ ପରେ ଝାରସୁଗୁଡ଼ାର ଝାଡେଶ୍ୱର ମନ୍ଦିର ପରିସରକୁ ସଫେଇ କରିଥିଲେ । ପ୍ରାଧ୍ୟାପକ ତପନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# ଶ୍ରୀତମଙ୍କ ମୃତ୍ୟୁକୁ ଦୁଇବର୍ଷ ବିତିଲା, ଚାର୍ଜସିଟ କୁ ନା



ନାଉଗାଁ,(ସବ୍ୟୁ) :ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ସୁଧକଁଠି କମଳ ଲୋଚନ ହାଇସ୍କୁଲ ର ନିରୀହ କୋମଳମତି ନବମ ଶ୍ରେଣୀ ଛାତ୍ର ଶ୍ରୀତମ ନାୟକଙ୍କ ମୃତ୍ୟୁ ଘଟଣା ଆଜିକୁ ଠିକ ଦୁଇବର୍ଷ ପୁରିଛି । ପରିବାର ପକ୍ଷ୍ୟରୁ ଶ୍ରୀତମଙ୍କୁ ବିଦ୍ୟାଳୟ ଭିତରେ ଥିବା ପୁଷ୍କରିଣୀରେ ଠେଲି ହତ୍ୟା କରାଯାଇଥିବା ନାଉଗାଁ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଉକ୍ତ ମୃତ୍ୟୁ ଘଟଣାରୁ ପୋଲିସ ପରଦା ହଟାଇ ପାରିଲା ନାହିଁ । ଦଶହରା ଛୁଟି ଓ ପବିତ୍ର ଗାନ୍ଧୀ ଜୟନ୍ତୀ ଦିନ ବିଦ୍ୟାଳୟ ମଧ୍ୟରେ ଅନଧିକାର ରୂପେ ରାତ୍ରି ଯାପନ କରୁଥିବା ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ବିଜୟ କୁମାର ସାହୁ ସକାଳେ ଶ୍ରୀତମଙ୍କୁ ଟିଉସନ କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବେଳେ ନଅଟା ତିରିଶ ମିନିଟରେ ଶ୍ରୀତମଙ୍କର ବିଦ୍ୟାଳୟ ମଧ୍ୟରେ ଥିବା ପୁଷ୍କରିଣୀରେ ପଡି କିଭଳି ମୃତ୍ୟୁ ହେଲା ଓ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଶ୍ରୀତମଙ୍କ ପରିବାରକୁ କିଭଳି ଶ୍ରୀତମ ଙ୍କ ମୃତ୍ୟୁ ଘଟଣା ବିଷୟରେ ଅବଗତ କରାଇଲେ ନାହିଁ ତାହା ସେତେବେଳେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ନାଉଗାଁ ପୋଲିସ ୨୧୮/୨୦୨୨ ରେ ଏକ ହତ୍ୟା ମାମଲା ରୁଜୁ କରି ଆଜି ପର୍ଯ୍ୟନ୍ତ ଚୁପ ହୋଇ ବସି ରହିଛି । ଜାତୀୟ ମାନବାଧିକାର କମିସନଙ୍କ ନିକଟରେ ଏହି ଅଭିଯୋଗ ଏବେ ବିଚାର ଚାଲିଥିବା ବେଳେ ପୋଲିସ ତଦନ୍ତ ଚାଲୁଥିବା ଓ କେଶ ଖୋଲା ଥିବା ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଆଜି ପର୍ଯ୍ୟନ୍ତ ପୋଲିସ କୋଟରେ ଚାର୍ଜସିଟ ମଧ୍ୟ ଦାଖଲ କରିନଥିବା ଜଣାପଡିଛି । ଏହି ଘଟଣାକୁ ନେଇ ସେତେବେଳେ ଅନେକ ଶିକ୍ଷା ଅନୁଷ୍ଠାନ , ଛାତ୍ରଛାତ୍ରୀ , ବିଭିନ୍ନ ସରପଞ୍ଚ ଘଟଣାର ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ପୋଲିସ ଏହି ଘଟଣାରେ ଆଜି ପର୍ଯ୍ୟନ୍ତ ଚାର୍ଜସିଟ ଦାଖଲ ନକରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଶ୍ରୀତମ ଯଦି ପୁଷ୍କରିଣୀରେ ଗାଧୋଇବା ପାଇଁ ଯାଇଥିଲେ ତେବେ ତାଙ୍କ ବହି ଖାତା ଓଦା ହେଲା କିପରି ଓ ଉକ୍ତ ଓଦା ବହି ଖାତାକୁ ତାଙ୍କର ଜୈନିକ ସହପାଠୀ ତାଙ୍କ ଘରେ ସାତ ଦିନ ଲୁଚାଇ ଖରାରେ ଶୁଖାଇ ଥାନାରେ ଦେଲେ କାହିଁକି ଏବଂ ସେ ବହି ଖାତାକୁ ଶ୍ରୀତମଙ୍କ ପରିବାରକୁ ଦେଖାଇ ଚିହ୍ନଟ କରାନଯାଇ ପୋଲିସ ତରବରିଆ ଭାବେ କୋର୍ଟ ରେ ଦାଖଲ କଲା କିପରି ବୋଲି ତାଙ୍କ ପରିବାର ପକ୍ଷ୍ୟରୁ ଅଭିଯୋଗ ହୋଇଛି । ଗୋଟିଏ ନିରୀହ ପନ୍ଦର ବର୍ଷର ନବମ ଶ୍ରେଣି ଛାତ୍ର ଦୁନିଆକୁ ଭଲାଭାବେ ବୁଝିବା ପୂର୍ବରୁ ତାଙ୍କୁ ଦୁନିଆରୁ ହଟାଇବା କାରଣ କଣ ତାହା ଜାଣିବାକୁ ସମସ୍ତେ ଚେଷ୍ଟା କରୁଥିବା ବେଳେ ପୋଲିସ ଅଦ୍ୟାବଧି ଉକ୍ତ ଘଟଣାରେ କାହାରିକୁ ପଚରା ଉଚରା କରି ନଥିବା ଓ ସମ୍ପୃକ୍ତ ଶିକ୍ଷକ ଏକ ରାଜନୈତିକ ଦଳକୁ ହାତବାରିସି କରି ପୁଣି ଉକ୍ତ ବିଦ୍ୟାଳୟରେ ପୁନଃ ନିଯୁକ୍ତି ପାଇ ସାକ୍ଷୀ ପ୍ରମାଣ ନଷ୍ଟ କରିବାରେ ସକ୍ଷମ ହୋଇଥିବା କୁହାଯାଉଛି । ତୁରନ୍ତ ଏହି ଘଟଣାରେ ଆଇନ ମନ୍ତ୍ରୀ ଦୃଷ୍ଟି ଆକର୍ଷଣ କରିବାକୁ ଶ୍ରୀତମଙ୍କ ପରିବାର ପକ୍ଷ୍ୟରୁ ଦାବି ହେଉଛି ।

## ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ

ଡେରାବିଶ ,(ସବ୍ୟୁ) : ଡେରାବିଶ ବ୍ଲକ ଚାନ୍ଦୋଳ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ କୁମାର ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭିଭାବକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କର ଏକକମାନଙ୍କ ପରିଚୟପତ୍ର ପ୍ରସ୍ତୁତି ସଂପର୍କରେ ବିଷଦ ଆଲୋଚନା କରାଯାଇଥିଲା । ଉଚ୍ଚ ମାଧମିକ ବିଦ୍ୟାଳୟର ଶୈକ୍ଷିକକର୍ତା ଅଧାପିକା ସ୍ମୃତି ଶ୍ରାବଣୀ ଓ ମୀନାକ୍ଷୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଧାପକ ବିନୟ କୁମାର ଷଡଙ୍ଗୀ, ମାନସ ରଂଜନ ଦାଶ, ଦିବ୍ୟ କୁମାର ଦାସ, ପ୍ରଦୀପ ରାଉତ, ସଂଜୟ କୁମାର ନାୟକ, ସୁକନ୍ୟା ମହାନ୍ତି ଓ ସାଶ୍ୱତୀ ପ୍ରଜ୍ଞା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


CAD-1237 idco Your power to grow | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL-II, IDCO, IDCO TOWER, BHUBANESWAR**

Tender Call Notice No-BBSR / ELECT-II IE-2751 24-25 / 3660 Dt.25.09.2024

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Repair & Renovation work for Air Conditioning system at multi activity center inside - BPUT Campus, Rourkela

| Procurement Officer | Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT-II/ e-11/24-25 | 03.10.2024 at 12.00 Hrs. | 17.10.2024 at 16.00 Hrs. |

Further details can be seen from the e-procurement portal **www.tenriersorissa gov in**. Corrigendum or Addendum if any will not be published in newspapers and can be seen in e-procurement portal as well in IDCO website.

Sd/-Divisional Head (Elect-II)
IDCO, Bhubaneswar

OIPR : 14003/11/0061/2425



**OFFICE OF THE ENGINEER-IN-CHIEF (CIVIL-CUM-ROADS), ODISHA, NIRMAN SOUDHA, BHUBANESWAR**
**GOVERNMENT OF ODISHA, "e"-PROCUREMENT NOTICE**
**WORKS DEPARTMENT**

B-351

E-mail: ceroads,bbsr@gmail.com

**Bid Identification No. CE-Roads-II-06/2024-25**

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Roadwork as mentioned below :
2. Nature of work : Road works
3. No. of work : 8 Nos.
4. Tender Paper cost : Rs. 10,000.00
5. Class of Contractor : 'A' Class/ Special Class/Super Class
6. Available of bid document of the website : From 10.00 A.M. of 04.10.2024 to 5.30 PM 22.10.2024
7. Date of opening of Bid : Dt.23.10.2024 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in** . Any addendum / corrigendum / cancellation of tender can also be seen in the said website.

OIPR : 34001/11/0004/2425

Sd/- Chief Engineer (Roads-II), Odisha


# ଗାନ୍ଧୀ ଜୟନ୍ତୀରେ ମନେପଡ଼େ ପଣସପଡ଼ିଆ ଗାନ୍ଧୀସ୍ମାରକୀ ପୀଠ

ନିଶ୍ଚିନ୍ତକୋଇଲ,(ସବ୍ୟୁ) : ଆସନ୍ତାକାଲି ହେଉଛି ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ଜୟନ୍ତୀ । ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ ବଡ଼କ୍ଷୀର ପଞ୍ଚାୟତ ଗୋପପୁର ପଣସପଡ଼ିଆ ଗାନ୍ଧୀ ସ୍ମାରକୀ ପୀଠରେ ଏହି ଦିବସ ପାଳନ ପାଇଁ ଭିଡ଼ ଲାଗିବ । ହେଲେ ଏହି ପୀଠରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି , ଏହା ଉପରେ ଥିବା ଛାତ ଜରାଜୀର୍ଣ୍ଣ ହୋଇ ପଡ଼ିଥିବାବେଳେ ଏହାର ପରିସର ବିଭିନ୍ନ ଅନାବନା ଗଛଲତା ରେ ଭରପୁର ହୋଇ ଜଙ୍ଗଲ ସଦୃଶ ପାଲଟିଛି । ଗାନ୍ଧୀ ଜୟନ୍ତୀ ପୂର୍ବରୁ ପୀଠ ପରିସରକୁ ସଫା ସୁତୁରା କରିବା ,ଗାନ୍ଧି ପ୍ରତିମୂର୍ତି ମଣ୍ଡପକୁ ରଙ୍ଗ ଦେବା ଏବଂ ପ୍ରତିମୂର୍ତ୍ତିର ରୂପରେଖକୁ ସଜାଡ଼ିବା ପାଇଁ ଗୁରୁତ୍ୱ ଦେବା କାହାର ମନେପଡୁନଥିବା ବେଳେ ଗାନ୍ଧୀ ଜୟନ୍ତୀ ପାଳନ କରିବାକୁ ଏଠାକୁ ଆସୁଥିବା ବିଭିନ୍ନ ରାଜନୈତିକ ଦଳ , ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ଭଦ୍ର ବ୍ୟକ୍ତିଙ୍କ ଏଥିପ୍ରତି ନଜର ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଚର୍ଚ୍ଚା ହେଉଛି । ଏହି ପୀଠର ଉନ୍ନତିକରଣ କିଭଳି ହେବ ସେଥିପ୍ରତି ପ୍ରଶାସନିକ ସ୍ତରରେ ଦୃଢ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି । ଗତ ୧୯୩୪ ମସିହାରେ ସ୍ୱାଧୀନତା ସଂଗ୍ରାମର ମୁଖ୍ୟ ପୁରୋଧା ମହାତ୍ମାଗାନ୍ଧୀ ଏହି ପଞ୍ଚାୟତର ପଣସପଡ଼ିଆ ନିକଟରେ ଥିବା ଏକ ଦଳିତ ସାହିରେ ରାତ୍ର ଯାପନ କରିଥିଲେ । ଏହାର ସ୍ମୃତିକୁ ମନେରଖିବା ପାଇଁ ପଣସପଡ଼ିଆକୁ ଗାନ୍ଧୀ ସ୍ମାରକୀ ପୀଠ ଭାବେ ନିଆଯାଇ ସେଠାରେ ଏକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ପ୍ରତ୍ୟେକ ବର୍ଷ ଗାନ୍ଧୀ ଜୟନ୍ତୀ ଏବଂ ତାଙ୍କ ମହାପ୍ରୟାଣ ଦିବସରେ ଏହି ବ୍ଲକର ବିଭିନ୍ନ ସ୍ଥାନରୁ ବହୁ ରାଜନୈତିକ ଦଳ ଓ ଅନୁଷ୍ଠାନ ଏଠାକୁ ଆସି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥାନ୍ତି । ଏହି ପୀଠର ଉନ୍ନତିକରଣ କରିବା ପାଇଁ ସେମାନଙ୍କ ଭାଷଣରେ ପ୍ରତ୍ୟେକ ବର୍ଷ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟରେ ପରିଣତ ହୁଏନାହିଁ । ଏହି ସ୍ମାରକୀପୀଠର ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ପାଇଁ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଇନଥିବାରୁ ଏ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।


# ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

**ସ୍ୱଚ୍ଛତା ହିଁ ସେବା ଓ ଗାନ୍ଧୀ ଜୟନ୍ତୀ ଅବସରରେ ପାରାଦ୍ୱୀପର ଜନ ସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ବିକାଶ ଆମର ସଂକଳ୍ପ :**

୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ ।
୩. ଘରର ଆବର୍ଜନା ଏଣେତେଣେ ନପକାଇ, ପୃଥକୀକରଣ କରି ପୌର ପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାୟିତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ ।
୫. ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳ ପଡିଆ ନିର୍ମାଣ ପାଇଁ ଉଦ୍ଦିଷ୍ଟ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ବିକାଶରେ ସହଯୋଗ କରନ୍ତୁ ।

*ସ୍ୱଚ୍ଛ ପାରାଦ୍ୱୀପ – ସୁସ୍ଥ ପାରାଦ୍ୱୀପ*

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ



**GOVERNMENT OF ODISHA : OFFICE OF THE SUPERINTENDING ENGINEER**
**RURAL WORKS DIVISION:KORAPUT**
e-Procurement for Building Works

PHONE:OFF: (06852):251263
email eerwkoraput@yahoo com

**Bid Identification No: SERWKPT-Online-04/2024-25 Dtd-25.09.2024**

O-321
Letter No. 3044 Dtd. 25.09.2024

1 Name of the Work : Repair & Renovation of Building Works for the year 2024-25
2 Total Numbers of Works : 17 nos
3 Approximate Estimate Cost : Rs. 2.10 to Rs. 8.40 Lakhs (Approximately)
4 Class of Contractor : "D" & "C" Class
5 Period of Completion : 2 Months
6 Other Details

| Procrument Officer | Bid Identification No | Availability of tender online bidding | |
|---|---|---|---|
| | | From | To |
| Superintending Enqineer, R.W.Division, Koraput | Online Tender/04/RWD-KPT/2024-25 | 03.10.2024 at 11.00 A.M | 17.10.2024 upto 5.30 P.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Add l. Chief Engineer
Rural Works Division, Koraput

OIPR : 25088/11/0004/2425


# ରଙ୍ଗଣୀ ହେବ ଆଦର୍ଶ ଜନଜାତି ଗାଁ

ରାଜନଗର ,(ସବ୍ୟୁ) :କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରଙ୍ଗଣୀ ପଂଚାୟତର ରଙ୍ଗଣୀ ଗାଁ ହେବ ଆଦର୍ଶ ଜନଜାତି ଗାଁ । ଗାଁରେ ୨୫ ପ୍ରତିଶତରୁ ଅଧିକ ଅର୍ଥାତ ୧୫୦ ଆଦିବାସୀ ପରିବାର ବାସ କରୁଥିବାରୁ ଗାଁକୁ ଆଦର୍ଶ ଜନଜାତି ଗାଁ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପକ୍ରିୟା ଆରମ୍ଭ ହୋଇଛି । ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଡ଼ିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ରଙ୍ଗଣୀ ଗାଁରେପହଂଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀପ୍ରଧାନ ଓ ଡ଼ିଏଫଓ ରଙ୍ଗଣୀ ପଂଚାୟତ ଅଫିସରେ ପହଂଚିଥିଲେ । ରଙ୍ଗଣୀ ଗାଁକୁ ଆଦର୍ଶ ଜନଜାତି ଗାଁ ଭାବେ ଘୋଷଣା କରାଯିବ । ସମସ୍ତ ଆଦିବାସୀ ପରିବାରକୁ ଜନଜାତି ସାର୍ଟିଫିକେଟ ସହିତ ସମସ୍ତ ଜନଜାତି ପରିବାରକୁ ଅଗ୍ରାଧିକାର ଭିତ୍ତିରେ ପ୍ରଧାନମନ୍ତ୍ରୀ ଆବାସ, ରାସନ କାର୍ଡ, ପିଇବା ପାଣି, ବିଦ୍ୟୁତ ସେବା ଯୋଗାଇ ଦିଆଯିବ । ଗାଁରେ ଚକାଚକ ରାସ୍ତା ସହିତ ଛୋଟ ମେଡ଼ିକାଲ ପ୍ରତିଷ୍ଠା କରାଯିବ ବୋଲି କହିଥିଲେ । ଏଥି ସହିତ ରଙ୍ଗଣୀ, ଭେକଟା ଓ ପଟ୍ଟାପାରିଆ ଗାଁର ଲୋକେ ୨୦୦୬ ରେ ଫରେଷ୍ଟ ରାଇଟ ଆକ୍ଟରେ ପଟ୍ଟା ମିଳିଥିଲେ ମଧ୍ୟ ତାର ପାଉତି କଟାଯାଉନାହିଁ ବୋଲି ଅଭିଯୋଗ କରିଥିଲେ । ଏଥି ସହିତ ଭେକଟା ଗାଁର ସେଟଲମେଣ୍ଟ ଆଜି ଯାଏଁ ହୋଇନଥିବାରୁ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେ ନେଇ କହିଥିଲେ । ବର୍ଷା ପରେ ସର୍ଭେ କରି ରିପୋର୍ଟ ଦେବା ସହିତ ସେଟଲମେଣ୍ଟ ପାଇଁ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲାପାଳ କହିଥିଲେ । ବିଡ଼ିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ରଙ୍ଗଣୀ ସରପଞ୍ଚ ଲୋପାମୁଦ୍ରା ଜେନା, ସମିତି ସଭ୍ୟ ତପନ କୁମାର ସାହୁ, ତାଳଚୁଆ ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି ବଳରାମ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ଏହା ପରେ ଜିଲ୍ଲାପାଳ ଚାଆଁରାକୋଲ୍ଲାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ରଙ୍ଗଣୀ ଜିପି ହାଇସ୍କୁଲରେ ପହଁଞ୍ଚି ବିଦ୍ୟାଳୟ ରେ ଭିତ୍ତିଭୂମି ଦେଖିଥିଲେ ।


**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**

E-mail ID: cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

B-352 File No. B-I-Home-35/2024 Lr. No. 37790 Dt. 26th Sept. 2024

**Invitation for Bids**

**Bid Identification No. C.E.-CUM-ADDL SECY. (B) 09 / 2024-25**

| | | | |
|---|---|---|---|
| 1. | The Chief Engineer-cum-Addl. Secretary, Works Dept., Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work **"Construction of New Annexe Building (B+G+5) on the premises of Orissa High Court" amounting to Rs.38,00,00,000/- (Approximate)** as detailed below. | | |
| 2. | Nature of work | : | Building Work |
| 3. | No. of work | : | 01 No. |
| 4. | Bid Cost. | : | Rs. 10,000/- (Each) |
| 5. | Class of Contractor | : | **Special / Super Class** |
| 6. | Availability of Bid Documents in the website | : | **From dt.04.10.2024 to 17.00 Hours of dt.19.10.2024** |
| 7. | Date of Opening of Bids | : | Dt. 21.10.2024 at 11.30 AM. |
| 8. | The Bidders have to participate in ONLINE bidding only. Further details can be seen from the website **: https://tendersodisha.gov.in.** Any addendum / corrigendum / cancellation of tender can also be seen in the said website only. | | |

Sd/- Chief Engineer-cum-Addl. Secretary
Works Dept., Odisha

OIPR : 34117/11/0023/2425



## ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା

gn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12 Dt. 02.05.2012

ରିଜର୍ଭ ବ୍ୟାଙ୍କ ଦ୍ୱାରା ଲାଇସେନ୍ସପ୍ରାପ୍ତ ୧୧୩ ବର୍ଷର ଅଗ୍ରଣୀ ବ୍ୟାଙ୍କ

E-mail ID-khordhaccbank@gmail.com, ceo@khordhaccbank.com

**ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ**

୧. ସିବିଏସ ଦ୍ୱାରା ୧୮ ଗୋଟି ଶାଖା, ୩ ଗୋଟି ସମ୍ପ୍ରସାରିତ ଶାଖା ଓ ଅନୁବନ୍ଧିତ ୧୯୨ ଗୋଟି ପିଏସିଏସ ରେ କୃଷି ଓ ବ୍ୟାଙ୍କିଙ୍ଗ ସେବା ପ୍ରଦାନ ।
୨. ୧,୦୦,୦୦୦/– ଟଙ୍କା ପର୍ଯ୍ୟନ୍ତ ସମିତିରୁ କୃଷି ଋଣ ନେଇ ଠିକ୍ ସମୟରେ ପରିଶୋଧ କଲେ ସୁଧ ଦେୟ ମୁକ୍ତ ଅଟେ ।
୩. ୧,୦୦,୦୦୧/– ଟଙ୍କାରୁ ୩,୦୦,୦୦୦/– ଟଙ୍କା ଋଣ ଉପରେ ମାତ୍ର ୨ ପ୍ରତିଶତ ହାରରେ ସୁଧ, ଭାଗଚାଷୀ ଓ ଭୂମିହୀନ ଚାଷୀଙ୍କୁ ବଳରାମ ଯୋଜନା ମାଧ୍ୟମରେ କୃଷି ଋଣ ପ୍ରଦାନ ।
୪. କୃଷକମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା, ଦୁର୍ଘଟଣା ଜନିତ ବୀମା ଓ ଜୀବନ ବୀମା ଉପଲବ୍ଧ ।
୫. ସରକାରୀ ମୂଲ୍ୟରେ ସମିତିରେ ବିହନ, ରାସାୟନିକ ସାର, ଜୈବିକ ସାର ଓ କୀଟନାଶକ ଔଷଧ ଯୋଗାଣ ବ୍ୟବସ୍ଥା ।
୬. କୃଷି ଆନୁଷଙ୍ଗିକ ମିଆଦୀ ଋଣ ଯଥା ଗାଇ, ଛେଳି, ମେଣ୍ଢା ପାଳନ, କୃଷି ଯନ୍ତ୍ରପାତି, ପୋଖରୀ ଖୋଳା, ମାଛ ଚାଷ, ଫଳ ଚାଷ, ଛତୁ ଚାଷ, ପାନବରଜ ଓ ଜଳସେଚନ ନିମିତ୍ତ ଋଣର କିସ୍ତି ଠିକ ସମୟରେ ପରିଶୋଧ କଲେ ଶତକଡା ୩ ଟଙ୍କା ସୁଧ ରିହାତି ବ୍ୟବସ୍ଥା ।
୭. ସମସ୍ତ ପ୍ରକାର ବ୍ୟବସାୟିକ ଭିତ୍ତିକ ଋଣ, ଗୃହ ଉପକରଣ କ୍ରୟ ଋଣ, ତନ୍ତୁବାୟ ଋଣ ଓ ସମ୍ପତ୍ତି ବନ୍ଧକ ଋଣ ଅତି କମ୍ ସୁଧରେ ଉପଲବ୍ଧ ।
୮. ଅତି ସହଜ, ସରଳୀକୃତ କାଗଜାତ ଓ କମ ସୁଧରେ ୨ ଚକିଆ ଓ ୪ ଚକିଆ ଯାନ ପାଇଁ ଋଣ ଉପଲବ୍ଧ ।
୯. ସ୍ୱର୍ଣ୍ଣ ବନ୍ଧକ ଋଣ ଅନ୍ୟ ବ୍ୟାଙ୍କ ତୁଳନାରେ ସ୍ୱଳ୍ପ ସୁଧ ଶତକଡା ମାସିକ ୮.୧ ହାରରେ ପ୍ରଦାନ ।
୧୦. ମିଶନ ଶକ୍ତି ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୫,୦୦,୦୦୦/– ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ।
୧୧. ଆର୍ଥିକ ସ୍ୱାବଲମ୍ବନ ପାଇଁ କ୍ଷୁଦ୍ର ବ୍ୟବସାୟ ଋଣ ବିନା ବନ୍ଧକରେ ୧,୦୦,୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ଉପଲବ୍ଧ ।
୧୨. IMPS, NEFT, RTGS, AEPS, PoS, CTS Clearing, ATM, Micro ATM ଓ RuPay କାର୍ଡ ମାଧ୍ୟମରେ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ।
୧୩. ସଦର ଶାଖା, ଭୁବନେଶ୍ୱର ମହିଳା ଶାଖା ଓ ଖୋର୍ଦ୍ଧା ମହିଳା ଶାଖା ଠାରେ Safe Deposit Locker ଉପଲବ୍ଧ ।
୧୪. ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ରେ ସମିତିମାନଙ୍କ ଦ୍ୱାରା ଖରିଫ ଓ ରବି ଫସଲ କ୍ରୟ କରି ଡିବିଟି ଦ୍ୱାରା ଅର୍ଥ ପ୍ରଦାନ ।
୧୫. ମିଆଦୀ ଜମା (ଫିକ୍ସିଡ ଡିପୋଜିଟ୍) ଓ ସଞ୍ଚୟ ଜମା (ସେଭିଙ୍ଗ୍ ଡିପୋଜିଟ୍) ଉପରେ ଅନ୍ୟାନ୍ୟ ବାଣିଜ୍ୟିକ ଓ ଗ୍ରାମ୍ୟ ବ୍ୟାଙ୍କ ଠାରୁ ଅଧିକ ସୁଧ ଦେବା ସହିତ ଜମା ରାଶି ବୀମା ଦ୍ୱାର ସୁରକ୍ଷିତ (DICGS) ଓ ବରିଷ୍ଠ ନାଗରିକମାନଙ୍କ ପାଇଁ ମିଆଦୀ ଜମା ଉପରେ ୦.୫ ପ୍ରତିଶତ ଅଧିକ ସୁଧ ପ୍ରଦାନ କରାଯାଏ ।

**ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ଶାଖା / ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।**

ଶ୍ରୀ ସାରଥୀ ଶତପଥୀ
ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.

ଶ୍ରୀଯୁକ୍ତ ଅଭିଷେକ ସିଂହ ସାମନ୍ତ
ସଭାପତି
ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ.



## କୃଷି ଓ କୃଷକଙ୍କ ପ୍ରଗତିରେ

**କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ମୟୂରଭଞ୍ଜ**
**AGRICULTURAL TECHNOLOGY MANAGEMENT AGENCY (ATMA), MAYURBHANJ**

**ମୟୂରଭଞ୍ଜ ଜିଲ୍ଲାରେ କୃଷି ଓ ଆନୁଷଙ୍ଗିକ କୃଷିର ବିକାଶ ନିମନ୍ତେ ୨୦୦୫ ମସିହାରୁ ପ୍ରତିଷ୍ଠିତ କୃଷି ବୈଷୟିକ ପରିଚାଳନା ସଂସ୍ଥା, ଆତ୍ମା, ମୟୂରଭଞ୍ଜ ନିମ୍ନ ଆଭିମୁଖ୍ୟ ନେଇ କାର୍ଯ୍ୟ କରି ଆସୁଅଛି ।**

- ଜିଲ୍ଲାରେ କୃଷିର ବିକାଶ ନିମନ୍ତେ Strategic Action Plan ପ୍ରସ୍ତୁତ କରି ଲକ୍ଷ୍ୟ ହାସଲ ଦିଗରେ କୃଷି ବିଭାଗ ଅଗ୍ରସର ।
- ଫସଲ ବିବିଧତା (Crop Diversification) ଉପରେ ଗୁରୁତ୍ୱ ପ୍ରଦାନ ଏବଂ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ।
- ଅଣଧାନ ଯଥା ମକା, ମୁଗ, ବିରି, ଚିନାବାଦାମ, ରାଶି, ମାଣ୍ଡିଆ ଫସଲ ଚାଷଉପରେ ଅଧିକ ପ୍ରାଧାନ୍ୟ ଓ ପ୍ରୋତ୍ସାହନ ।
- କୃଷି ଓ ଆନୁଷଙ୍ଗିକ ବିଭାଗ ଯଥା କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ଓ ମତ୍ସ୍ୟ ଉନ୍ନୟନ ବିଭାଗର କାର୍ଯ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ସମନ୍ୱିତ ଚାଷ ପଦ୍ଧତି ଉପରେ ପ୍ରୋତ୍ସାହନ ।
- ଉନ୍ନତ ଧରଣର ବିଭିନ୍ନ ଫସଲ ପ୍ରଦର୍ଶନୀ କ୍ଷେତ୍ର, କୃଷି ସମ୍ବନ୍ଧୀୟ ତାଲିମ, ଦକ୍ଷତା ବୃଦ୍ଧି ତାଲିମ, କୃଷକ କ୍ଷେତ୍ର ବିଦ୍ୟାଳୟ, ଶିକ୍ଷା ମୂଳକ ପରିଭ୍ରମଣ, କୃଷି ପ୍ରଦର୍ଶନୀ, କୃଷକ–ବୈଜ୍ଞାନିକ ଆଲୋଚନା ଚକ୍ର ଇତ୍ୟାଦି ଦ୍ୱାରା ଚାଷୀଙ୍କ ଜ୍ଞାନ ବୃଦ୍ଧି ନିମନ୍ତେ ବ୍ୟବସ୍ଥା ।
- କୃଷି ଓ ଆନୁଷଙ୍ଗିକ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ କୃଷି ଉପଦେଷ୍ଟା ମଣ୍ଡଳୀର ସଭ୍ୟମାନଙ୍କର ତାଲିମ, ବିଭିନ୍ନ ବୈଷୟିକ ଓ ସୂଚନାମୂଳକ ପୁସ୍ତିକା ପ୍ରସ୍ତୁତି ଓ ବଣ୍ଟନ ।
- ବଳରାମ ଯୋଜନା ଆନୁକୁଲ୍ୟରେ ଭୂମିହିନ ଓ ଭାଗଚାଷୀଙ୍କ ପାଇଁ ଫସଲ ଋଣ ବ୍ୟବସ୍ଥା ।
- ପ୍ରତ୍ୟେକ ବ୍ଲକରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ କୃଷକମାନଙ୍କୁ କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ ।
- ଆଗ୍ରହୀ କୃଷକ ଗୋଷ୍ଠୀ, ମହିଳା କୃଷକ ଗୋଷ୍ଠୀ ଗଠନ ଓ ପ୍ରଶିକ୍ଷଣ ।
- ସଫଳ କୃଷକ ଓ କୃଷକ ଗୋଷ୍ଠୀଙ୍କୁ ସମ୍ମାନ ଓ ପ୍ରୋତ୍ସାହନ ବ୍ୟବସ୍ଥା ।
- ମହିଳା କୃଷକ ଗୋଷ୍ଠୀ ମାନଙ୍କର ସାମୁହିକ ବିକାଶ ନିମନ୍ତେ, ଦକ୍ଷତା ବୃଦ୍ଧି ତାଲିମ୍ ଏବଂ ମୂଳରାଶି ପ୍ରଦାନ ।

**କୃଷି ବୈଷୟିକ ପରିଚାଳନା ସଂସ୍ଥା, ମୟୂରଭଞ୍ଜ.................ସଦା ସର୍ବଦା କୃଷକଙ୍କ ସେବାରେ କାର୍ଯ୍ୟରତ**

ସ୍ୱା/- ପ୍ରକଳ୍ପ ନିର୍ଦ୍ଦେଶକ
କୃଷି ବୈଷୟିକ ପରିଚାଳନା ସଂସ୍ଥା
ଆତ୍ମା, ମୟୂରଭଞ୍ଜ


# ମୋବାଇଲ ପାଇଁ ନାବାଳକର ଆତ୍ମହତ୍ୟା

ପାଣିକୋଇଲ,(ସବ୍ୟୁ) :ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତ ମିର୍ଜାପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ଏକ ମୋବାଇଲକୁ କେନ୍ଦ୍ର କରି ଏକ ନାବାଳକ ଆତ୍ମହତ୍ୟା କରିଥିବାର ସୁଚନା ମିଳିଛି। ଏ ନେଇ ନାବାଳକର ମାଆ ମାଧବୀ ମଲିକଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ଅପମୃତ୍ୟୁ ମାଲା ୧୯/୨୪ ରଜୁ ହୋଇ ପୁଲିସ ସାଇଂଟିଫିକ ଟିମ ସହିତ ଘଟଣାର ତଦନ୍ତ କରିବା ସହିତ ମୃତ ନାବାଳକର ଶବକୁ ବ୍ୟବଚ୍ଛେଦ କରାଇବା ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ପ୍ରକାଶଯେ ସୋମବାର ରାତିରେ ମିର୍ଜାପୁର ଗ୍ରାମର ମାଧବ ମଲିକଙ୍କ ନାବାଳକ ପୁଅ ପାର୍ଥ ମଳିକ (୧୧ ବର୍ଷ) ତାର ଭଉଣୀ ଠାରୁ ମୋବାଇଲ ଛଡାଇ ନେଇଥିଲା । ଏନେଇ ତାର ବାପା ମାଧବ ରାଗି ତାକୁ ମାଡ ମାରିଥିଲେ । ଫଳରେ ପ୍ରାର୍ଥ ଏହାକୁ ସହ୍ୟ କରିପନାରି ମୋବାଇଲ ଲାଗି ଝରକାରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲା । ତାକୁ ପରିବାର ପକ୍ଷରୁ ତାକୁ ଉଦ୍ଧାର କରି ଯାଜପୁର ରୋଡ ମେଡିକାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ପୁଲିସକୁ ଜଣାଇବା ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା । ସାଇନଟିଫିକ ଟିମ ତଦନ୍ତ କରିବା ସହ ତାର ଶବକୁ ଦାନଗଦି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି । ପାରପାର୍ଶିକ ଅବସ୍ଥାକୁ ଦୃଷ୍ଟିରେ ରଖି ପରିବାର ପକ୍ଷରୁ ତାର ଅନ୍ତିମ ସତ୍କାର କରାଯାଇଛି । ହେଲେ ଏହା ଅମ୍ତହତ୍ୟା କି ହତ୍ୟା ତାହା ତଦନ୍ତ ପରିସର ଭୁକ୍ତ ରହିଛି ।


**GOVERNMENT OF ODISHA : OFFICE OF THE SUPERINTENDING ENGINEER**
SION, BHANJANAGAR AT CHATRAPUR
)6811 263909- FAX - 06811 263950 - E-mail - eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**
1st Corrigendum dated.30.09.2024

C-702

| Sl. No. | Name of the work | Bid Identification No. | Revised as per Corrigendum List of approved Manufacturer in Percentage BoQ |
|---|---|---|---|
| 1 | Procurement, installation with testing and commissioning of 125KVA DG set 2 nos at Intake well & WTP, Bellaguntha under State Plan BASUDHA for the year 2023-24 | Identification No 50/ 03 / SPH(C) / 2024-25 dt. 24.09.2024 | **List of approved Manufacturer for Silent DG set for Industrial use -(BOQ-Sl.No.1 ) as per DTCN Page- 73 & 74)** JAKSON/TATA/MAHINDRA/KIRLOSKAR/ FORTUNE/ASHOK LEYLAND/ GREAVES/ EICHER /HONDA/ YAMAHA/ MITSUBISHI/BAJAJ/ BIRLA POWER etc. |
| 2 | Procurement, installation with testing and commissioning of 250 KVA DG set at Intake well site, Kabisuryanagar under State Plan BASUDHA for the year 2023-24 | Identification No 51/ 03 / SPH(C) / 2024-25 dt. 24.09.2024 | -DO- |
| 3 | Procurement, installation with testing and commissioning of 100 KVA DG set 3 nos at 6 MLD WTP, PHD Mundia & College Pump house, Phulbani under State Plan BASUDHA for the year 2023-24 | Identification No 52/ 03 / SPH(C) / 2024-25 dt. 24.09.2024 | -DO- |
| 4 | Procurement, installation with testing and commissioning of 250 KVA DG set at Intake well near Narayani Mundia , Phulbani under State Plan BASUDHA for the year 2023-24 | Identification No 53/ 03 / SPH(C) / 2024-25 dt. 24.09.2024 | -DO- |

All other terms and conditions in the DTCN remains unaltered.

Sd/- Superintending Engineer
P.H. Division , Bhanjanagar at Chatrapur

OIPR : 13013/11/0011/2425



ICICI Bank

**ଶାଖା କାର୍ଯ୍ୟାଳୟ :** ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ୨ୟ ମହଲା, ଓସିସିଏଫ୍ ବିଲ୍ଡିଂ, ଶ୍ରୀୟା ଟକିଜ୍ ଅପରପାର୍ଶ୍ୱ, ୟୁନିଟ୍–୩, ଭୁବନେଶ୍ୱର, ଓଡ଼ିଶା–୭୫୧୦୦୧

**ସର୍ବସାଧାରଣ ବିଜ୍ଞପ୍ତି - ସିକ୍ୟୁର୍ଡ ଆସେଟ୍ ବିକ୍ରୟ ପାଇଁ ଟେଣ୍ଡର ତଥା ଇ-ନିଲାମ**

**(ରୁଲ୍ ୮ (୬)ର ପ୍ରୋଭିଜନ ଦେଖନ୍ତୁ)**
**ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ନୋଟିସ୍**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍ଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟ୍ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ବଳରେ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ–ଅକ୍ସନ ବିକ୍ରୟ ନୋଟିସ୍ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ (୬) ପ୍ରୋଭିଜନ ଭାବେ ପଢ଼ାଯିବ ।

ଏତଦ୍ୱାରା ଋଣ ଗ୍ରହିତା ଏବଂ ଗ୍ୟାରେଣ୍ଟରମାନଙ୍କୁ ସର୍ବୋପରି ସର୍ବସାଧାରଣରେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତି ସିକିୟୋର୍ଡ୍ କ୍ରେଡିଟରମାନଙ୍କୁ ବନ୍ଧକ/ଚାର୍ଜଡ୍ ଦିଆଯାଇଥିଲା ଯାହାକି **ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିଧାସଳଖ ଦଖଲକୁ ନିଆଯାଇଛି ଯାହାକି ନିମ୍ନରେ ପ୍ରଦତ୍ତ ସଂକ୍ଷିପ୍ତ ବିବରଣୀ ଅନୁଯାୟୀ **"ଯାହା ଯେଉଁଠାରେ ଅଛି"**, **"ଯାହା ଯେଉଁଭଳି ଅଛି"** ଏବଂ **"ଯେଉଁଭଳି ସେଠାରେ ପଡିରହିଛି"** ତାହା ବିକ୍ରୟ କରାଯିବ ।

| କ୍ର. ନଂ. | ଋଣ ଗ୍ରହିତା/ସହ ଋଣଗ୍ରହିତା / ଗ୍ୟାରେଣ୍ଟରଙ୍କ ନାମ/ଲୋନ୍ ଆକାଉଣ୍ଟ ନଂ. | ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ସହିତ ଜଣାଶୁଣାରେ ଯଦି କିଛି ଥାଏ | ଗଚ୍ଛିତ ପରିମାଣ | ସଂରକ୍ଷିତ ମୂଲ୍ୟ ଅମାନତ ଅର୍ଥ ଜମା | ସମ୍ପତ୍ତି ଯାଞ୍ଚର ତାରିଖ ଓ ସମୟ | ଇ- ନିଲାମ ତାରିଖ ଓ ସମୟ |
|---|---|---|---|---|---|---|
| (କ) | (ଖ) | (ଗ) | (ଘ) | (ଙ) | (ଚ) | (ଛ) |
| ୧. | ଶ୍ରୀଯୁକ୍ତ ବିଜୟ କୁମାର ବେହେରା (ଆବେଦନକାରୀ) ମମତା ବେହେରା (ସହ–ଆବେଦନକାରୀ) ଏଲବିଜେଏଆର୦୦୦୦୪୭୯୯୦୪୯ ଓ ୨୧୬୭୨୦୫୦୦୩୨୦୬ | ପ୍ଲଟ ନଂ.୧୩୭, ୧୩୮,୧୫୫, ଖାତା ନଂ. ୧୦୪୫/୮୪ । ଖାତା ନଂ. ୯୧୪, ଖାତା ନଂ. ୯୮୭, ମୌଜା– ବୟାନବାଣପୁର, ଜିଲ୍ଲା–ଭଦ୍ରକ, ଥାନା–ଭଣ୍ଡାରିପୋଖରୀ, ଥାନା ନଂ. ୮୦, ତହସିଲ–ଭଣ୍ଡାରୀ, ଓଡ଼ିଶା, ଭଦ୍ରକ । ମାପଚୁପ ଏରିଆ ଏ. ୦.୮୨୦ ଡିସିମିଲ, ଏ. ୦.୮୩୦ ଡିସିମିଲ, ଏ. ୦.୦୭୦ ଡିସିମିଲ, ମୋଟ ଏରିଆ ଏ. ୧.୭୨୦ ଡିସିମିଲ ଯଥା : ୭୪,୯୨୩ ବର୍ଗଫୁଟ ଏବଂ ନିର୍ମିତ କ୍ଷେତ୍ର ୧୫,୫୮୬ ବର୍ଗଫୁଟ । | ଟ. ୨,୯୭,୨୭,୫୬୩/– (ସେପ୍ଟେମ୍ବର ୧୧,୨୦୨୪ ସୁଦ୍ଧା) | ଟ. ୨,୧୬,୦୦,୦୦୦/– ଟ. ୨୧,୬୦,୦୦୦/– | ଅକ୍ଟୋବର ୧୪, ୨୦୨୪ ପୂର୍ବାହ୍ନ ୧୧ଟା ୩୦ ଠାରୁ ଅପରାହ୍ନ ୨.୩୦ ପର୍ଯ୍ୟନ୍ତ | ଅକ୍ଟୋବର ୨୪, ୨୦୨୪ରିଖି ପୂର୍ବାହ୍ନ ୧୧ଟା ଠାରୁ |

ଆମର ଇ–ନିଲାମ ଏଜେନ୍ସି **ମେସର୍ସ ନେକ୍ସସେନ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍**ଙ୍କ ୱେବ୍‌ସାଇଟ୍ (**https://disposalhub.com**) ରେ ଅନ୍‌ଲାଇନ୍ ଅକ୍ସନ୍ ପରିଚାଳିତ ହେବ । ବନ୍ଧକଧାରୀ/ଏହି ବିଜ୍ଞାପନ ପ୍ରାପ୍ତ ବ୍ୟକ୍ତିଙ୍କୁ ମୋଟ୍ ପ୍ରାପ୍ୟ ଦାଖଲ କରିବାକୁ ଶେଷ ସୁଯୋଗ ଦିଆଯିବା ସହ ଅଧିକ ସୁଧ **ଅକ୍ଟୋବର ୨୩, ୨୦୨୪ ରିଖ ଅପରାହ୍ନ ୦୫ ଘଟିକା** ପୂର୍ବରୁ ଦାଖଲ ସୁଯୋଗ ଦିଆଯିବ । ଏହାବାଦ୍ ଏହି ସୁରକ୍ଷିତ ସମ୍ପତ୍ତି ଅନୁସୂଚିତ କାର୍ଯ୍ୟସୂଚୀ ଅନୁଯାୟୀ ବିକ୍ରୟ ହେବ । ଆଶାୟୀ ବିଡରମାନେ **ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ୨ୟ ମହଲା, ଓସିସିଏଫ୍ ବିଲ୍ଡିଂ, ଶ୍ରୀୟା ଟକିଜ୍ ଅପରପାର୍ଶ୍ୱ, ୟୁନିଟ୍-୩, ଭୁବନେଶ୍ୱର ଓଡ଼ିଶା-୭୫୧୦୦୧** ଠାରେ ଅମାନତ ଅର୍ଥ ଜମା (ଇଏମ୍‌ଡି), ଡିମାଣ୍ଡ ଡ୍ରାଫ୍ଟ (ଡିଡି) (ସ୍ତମ୍ଭ–ଙ ଉଲ୍ଲେଖ କରନ୍ତୁ) **ଅକ୍ଟୋବର ୨୩, ୨୦୨୪ ରିଖ ଅପରାହ୍ନ ୦୫ ଘଟିକା** ପୂର୍ବରୁ ଦାଖଲ କରିବେ ଏବଂ ଏହାପରେ ସେମାନେ **ଅକ୍ଟୋବର ୨୩, ୨୦୨୪ ରିଖ ଅପରାହ୍ନ ୦୫ ଘଟିକା** ପୂର୍ବରୁ ସେହିଦିନ ଉପର ସୂଚିତ ୱେବ୍‌ସାଇଟ୍ ଜରିଆରେ ସେମାନଙ୍କର ଅଫର ଦାଖଲ କରିବା ଆବଶ୍ୟକ । ଏଥିସହ ଇଏମ୍‌ଡି ଦେୟ ବାବଦକୁ ପ୍ରମାଣପତ୍ର ଆକାରରେ ବ୍ୟାଙ୍କ ସ୍ୱୀକୃତିପ୍ରାପ୍ତ ଡିଡିର ସ୍କାନ୍ କପି ସଂଲଗ୍ନ କରିବେ । କୌଣସି କାରଣରୁ ଆଶାୟୀ ବିଡରମାନେ ୱେବ୍‌ସାଇଟ୍ ଜରିଆରେ ସେମାନଙ୍କର ଅଫର ଦାଖଲ କରିବାକୁ ଅସମର୍ଥ ହେଲେ ଟେଣ୍ଡର ଡକୁମେଣ୍ଟର ସ୍ୱାକ୍ଷରିତ ନକଲ **ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍, ୨ୟ ମହଲା, ଓସିସିଏଫ୍ ବିଲ୍ଡିଂ, ଶ୍ରୀୟା ଟକିଜ୍ ଅପରପାର୍ଶ୍ୱ, ୟୁନିଟ୍-୩, ଭୁବନେଶ୍ୱର ଓଡ଼ିଶା-୭୫୧୦୦୧**ରେ **ଅକ୍ଟୋବର ୨୩, ୨୦୨୪ ରିଖ ଅପରାହ୍ନ ୦୫ ଘଟିକା** ପୂର୍ବରୁ ଦାଖଲ କରାଯାଇ ପାରିବ । ଅମାନତ ଅର୍ଥ ଜମା ଡିଡି/ପିଓ **ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍**ଙ୍କ ସପକ୍ଷରେ ଏକ ରାଷ୍ଟ୍ରାୟତ୍ତ / ନିର୍ଦ୍ଧାରିତ ବ୍ୟାଙ୍କରୁ ଅଣାଯାଇଥିବ ଯାହାକି ଭୁବନେଶ୍ୱରରେ ପୈଠ ହୋଇପାରୁଥିବ ।

ଟେଣ୍ଡର ଦାଖଲ କିମ୍ବା ନିଲାମର ଚୁକ୍ତି ଓ ସର୍ତ୍ତ, ଯାଞ୍ଚ ଇତ୍ୟାଦି ସମ୍ପର୍କରେ କୌଣସି ଅଧିକ ସ୍ପଷ୍ଟୀକରଣ ପାଇଁ ଦୟାପୂର୍ବକ **ଆଇସିଆଇସିଆଇ ବ୍ୟାଙ୍କ** ଏମ୍ପ୍ଲଇ ଫୋନ୍ ନଂ. ୯୩୨୪୯୪୮୯୨୦ରେ ଯୋଗାଯୋଗ କରିପାରିବେ ।
ଦୟାପୂର୍ବକ ଉଲ୍ଲେଖ ସୂଚିତ କରାଯାଉଛି ଯେ, ମାର୍କେଟିଂ ଏଜେନ୍ସି **ମେସର୍ସ ନେକ୍ସ ସେନ୍ ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ୍**କୁ ଏହି ସମ୍ପତ୍ତି ବିକ୍ରୟ ବ୍ୟବସ୍ଥା ପାଇଁ ମଧ୍ୟ ନିୟୋଜିତ କରାଯାଇଅଛି ।
କୌଣସି କାରଣ ନଦର୍ଶାଇ କୌଣସି କିମ୍ବା ସମସ୍ତ ବିଡ୍‌କୁ ନାକଚ କରିଦେବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ସଂରକ୍ଷିତ ।
ବିକ୍ରୟର ସବିଶେଷ ଚୁକ୍ତି ଏବଂ ସର୍ତ୍ତାବଳୀ ପାଇଁ ଦୟାପୂର୍ବକ **www.icicibank.com/n4p4s** କୁ ଦେଖିପାରିବେ ।

ତାରିଖ : ଅକ୍ଟୋବର ୦୧, ୨୦୨୪
ସ୍ଥାନ : ଭଦ୍ରକ

କ୍ଷମତାପ୍ରାପ୍ତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍



**ଘୋଷଣା**

ମୁଁ ସିପ୍ରା ଦାସ, ସ୍ୱାମୀ–ବଲ୍ଲଭ କୁମାର ମହାପାତ୍ର, ସା/ପୋ–ସିମୋର, ଥା. ବାଘମାରି, ଜିଲ୍ଲା–ଖୋର୍ଦ୍ଧା–୭୫୨୦୬୧, ଘୋଷଣା କରେ କି ବିବାହ ପରେ ମୋର ସାଙ୍ଗିଆ "ଦାସ" ରୁ "ମହାପାତ୍ର" କୁ ପରିବର୍ତ୍ତନ କରିଛି । ତେଣୁ ମୁଁ ସମସ୍ତ ସରକାରୀ ନଥିରେ ସିପ୍ରା ମହାପାତ୍ର ରୂପେ ପରିଚିତ ହେବି ।

ସ୍ୱା/- ସିପ୍ରା ମହାପାତ୍ର



## ଜୟପୁର ପୌର ପାଳିକା, ଜୟପୁର
**MUNICIPAL OFFICE : JEYPORE**
Phone : 06854-231098 & 231214 ulbjeypore@gmail.com

**ସ୍ୱାୟତ୍ତଶାସନ ଦିବସ ୨୦୨୪ ଜୟପୁର ପୌରପରିଷଦ ଆପଣଙ୍କୁ ଅଭିନନ୍ଦନ ଜଣାଉଅଛି ।**

୧. ପୌରପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଆପଣଙ୍କର ଦାୟିତ୍ୱ ।
୨. ସରକାରୀ ଜମି କିମ୍ବା ପୌରପରିଷଦର ଜମି ଜବରଦଖଲ କରନ୍ତୁ ନାହିଁ ଏବଂ ରାସ୍ତା ଅବରୋଧ କରି କୌଣସି ବ୍ୟବସାୟ କରନ୍ତୁ ନାହିଁ ।
୩. ରାସ୍ତା ପାଖରେ ବିକ୍ରି ହେଉଥିବା ଅଖାଦ୍ୟ କିମ୍ବା ଅପରିଷ୍କାର ଖାଦ୍ୟ ଖାଆନ୍ତୁ ନାହିଁ ଓ ରୋଗ ମୁକ୍ତ ରୁହନ୍ତୁ ।
୪. ନାଳ ନର୍ଦ୍ଦମାରେ ଘରର ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଏହାକୁ ନେବା ସକାଶେ ପୌରପରିଷଦ ଦ୍ୱାରା ନିୟୋଜିତ ଘରର ଅଳିଆ ସଂଗ୍ରହକାରୀଙ୍କୁ ଦିଅନ୍ତୁ ।
୫. ରାସ୍ତାରେ ନିଜ ନିଜର ଗୋରୁଗାଇ ଇତ୍ୟାଦି ଗୃହପାଳିତ ପଶୁମାନଙ୍କୁ ଛାଡି ରାସ୍ତା ଅବରୋଧ କରନ୍ତୁ ନାହିଁ କିମ୍ବା ରାସ୍ତା ଉପରେ ଗୃହ ନିର୍ମାଣ ଜିନିଷ ଯଥା: ଇଟା, ବାଲି, ପଥର ଇତ୍ୟାଦି ରଖି ରାସ୍ତା ଅବରୋଧ କରି ଜନସାଧାରଣ ଓ ଯାନବାହନ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ ।
୬. ଟ୍ରାଫିକ ନିୟମ ପାଳନ କରନ୍ତୁ ଏବଂ ନିର୍ଦ୍ଦିଷ୍ଟ ସ୍ଥାନରେ ଯାନବାହନ ପାର୍କିଂ କରନ୍ତୁ ।
୭. ବୃକ୍ଷ ରୋପଣ କରି ଜୟପୁର ସହରକୁ ସବୁଜ ସୁନ୍ଦର କରିବା ସହ ପରିବେଶ ସୁରକ୍ଷାରେ ସାହାଯ୍ୟ କରନ୍ତୁ ।
୮. ପୌରପରିଷଦ ଦେୟ ଯଥା: ଗୃହ ଟିକସ, ଦୋକାନ ଭଡ଼ା ଓ ଅନ୍ୟାନ୍ୟ ଲାଇସେନ୍ସ ଫିସ୍ ଠିକ୍ ସମୟରେ ପଇଠ କରନ୍ତୁ ।
୯. ବିନା ଗୃହ ନିର୍ମାଣ ନକ୍ସା ମଞ୍ଜୁରୀରେ ଘର ନିର୍ମାଣ କରନ୍ତୁ ନାହିଁ କିମ୍ବା ପୌରପରିଷଦ ଦ୍ୱାରା ଅନୁମୋଦନ ପ୍ରାପ୍ତ ହୋଇନଥିବା ଲେ–ଆଉଟ ଜମିରେ କ୍ରୟ କରନ୍ତୁ ନାହିଁ ।
୧୦. ଯଥା ସମୟରେ ଜନ୍ମ ଓ ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜିକରଣ କରନ୍ତୁ ।
୧୧. ଜଗନ୍ନାଥ ସାଗର ଏବଂ ଜୟପୁର ସହରରେ ଥିବା ବନ୍ଧଗୁଡିକରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
୧୨. ଜୟପୁର ସହରକୁ ନିର୍ମଳ ପରିଷ୍କାର ଓ ବାହ୍ୟ ମଳ ମୁକ୍ତ ରଖିବା ପାଇଁ ପୌରପରିଷଦକୁ ସହଯୋଗ କରନ୍ତୁ ।

| ବି ସୁନିତା | ନରେନ୍ଦ୍ର କୁମାର ମହାନ୍ତି | ସିଦ୍ଧାର୍ଥ ପଟ୍ଟନାୟକ (ଓଏଏସ-୧) (କନିଷ୍ଠ) |
|---|---|---|
| ଉପାଧ୍ୟକ୍ଷା, ଜୟପୁର ପୌରପରିଷଦ | ଅଧ୍ୟକ୍ଷ, ଜୟପୁର ପୌରପରିଷଦ | କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପାଳିକା |

# ବିଜେଡି-ବିଜେପି ମୁହାଁମୁହିଁ : ରଣକ୍ଷେତ୍ର ପାଲଟିଲା ଖୁଣ୍ଟୁଣୀ ଥାନା ସାମ୍ନା

ଆଠଗଡ଼ ,(ସବ୍ୟୁ) : ମଙ୍ଗଳବାର ହିନ୍ଦ୍ ମଜଦୁର ସଭା ପକ୍ଷରୁ ଆରତୀ ଷ୍ଟିଲ କାରଖାନା ଆଗରେ ଧାରଣା ଦିଆ ଯିବାର ଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ସେଠାରେ ଅନୁମତି ଦିଆ ଯାଇ ନଥିଲା। ଏହି ସ୍ଥାନ ରେ ପ୍ରଶାସନ ପକ୍ଷରୁ ସେଠାରେ ୧୬୩ ଧାରା ଜାରୀ କରା ଯାଇ ନିଷିଦ୍ଧାଞ୍ଚଳ ଘୋଷଣା କରା ଯାଇଥିଲା। ଏହି ସ୍ଥାନ ରୁ ନିରାଶ ହେବାପରେ ହିନ୍ଦୁ ମଜଦୁର ସଭା ପକ୍ଷରୁ ଖୁଣ୍ଟୁଣୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।କୌଣସି ଅଘଟଣ କୁ ଦୃଷ୍ଟିରେ ରଖି ସେଠାରେ ଗୋଟିଏ ପ୍ଲାଟୁନ ପୋଲିସ ଫୋର୍ସ ସହିତ ମାଜିଷ୍ଟ୍ରେଟ ଭାବରେ ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, କଟକ ଗ୍ରାମାଞ୍ଚଳ ଅତିରିକ୍ତ ଏସ ପି ଦେବଦତ୍ତ ବରାଳ, ଚୌଦ୍ୱାର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଥାନା ଅଧିକାରୀ ରବି ନାରାୟଣ ବେହେରାଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ତେବେ ଆରତୀ ଷ୍ଟିଲ କମ୍ପାନୀ ସାମ୍ନାରେ ବିକ୍ଷୋଭ ଧାରଣାରୁ ନିରାଶ ହେବାପରେ ବିନା ଅନୁମତିରେ ସେମାନେ ଖୁଣ୍ଟୁଣୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ଆସି ସେଠାରେ ନାରାବାଜି କରୁଥିବା ବେଳେ ପୋଲିସ ଉପସ୍ଥିତିରେ କିଛି ବିଜେପି କର୍ମୀଙ୍କ ସହିତ ମୁହାଁମୁହିଁ ହୋଇଥିଲା। ବିଜେପି କର୍ମୀ ମାନେ ଦଳୀୟ ପତାକା ଧରି ନାରାବାଜି ଆରମ୍ଭ କରୁଥିବା ବେଳେ ବିଜେଡ଼ି କର୍ମୀମାନେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଫଳରେ କିଛି ସମୟ ପାଇଁ ଖୁଣ୍ଟୁଣୀ ଥାନା ସମ୍ମୁଖ ରଣକ୍ଷେତ୍ରରେ ପରିଣତ ହୋଇ ଥିଲା।ବିଜେଡି କର୍ମୀଙ୍କ ଆକ୍ରମଣରେ ଜଣେ ବିଜେପି କର୍ମୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ତାଙ୍କୁ ତୁରନ୍ତ ମାଧପୁର ସ୍ଥିତ ଗୋପବନ୍ଧୁ ଚିକିସାଳୟରେ ଭର୍ତ୍ତି କରା ଯାଇଛି।

## ଜବତ ବାଇକ୍, ମୋବାଇଲ ମେଳା

ଦଶପଲ୍ଲା,(ସବ୍ୟୁ) : ବିଭିନ୍ନ ସମୟ ରେ ପୋଲିସ ପକ୍ଷରୁ ଜବତ ହୋଇଥିବା ବାଇକ ଓ ମୋବାଇଲ ଗୁଡିକୁ ସେମାନଙ୍କ ମାଲିକ ମାନଙ୍କୁ ପ୍ରଦାନ କରାଯାଇଛି । ଏଥି ନିମନ୍ତେ ନୟାଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନଙ୍କ ଅଧକ୍ଷତାରେ ଥାନା ପରିସରରେ ଏକ ବାଇକ ଓ ମୋବାଇଲ ମେଳା କରାଯାଇ ଏହି ବାଇକ ଓ ମୋବାଇଲ ପ୍ରଦାନ କରାଯାଇଥିଲା । ସମୁଦାୟ ୨୫ଟି ମୋବାଇଲ ଓ ଗତ ମାସରେ ପୋଲିସ ପକ୍ଷରୁ ଜବତ ହୋଇଥିବା ପାଖାପାଖି ୫୦ ଟି ବାଇକକୁ ସେମାନଙ୍କ ମାଲିକ ମାନଙ୍କୁ ପ୍ରଦାନ କରାଯାଇଥିଲା ।ଏହି ଏସପି ଙ୍କ ସହ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ ।ବିଶେଷ ଭାବରେ ଏସ ପି ଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ଦଶପଲ୍ଲା ରେ ବାଇକ ଓ ମୋବାଇଲ ମେଳା ମାଧ୍ୟମରେ ଚୋରିଯାଇ ଥିବା ବାଇକ ଓ ମୋବାଇଲ ମାଲିକମାନେ ସେ ସବୁ ଫେରି ପାଇଥିବାରୁ ଓଡିଶା ପୋଲିସ ସହ ନୟାଗଡ଼ ଜିଲ୍ଲା ପୋଲିସ ଓ ଦଶପଲ୍ଲା ପୋଲିସକୁ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ପୂର୍ବତନ ଜେଲ ଡିଆଇଜିଙ୍କ ପରଲୋକ

ଦଶପଲ୍ଲା,(ସବ୍ୟୁ): ପୂର୍ବତନ ଜେଲ ଡି ଆଇ ଜି ଗୋଲଖ ବିହାରୀ ମହାନ୍ତି(୭୩)ଙ୍କର ବର୍ଷ ବୟସରେ ପରଲୋକ ହୋଇ ଯାଇଛି । ସ୍ୱର୍ଗତ ଗୋଲଖ ବିହାରୀ ମହାନ୍ତି ନିଜର ଦାୟତ୍ୱ ଓ କର୍ତବ୍ୟ ନିଷ୍ଠା ପାଇଁ ସେ ଦୁଇ ଥର ରାଷ୍ଟ୍ରପତି ପୁରସ୍କାର ପାଇଥିଲେ । ଡି ଆଇ ଜି ଭାବେ ଅବସର ଗ୍ରହଣ ପରେ ସେ ନିଜର ଜନ୍ମ ମାଟି ଦଶପଲ୍ଲାରେ ରହି ଆସୁଥିଲେ । ଗତ କିଛି ଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱର ନୂଆପଲି ସ୍ଥିତ ହେଲଥ ଭିଲେଜ ହସ୍ପିଟାଲରେ ଚିକିସ୍ଛି ହେଉଥିବା ବେଳେ ତାଙ୍କର ପରଲୋକ ହୋଇଛି। ତାଙ୍କର ମୃତ୍ୟୁରେ ପରିବାର ଓ ଦଶପଲ୍ଲାରେ ଶୋକର ଛାୟା ଖେଳି ଯାଇଛି।

## ଡ଼ାହାଳିଆବାଗରେ ହର-ପାର୍ବତୀ ପୂଜା ପ୍ରସ୍ତୁତି

ଫୁଲନଖରା,(ସବ୍ୟୁ) :ସିଏମସି ୫୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ଡ଼ାହାଳିଆବାଗ ହରପାର୍ବତୀ ପୂଜା କମିଟିର ନବମ ବାର୍ଷିକ ଦଶହରା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଗ୍ରାମସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ଆଇନଜିବୀ ବଦ୍ରିନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଓ ସଂପାଦକ ତଥା ପ୍ରକ୍ତନ କର୍ପୋରେଟର କୌଶିକ ଜେନାଙ୍କ ପରିଚାଳନାରେ ଆୟୋଜିତ ଏହି ବୈଠକରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସଂପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଂପାଦକ ପ୍ରଫୁଲ୍ଲ ସାହୁ, ପୂଜା କମିଟି କାର୍ଯକାରୀ ସଭାପତି ସଚ୍ଚିକାନ୍ତ ମହାନ୍ତି,ଉପଦେଷ୍ଟା ସୁଶାନ୍ତ କୁମାର ମହାନ୍ତି, ଆଞ୍ଚଳିକ ଶାନ୍ତି କମିଟି ସଂପାଦକ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର ,ଯୁଗ୍ମ ସଂପାଦକ ନଳିନ କୁମାର ସେନାପତି,ସମାଜସେବୀ ପ୍ରଭାତ ନନ୍ଦ, ଟାଙ୍ଗି ବ୍ଲକ ଏ ବିଡ଼ିଓ ସାସ୍ୱତ ଜେନା, ଗ୍ରାମ କମିଟି ସଭାପତି ରବିନ୍ଦ୍ରନାଥ ସ୍ୱାଇଁ ,କାର୍ଯକାରୀ ସଭାପତି ପୁଲିନ ମହାପାତ୍ର ପ୍ରମୁଖ ଯୋଗ ଦେଇ ପୂଜା ଆୟୋଜନ ସଂପର୍କରେ ଆଲୋଚନା କରିଥିଲେ । ପ୍ରତି ବର୍ଷ ପରି ଏ ବର୍ଷ ହର ପାର୍ବତି ମୂର୍ତ୍ତି କରାଯିବ ଓ ପୂଜା ପାଇଁ ୭ ଲକ୍ଷ ଟଙ୍କା ବୟ ଅଟକଳ କରାଯାଇଥିବା ସୂଚନା ଦିଆଯାଇଛି। ।ସାଂସ୍କୃତିକ କାର୍ଯକ୍ରମ ସହ ଅଞ୍ଚଳର ମୁରବି ,ପୂଜା କମିଟି କର୍ମକର୍ତ୍ତା ,ସାମ୍ବାଦିକ,ପ୍ରଶାସକ, ଓ ରାଜନେତାମାନଙ୍କୁ ସମ୍ବର୍ଦ୍ଧିତ କରିବା କାର୍ଯକ୍ରମ ରହିଛି । ସରକାରଙ୍କ ନିୟମ ମାନି ନିଶାମୁକ୍ତ ଭସାଣୀ,ଡ଼ିଜେ ମୁକ୍ତ ରୋସଣୀ ଓ ପଲିଥିନ ମୁକ୍ତ ପୂଜା କରାଯିବ । ଭସାଣି ଉତ୍ସବରେ ଶହେରୁ ଅଧିକ ମହିଳା ସାମିଲ ହେବେ ବୋଲି ଘୋଷଣା କରାଯାଇଛି । ଏହି ବୈଠକରେ ନିରଂଜନ ନାୟକ, ମିଟନ ମହାନ୍ତି, ସୁମନ୍ତ ରାଉତ,ପ୍ରହଲ୍ଲାଦ କର,କାଶୀନାଥ ଜେନା, ଖଗେଶ୍ୱର ବାଗ,ତୋଫାନ ସ୍ୱାଇଁ,ପ୍ରଦୁମ୍ନ ମିଶ୍ର,ରଘୁପ୍ରସାଦ ଶତପଥି,ପ୍ରଦୀପ ଜେନା, ଆଶିଷ ରାଉତ ,ଗଣନାଥ ଦାସ, ସେକ ହବିବ,ସେକ ଦିଲବର,ରବିନ୍ଦ୍ର ଖିଲାର,ଜୟନ୍ତ ରଥ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇଥିଲେ ।

## ଇଣ୍ଡୋର ଷ୍ଟାଡିୟମ ଓ ଶିଶୁ ଉଦ୍ୟାନ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ



ନିମାପଡା,(ସବ୍ୟୁ): ମଙ୍ଗଳବାର ସକାଳୁ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡା ଇଣ୍ଡୋର ଷ୍ଟାଡିୟମ ଓ ଶିଶୁ ଉଦ୍ୟାନ ପରିଦର୍ଶନ କରିଛନ୍ତି। ଇଣ୍ଡୋର ଷ୍ଟାଡିୟମ ସମ୍ମୁଖରେ ଭଲିବଲ ପିଚ୍,କ୍ରିକେଟ ପିଚ୍ ଓ ଏକ ମିଟିଙ୍ଗ ହଲ ନିର୍ମାଣ କରାଯିବା ସହିତ ମଣ୍ଡଳ ଶିକ୍ଷାଧିକାରୀଙ୍କ ଏକ ସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ ପାଇଁ ତୁରନ୍ତ ଜମି ଅଧିଗ୍ରହଣ କରିବାକୁ ସ୍ଥାନୀୟ ତହସିଲଦାରଙ୍କୁ ଉପ-ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପରେ ନିମାପଡା କଲେଜରେ ୨୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ସ୍ଥାନ ନିରୁପଣ ଓ ନିର୍ମାଣ କାର୍ଯ୍ୟ ସଂପର୍କରେ ଗ୍ରାମ୍ୟଉନ୍ନୟନ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ ।ନିମାପଡା ଏନଏସି ଅଂଚଳରେ ଅନେକ ପ୍ରଭାବଶାଳିବ୍ୟକ୍ତି ସରକାରୀ ଜାଗାକୁ ଜବର ଦଖଲ କରିଥିବା ନେଇ ସାମ୍ବାଦିକଙ୍କ ପ୍ରଶ୍ନରେ ଜବର ଦଖଲ ଚିହ୍ନଟ କରାଯାଇ ଉଚ୍ଛେଦ କରାଯିବ ବୋଲି କହିଥିଲେ । ଏହି ପରିଦର୍ଶନ ସମୟରେ ଉପନଗରପାଳ ସନ୍ତୋଷ ଦାଶ, ବିଡିଓ ଡଃ ଅଭିଜିତ୍ ଷଡଙ୍ଗୀ,ମଣ୍ଡଳ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ,ଏବିଇଓ ପ୍ରତିଭା ମହାନ୍ତି,ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ,ଅତିରିକ୍ତ ତହସିଲଦାର ନୀରଜଂନ ନାୟକ,କାଉନସିଲର ନୀରଞ୍ଜନ ନାୟକ,କାଉନସିଲର କବିତା ତରାଇ,ନାରୀନେତ୍ରୀ ମୀନଲତା ମହାନ୍ତି ପ୍ରମୁଖ ଉପସ୍ଥିତଥିଲେ ।

## ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରିକୁ ଘଣ୍ଟ ଘୋଡାଉଛନ୍ତି ଶିକ୍ଷା ଅଧିକାରୀ !

ଆଠଗଡ଼ ,(ସବ୍ୟୁ) : କଟକ ଜିଲ୍ଲା ଆଠଗଡ଼ ବ୍ଲକରେ ଥିବା ଅନେକ ଶିକ୍ଷାନୁଷ୍ଠାନମାନଙ୍କରେ ମଧ୍ୟାହ୍ନ ଭୋଜନ ଚାଉଳ ଚୋରି କରି ବିକ୍ରୀ ହେଉଛି। କିଛି ସ୍କୁଲ ଶିକ୍ଷକ ଧରାପଡୁଥିବା ବେଳେ ଅନେକ ଖସିଜିବାରେ ସକ୍ଷମ ହେଉଛନ୍ତି । ଆଠଗଡ଼ ବ୍ଲକରେ ଶିକ୍ଷକମାନେ ସଠିକ୍ ସମୟରେ ବିଦ୍ୟାଳୟକୁ ଯାଆନ୍ତି ନାହିଁ। ମଧ୍ୟାହ୍ନ ଭୋଜନ ଚାଉଳ ଚୋରି କରି ବିକ୍ରି କଲେ ପ୍ରଧାନ ଶିକ୍ଷକ। ସାଧାରଣ ଲୋକମାନେ ଏକଥା ଜାଣିପାରି ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ପଚାରିବା ସହିତ ବିଦ୍ୟାଳୟର ପରିଚାଳନା କମିଟି ସଭାପତିଙ୍କ ଆଗରେ ମୁକାବିଲା ମଧ ହେଲା।ଚାଉଳ ବିକ୍ରି କଥା ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହି ଘଟଣା ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ ନଜରକୁ ଆସିବା ପରେ ସେ ଏହାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଛି। କେବଳ ସଂପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ସେଠାରୁ ବଦଳି କରି ଦାଇତ୍ୱ ସାରି ଦେଇଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ଘଟିଛି ଆଠଗଡ଼ ବ୍ଲକ ଗୋପୀନାଥ ପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ।ସେଠାରେ ପ୍ରଧାନ ଶିକ୍ଷକ ଦାଇତ୍ୱରେ ଥିବା ଶିକ୍ଷକ ଜଣଙ୍କ ପିଲା ମାନଙ୍କ ପାଇଁ ଆସୁଥିବା ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି କରିଥିବା ଅଭିଯୋଗ ହୋଇଥିଲା। ଏ କଥା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଙ୍କ ଉପସ୍ଥିତି ରେ ସଂପୃକ୍ତ ଶିକ୍ଷକଙ୍କୁ ପଚାରିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛ। ଘଟଣା ପ୍ରଘଟ ହେବା ପରେ ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ ତାଙ୍କୁ ଗୋପୀନାଥ ପୁରରୁ ସଠିଲୋ ପଞ୍ଚାୟତ ତାଳବସ୍ତ ବିଦ୍ୟାଳୟକୁ ବଦଳି କରି ଦେଇଥିବା ଜଣାପଡିଛି। ଏ ବାବଦରେ ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ ବିଜୟଲକ୍ଷ୍ମୀ ସାମଲଙ୍କୁ ପଚାରିବାରୁ ଏହି ଘଟଣାରେ କେହି ଲିଖିତ ଅଭିଯୋଗ କରି ନ ଥିବା କହିଛନ୍ତି।ଲିଖିତ ଅଭିଯୋଗ ହେଲେ ତଦନ୍ତ ପରେ ତାଙ୍କୁ ନିଲମ୍ବିତ କରାଯିବ ବୋଲି କହିଛନ୍ତି।ଗତ କିଛିଦିନ ତଳେ ମେଘା ବିଦ୍ୟାଳୟ ରେ ସମାନ ଧରଣର ଘଟଣାରେ ସଂପୃକ୍ତ ପ୍ରଧାନ ଶିକ୍ଷକ ଙ୍କୁ ନିଲମ୍ବିତ କରା ଯାଇଥିବା ବେଳେ ଏହି ଘଟଣାରେ ଅଧିକାରୀ ସଂପୃକ୍ତ ଶିକ୍ଷକଙ୍କୁ ଘଣ୍ଟ ଘୋଡାଉଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

# ଦେଶରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ

ପିପିଲି,(ସବ୍ୟୁ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଦ୍ଦେଶକ୍ରମେ ୨୦୧୪ରେ ଆରମ୍ଭ ହୋଇଥିବା 'ସ୍ୱଚ୍ଛ ଭାରତ ଅଭିଯାନ' ୀ ୧୦ବର୍ଷ ରେ ପହଞ୍ଚିଛି । ଏହି ଅବସରରେ ଚଳିତବର୍ଷ ଗାନ୍ଧୀ ଜୟନ୍ତୀର ଅବ୍ୟବହିତ ପୂର୍ବରୁ ସମଗ୍ର ଦେଶରେ ପାଳନ ହେଉଛି ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ ସେଂଟ୍ରାଲ୍ ବ୍ୟୁରୋ ଅଫ୍ କମ୍ୟୁନିକେଶନ(ସିବିସି) ଭୁବନେଶ୍ୱର ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରାବାର 'ସ୍ୱଚ୍ଛତା ହିଁ ସେବା' ସମ୍ପର୍କିତ ଏକ ଦୁଇଦିନିଆ କାର୍ଯ୍ୟକ୍ରମ ଉଦ୍ଘାଟିତ ହୋଇଯାଇଛି। ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅଧୀନସ୍ଥ ସଂପୁର ଗ୍ରାମ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଆୟୋଜିତ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଉଦ୍ଘାଟିତ ହୋଇଥିଲା। ମୁଖ୍ୟଅତିଥି ଡ. ସମ୍ବିତ ପାତ୍ର ବିଗତ ୧୦ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ 'ସ୍ୱଚ୍ଛ ଭାରତ ଅଭିଯାନ' କିଭଳି ଦେଶରେ ଏକ ବୈପ୍ଳବିକ ପରିବର୍ତନ ଆଣିପାରିଛି ସେନେଇ ଆଲୋଚନା କରିଥିଲେ। ସେହିଭଳି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଆଗାମୀଦିନରେ ପିପିଲି ବ୍ଲକ୍ ସମେତ ସ୍ଥାନୀୟ ଅଂଚଳରେ ଏହି କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଭୁବରେନଶ୍ୱର କେନ୍ଦ୍ରୀୟ ସଂଚାର ବ୍ୟୁରୋ ଏବଂ ପତ୍ର ସୂଚନା କାର୍ଯ୍ୟାଳୟ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଂପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଶ୍ରୀମତୀ ଝରଣା ବରାଳ, ସ୍ଥାନୀୟ ଅଂଚଳର ପ୍ରତିଷ୍ଠିତ ସାମାଜିକ କର୍ମୀ ଜ୍ୟୋତିକାନ୍ତ ମହାପାତ୍ର ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ। ସିବିସି ଭୁବନେଶ୍ୱରରେ ଆଂଚଳିକ କାର୍ଯ୍ୟାଳୟ ନିର୍ଦ୍ଦେଶକ ଗିରିଶ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସିବିସି ଭୁବନେଶ୍ୱରର କ୍ଷେତ୍ର ପ୍ରଦର୍ଶନୀ ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା। । ଏହି ଉପଲକ୍ଷେ କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦ୍ଘାଟନ ପୂର୍ବରୁ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ଅଂଚଳର ଜନସାଧାରଣଙ୍କୁ ନେଇ 'ସ୍ୱଚ୍ଛତା ଦୌଡ଼' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା 'ମା'ଙ୍କ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ।

# ୧୭ରେ ବାଙ୍କୀ ମହୋତ୍ସବ

ବାଙ୍କୀ, (ସବ୍ୟୁ) : ବାଙ୍କୀ ଗଣ ପର୍ବ ବାଙ୍କୀ ମହୋତ୍ସବ ଆସନ୍ତା ଅକ୍ଟୋବର ୧୭ ତାରିଖ ଠାରୁ ଆରମ୍ଭ ହେବ।ଏହି ମହୋତ୍ସବକୁ ଜାକଜମକରେ ପାଳନ ଓ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଏକ ପ୍ରଶାସନିକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବୈଠକରେ ମହୋତ୍ସବ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗ ଦେଇ ଏହାକୁ ମହାସମାରୋହରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଏବଂ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ସଭାରେ ଯୋଗ ଦେଇ ମହୋତ୍ସବ ଏକ ଲୋକ କଳାରେ ପରିଣତ ହୋଇଛି ଓ କିପରି ମହାଆଡମ୍ବରରେ ପାରମ୍ପରିକ ଭାବେ ପାଳନ କରାଯିବ ସେଥିପାଇଁ ସମସ୍ତ ବିଭାଗ ସମ୍ମନୟ ରଖି କାର୍ଯ୍ୟ କରିବେ ସେ ବିଷୟରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବୁଦ୍ଧିଜୀବୀ ମାନଙ୍କ ସହ ଆଲୋଚନା କରିଥିଲେ ଓ ମତାମତ ଗ୍ରହଣ କରିଥିଲେ।ଏହି ସମୟରେ ମା ଚର୍ଚ୍ଚିକା ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସୁସଜ୍ଜିତ କରିବା,ବିଦ୍ୟୁତ ବିଭାଗ ତରଫରୁ ବିଦ୍ୟୁତ କାଟ ନ କରିବା ,ଅସ୍ଥାଇ ଶୌଚାଳୟ ସ୍ଥାପନ,ଏନ ଏ ସି ତରଫରୁ ମହୋତ୍ସବ ପଡିଆ ସଫା କରିବା,ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ମରାମତି କରିବାକୁ ଉପଜିଲ୍ଲାପାଳ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ।ଜାତମୁଣ୍ଡିଆ ପୋଲ ନିକଟରୁ ସୁବର୍ଣ୍ଣପୁର ପର୍ଯ୍ୟନ୍ତ ପୋଲିସ ପେଟ୍ରୋଲିଂ କରିବାକୁ ମତ ପ୍ରକାଶ ପାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକାରୀ ବିଜୟ କୃଷ୍ଣ ମହାପାତ୍ର ଗୃହକୁ ଆଶ୍ୱାସନା ଦେଇଥିଲେ ଯେ ମହୋତ୍ସବ ସମୟରେ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯିବ।କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ଡ଼. ଗଣେଶ୍ୱର ସ୍ୱାଇଁ ମହୋତ୍ସବ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେଇଥିଲେ।ଉକ୍ତ ବୈଠକରେ ଡମପଡା ବ୍ଲକ ବିଡ଼ିଓ ଅଂଶୁମାନ ଦାସ , ବାଙ୍କୀ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ପୁଷ୍ପଲତା ସାମନ୍ତ,ବିଜ୍ଞାପିତ ଅଞ୍ଚଳ ପରିଷଦ ବାଙ୍କୀର ଅଧକ୍ଷା ଶ୍ରୀମତୀ ମାଣିକ ସାହୁ, ନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ,ଆଇ.ଆଇ.ସି ବାଙ୍କୀ ଥାନା ଶିବ ଚରଣ ବେହେରା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡ଼ଃ ବନବାସୀ ବେହେରା,ତହସିଲଦାର ଡମପଡା ସୁଚିସ୍ମିତା ଦାଶ, ଆଇ.ଆଇ.ସି ବୈଦେଶ୍ୱର ଥାନା ପ୍ରିୟଦର୍ଶନ ସେଠୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି,ମହୋତ୍ସବ କମିଟିର ସଭ୍ୟ,ବରିଷ୍ଠ ନାଗରିକ,ଉପଜିଲ୍ଲାପାଳ କାର୍ଯ୍ୟାଳୟର ପଠାଣି ବାରିକ,ଝିଲ୍ଲୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।ଶେଷରେ ଡମପଡା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।


BAJAJ FINSERV

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ୍**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ୍ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇ ପାରିବେ: https://cms-assets.bajajfinserv.in/is/content/bajajfinance/bidder-tcpdf?scl=1&fmt=pdf;
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।


ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(11-10-24)ଆଠଗଡ଼-ବୀରକିଶୋରପୁର; PCQ8SGL8533479, 8554403, 8613286, 8658422, 8671611, 8778227, 8807270, 8809547, 8836508. ଭୁବନେଶ୍ୱର-ଜଗମରା; PER5SGL8267406, 8335527, 8412319, 8551679, 8604103, 8652298, 8675252, 8794470, 8789319, 8788043, 8813912, 8810754. କଟକ-ଲିଙ୍କ ରୋଡ଼; PGG9SGL8542635, 8541898, 8570409, 8584162, 8593909, 8683055, 8699269, 8728290, 8728994, 8739686, 8754020, 8767502. ଖୋର୍ଦ୍ଧା ମେନ୍ ଟାଉନ; PDA3SGL8544568, 8565525, 8577817, 8594602, 8687813, 8698260, 8754245. (14-10-24) ଜୟପୁର-ଏମ୍.ଜି ରୋଡ଼; PGH2SGL8425839, 8525910, 8529290, 8543506, 8566745, 8580109, 8580664, 8578939, 8600185, 8607084, 8617812, 8642617, 8656307, 8684085, 8683354, 8684890, 8683603, 8720832, 8735606, 8739134, 8765211, 8762016, 8788984, 8788498, 8794902, 8819631. ରାୟଗଡ଼-ପି.ଏସ୍.ଆର୍ ରୋଡ଼; PCR4SGL8554877, 8602612, 8617187, 8666490, 8791034. (15-10-24) ବାରିପଦା; P4C7SGL8539590, 8539828, 8601673, 8624406, 8630347, 8667146, 8673089, 8712411, 8767976, 8775823, 8837867. ବ୍ରହ୍ମପୁର-କାମାପଲ୍ଲୀ ଚକ; PB63SGL8149727, 8167983, 8170524, 8190355, 8262517, 8332452, 8689420, 8774832, 8841129. ଭବାନୀପାଟଣା; PU41SGL8532085, 8584418, 8594667, 8677416, 8708289, 8740764, 8765718, 8774477, 8793116. ବୁଗୁଡ଼ା-ମେନ୍ ରୋଡ଼; P09QSGL7875307, 8090475, 8088131, 8102642, 8130561, 8158079, 8189553, 8278953, 8383705, 8394942, 8454698, 8544638, 8589817, 8682191, 8695463, 8714737. ନବରଙ୍ଗପୁର - ପଟେଲ ମାର୍ଗ; PW07SGL8532386, 8544300, 8542495, 8543311, 8551951, 8567273, 8624327, 8628228, 8653383, 8662672, 8672252, 8676498, 8687675, 8696296, 8711621, 8714033, 8722304, 8725935, 8727814, 8737495, 8748531, 8764147, 8764289, 8774377, 8794330, 8789150, 8807832, 8823355, 8823567, 8833856. ଫୁଲବାଣୀ; P93ASGL8531802, 8571362, 8682701, 8721200, 8740294, 8764232, 8812533, 8836336, 8840274. ଟାଙ୍ଗୀ-ମେନ୍ ରୋଡ଼; PG01SGL8530497, 8543794, 8579738, 8595324, 8614604, 8612496, 8618670, 8618374, 8626801, 8657051, 8652893, 8665879, 8676531, 8698035, 8724180, 8739747, 8740230, 8752890, 8763273, 8806783, 8811043. (16-10-24) ବାଲୁଗାଁ-ମେନ୍ ରୋଡ଼; PW02GOL5145140, 5195599, 5271266, 5294697, 5295371, 5409623, 8654161, 8665531, 8698743, 8727615, 8766500, 8773694. ଭୁବନେଶ୍ୱର; P423SGL8550607, 8568119, 8566894, 8591708, 8612998, 8619104, 8646832, 8668160, 8667043, 8683737, 8694268, 8738782, 8741543, 8753641, 8789301, 8811926, 8814608, 8812902. ଜଟଣୀ-ମେନ୍ ରୋଡ଼; PCR2SGL8578362, 8583806, 8624806, 8709925, 8738360, 8763725, 8796265, 8839799, 8837214. କୋରାପୁଟ; PU40GOL1651182, 1653089, 1662289, 1664576, 1671325, 1671078, 1677040, 1697347, 1706902, 1721922, 1741573, 1747236, 1753515. ରାଉରକେଲା-କୋଏଲ ନଗର; PER3SGL8544067, 8552975, 8594238, 8595210, 8607405, 8619498, 8666248, 8665880, 8672569, 8685176, 8709329, 8715476, 8714658, 8739089, 8777000, 8796890, 8794832, 8789487, 8814232, 8836853. (17-10-24) ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର୍; PEI4SGL8567306, 8573787, 8572370, 8584946, 8654459, 8655019, 8663536, 8741821, 8739152, 8741151, 8736143, 8749906, 8750292, 8750804, 8762068, 8762866, 8780298, 8808415, 8806291, 8825440, 8820124, 8840110. ଭଦ୍ରକ ସାଲାଣ୍ଡି ବାଇପାସ୍; PCR1SGL8566822, 8617741, 8629982, 8625339, 8684354, 8684932, 8682576, 8695038, 8752542, 8761857, 8765761, 8813374, 8806321, 8837210, 8833496. କେନ୍ଦୁଝର-ମାଇନିଂ ରୋଡ଼; PCQ7SGL8526464, 8544759, 8556863, 8566256, 8593697, 8600548, 8690358, 8700186, 8700759, 8696440, 8712222, 8706826, 8714301, 8723671, 8750773, 8749122, 8751677, 8788029, 8787686, 8796623, 8813073, 8820193. (18-10-24) ଜଗତସିଂହପୁର; PU42SGL8528070, 8527460, 8552314, 8566424, 8617355, 8627114, 8629652, 8810488, 8811862, 8841533. କଣିହାଁ; PV26SGL7990709, 8600675, 8601273, 8685898, 8725364, 8728370, 8728996, 8735073, 8766173, 8766518, 8777956, 8779054. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍; P4C6SGL8581658, 8627387. ସାଲେପୁର-ମେନ୍ ରୋଡ଼; PGN9SGL8594241, 8602129, 8657664, 8656660, 8683595, 8693897, 8707488, 8788504, 8812444, 8837585. (21-10-24) ବରଗଡ଼ - ଖାରଜତୀ କାଲା; PGC3SGL8602492, 8653411, 8652597, 8657673, 8696037, 8763472, 8805724, 8812650, 8828101, 8827337, 8826147, 8837462, 8834880. ନୂଆପଡ଼ା; P86HSGL8542798, 8581196, 8596223, 8694855, 8729341, 8790001, 8796181. ପୁରୀ ଭି.ଆଇ.ପି ରୋଡ଼; P4C4SGL7894658, 8216385, 8265850, 8268117, 8280599, 8310341, 8326480, 8352991, 8424319, 8465803, 8476599, 8507996, 8539316, 8542154, 8579888, 8592105, 8640583, 8643189, 8677423, 8716307, 8722444, 8753154, 8763028, 8778746, 8793262, 8825822. (22-10-24) ଝାରସୁଗୁଡ଼ା-ବେହେରାମଲ; PG62SGL8541368, 8578842, 8626015, 8689807, 8690092, 8690311, 8684567, 8689968, 8690201, 8729512, 8762656, 8789994, 8790370, 8826034, 8834570. କୁଚିଣ୍ଡା; P93KSGL8545181, 8567980, 8642546, 8684852, 8694167, 8713334, 8708366, 8790945, 8795235, 8796985, 8811687, 8820341, 8828083, 8826306, 8825389, 8834989. ରାଜଗାଙ୍ଗପୁର; P504SGL8532380, 8552453, 8573791, 8577571, 8619199, 8646433, 8661168, 8740969, 8751586, 8789432, 8820349.

**ବଜାଜ ଫାଇନାନ୍ସ ଲିମିଟେଡ୍**





(ଶ୍ରୀମଦ୍‌ଭଗବଦ୍ ଗୀତା ୧୦/୦୯)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

ମଚ୍ଚିତ୍ତା ମଦ୍‌ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।
କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ।।୦୯।।

(ପ୍ରୀତିପୂର୍ବକ ଭଜନପଦ୍ଧତି କହୁଛନ୍ତି)- ଯେଉଁମାନଙ୍କ ମୋଠାରେ ଆସକ୍ତି ଓ ମୋଠାରେ ପ୍ରାଣ ସମର୍ପିତ, ସେହି ପଣ୍ଡିତମାନେ ଶ୍ରୁତ୍ୟାଦି ପ୍ରମାଣଦ୍ୱାରା ପରସ୍ପରକୁ ମୋର ବିଷୟ ବୁଝାଇ ଏବଂ ସର୍ବଦା ମୋ ବିଷୟ କୀର୍ତ୍ତନ କରି ପରିତୋଷ ପ୍ରାପ୍ତ ହୁଅନ୍ତି ଏବଂ ଶାନ୍ତି ଲାଭ କରନ୍ତି ।।୦୯।।

# ଶ୍ରୀଲଙ୍କା ସ୍ଥିତ,ନୀତି, ଅର୍ଥନୀତି

ସମ୍ପାଦକୀୟ

୨୦୨୨ ମସିହାରେ, ଶ୍ରୀଲଙ୍କାରେ ଜନ ଅସନ୍ତୋଷରୁ ସୃଷ୍ଟ 'ଆରାଗାଲା' ଜନ ଆନ୍ଦୋଳନ ରାଜପକ୍ସା ଭାଇମାନଙ୍କୁ କ୍ଷମତାରୁ ହଟାଇ, ଦେଶକୁ ଅର୍ଥନୈତିକ ବିପର୍ଯ୍ୟୟରୁ ରକ୍ଷା କରିବାରେ ସହାୟକ ହେଇଛି । ଅର୍ଥନୈତିକ ବିଶୃଙ୍ଖଳାରୁ ଉତ୍ପତ୍ତି ହେଇଥିବା ଏହି ଅଣ-ରାଜନୈତିକ ଆନ୍ଦୋଳନ ଶ୍ରୀଲଙ୍କାର ରାଜନୀତିରେ ଯେ' ଏତେ ବଡ ପରିବର୍ତ୍ତନ ଆଣିବ, ତାହା କେହିବି ବିଶ୍ୱାସ କରି ନ ଥିଲେ । ସେହି ଜନ ଆନ୍ଦୋଳନର ହିତାଧିକାରୀ ଥିଲେ ବାମପନ୍ଥୀ ନ୍ୟାସନାଲ ପିପୁଲ୍ସ ପାୱାର (ଏନପିପି), ଜନତା ଭିମୁକଥୀ ପେରୁମୁନା (ଜେଭିପି)ର ଅଂଶୀଦାର । ଜେଭିପିର ଲକ୍ଷ୍ୟ ଥିଲା, ସଶସ୍ତ୍ର ସଂଗ୍ରାମ ମାଧ୍ୟମରେ ସମାଜବାଦୀ ଆଦର୍ଶ ହାସଲ କରିବା, କିନ୍ତୁ ପରବର୍ତ୍ତୀ ସମୟରେ ରାଜନୀତିର ମୁଖ୍ୟ ସ୍ରୋତରେ ଏହା ନିଜକୁ ସାମିଲ କରିଥିଲା । ରାଜନୀତିରୁ ଦୁର୍ନୀତିକୁ ଦୂର କରିବା ଏବଂ ରାଷ୍ଟ୍ର ନିର୍ମାଣରେ ନବୀକରଣ ପାଇଁ ପ୍ରତିଶ୍ରୁତି ଦେଇଥିବା ଏନପିପିର ଅଗ୍ନିବର୍ଷୀ ନେତା ଅନୁରା କୁମାରା ଡିସାନାଇକେ ରାଷ୍ଟ୍ରପତି ଭାବେ ବିଜୟୀ ହେଇ ଶପଥ ଗ୍ରହଣ କରିଛନ୍ତି । ୨୦୧୯ ରେ ଏନପିପି ଗଠନ କରାଯାଇଥିଲା ଏବଂ ସେହି ବର୍ଷ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଡିସାନାଇକେ ମାତ୍ର ତିନି ପ୍ରତିଶତ ଭୋଟ୍ ପାଇଥିଲେ ଏବଂ ମାତ୍ର ପାଞ୍ଚ ବର୍ଷ ପରେ ଏହି ୫୬ ବର୍ଷିୟା ନେତା, ଯିଏ ଆରାଗାଲା ଆନ୍ଦୋଳନକୁ ସମର୍ଥନ କରିଥିଲେ, ସେ ପ୍ରଥମ ପର୍ଯ୍ୟାୟ ଗଣନାରେ ୪୨.୩ ପ୍ରତିଶତ ଭୋଟ୍ ପାଇଥିଲେ । ତାଙ୍କର ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ, ସାଜିଥ ପ୍ରେମାଦାସା ଏବଂ ରାନିଲ ୱିକ୍ରେମିସିଂହେ ଯଥାକ୍ରମେ ୩୨.୮ ପ୍ରତିଶତ ଏବଂ ୧୭.୨ ପ୍ରତିଶତ ଭୋଟ୍ ସହ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଥିଲେ । ଯେହେତୁ କୌଣସି ପ୍ରତିଯୋଗୀ ଆବଶ୍ୟକୀୟ ୫୦ ପ୍ରତିଶତରୁ ଅଧିକ ଭୋଟ୍ ପାଇନଥିଲେ, ଦେଶର ଇତିହାସରେ ପ୍ରଥମ ଥର ପାଇଁ ଦ୍ୱିତୀୟ ପସନ୍ଦ ଭୋଟ୍ ଗଣିବାକୁ ପଡିଲା । ସେହି ଗଣନା ଡିସାନାୟାକେଙ୍କୁ ବିଜୟୀ କରିଥିଲା, କିନ୍ତୁ ତାଙ୍କ ଭୋଟ୍ ମୁଖ୍ୟତଃ ସିଂହଳୀଙ୍କ ପ୍ରାଧାନ୍ୟ ଥିବା ଦକ୍ଷିଣ ଶ୍ରୀଲଙ୍କାରୁ ଆସିଥିଲା ଏବଂ ତାମିଲ ହିନ୍ଦୁ ଓ ମୁସଲମାନମାନେ ରହୁଥିବା ଉତ୍ତର କିମ୍ୱା ପୂର୍ବରୁ ନୁହେଁ । ଏହା ସ୍ପଷ୍ଟ କରୁଛି ଯେ' କେବଳ ସିଂହଳୀ ସମ୍ପ୍ରଦାୟ ବ୍ୟତୀତ ଅନ୍ୟାନ୍ୟ ସମ୍ପ୍ରଦାୟ ଓ ଗୋଷ୍ଠୀ ତାଙ୍କ ସପକ୍ଷରେ ନାହାନ୍ତି । ଶ୍ରୀଲଙ୍କାର ତାମିଲ ଓ ଅନ୍ୟାନ୍ୟ ସଂପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷ ରହିଛି ଏବଂ ସେମାନେ ନିଜର ସ୍ୱତନ୍ତ୍ରତା ପାଇଁ ଲଢ଼େଇ କରି ଆସୁଛନ୍ତି । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଦେଶର ଶାସକମାନେ, ସଂଖ୍ୟାଲଘୁମାନଙ୍କ କ୍ଷତକୁ ସୁସ୍ଥ କରିବାକୁ କୌଣସି ପ୍ରୟାସ କରିନାହାନ୍ତି । ତେଣୁ ନୂଆ ରାଷ୍ଟ୍ରପତିଙ୍କ ପାଇଁ ଦେଶର ଅର୍ଥନୀତି ଯେତିକି ଗୁରୁତ୍ୱପୂର୍ଣ୍ଣ, ଦେଶର ସଂହତି ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ । ଡିସାନାୟାକେଙ୍କର ପ୍ରଥମ କାର୍ଯ୍ୟ ହେଉଛି ଦେଶର ଋଣ ବୋଝକୁ ହାଲୁକା କରିବା ପାଇଁ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା ଏବଂ ଦେଶର ରାଜସ୍ୱ ବୃଦ୍ଧି କରିବା, ଯାହା ଏହା ଏତେ ସହଜ ନୁହେଁ ଏବଂ ଏଥିପାଇଁ ତାଙ୍କୁ ଅନେକ କିଛି ନୂଆ ଯୋଜନା କରିବାକୁ ପଡିବ । ଶପଥ ଗ୍ରହଣ କରିବା ପରେ ଦେଶକୁ ତାଙ୍କର ସଂକ୍ଷିପ୍ତ ସମ୍ବୋଧନରେ ଡିସାନାୟାକ ସ୍ୱୀକାର କରିଥିଲେ ଯେ' ସେ ଜଣେ ଯାଦୁକର ନୁହଁନ୍ତି ଏବଂ ସାଧାରଣ ଜନତା ତଥା ବିଭିନ୍ନ ବର୍ଗର ଲୋକଙ୍କୁ ମଧ୍ୟ ତାଙ୍କର ଏ ସଂଗ୍ରାମରେ ଯୋଗଦାନ ଦେବାକୁ ପଡିବ, ଯାହା ଦେଶକୁ ଆର୍ଥିକ ବିପର୍ଯ୍ୟୟରୁ ରକ୍ଷା କରିବାରେ ସାହାଯ୍ୟ କରିବ । ଜରୁରୀ ଅର୍ଥନୈତିକ କାର୍ଯ୍ୟ ବ୍ୟତୀତ, ସଂସଦରେ ଏନପିପିର ମାତ୍ର ତିନିଜଣ ସାଂସଦ ଅଛନ୍ତି, ତେଣୁ ଡିସାନାୟାକେଙ୍କ ପ୍ରଥମ ନିଷ୍ପତ୍ତି ହେଲା, ସଂସଦକୁ ଭଙ୍ଗ କରିବା ଏବଂ ନଭେମ୍ବର ମଧ୍ୟଭାଗରେ ନିର୍ବାଚନ କରିବା । ରାଷ୍ଟ୍ରପତିଙ୍କ ଅତ୍ୟଧିକ କ୍ଷମତାକୁ ହ୍ରାସ କରିବା ପାଇଁ ତଥା ପ୍ରଦେଶଗୁଡିକର କ୍ଷମତା ନିୟନ୍ତ୍ରଣ କରିବା ନେଇ ସେ ନିର୍ବାଚନ ପ୍ରତିଶ୍ରୁତି ଦେଇଥିଲେ ଯାହାକୁ ପୂରଣ କରିବା ପାଇଁ ସଂସଦରେ ବହୁମତ ଥିବା ଦରକାର । ସଂଖ୍ୟାଗରିଷ୍ଠତା ପାଇଁ ମୋଟ ୨୨୫ ସଂସଦୀୟ ଆସନ ମଧ୍ୟରୁ ୧୧୩ଟି ଆସନରେ ଜିତିବାକୁ ପଡିବ, ଯାହା କେତେଦୂର ସମ୍ଭବ ହେବ, ଭବିଷ୍ୟତ ହିଁ କହିବ । ତେଣୁ ସଂସଦ ନିର୍ବାଚନ ଫଳାଫଳ ଉପରେ ଅନେକ କିଛି ନିର୍ଭର କରେ । ନିର୍ବାଚନ ପୂର୍ବରୁ ଦଳର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ଦେଇ ସେ ତିନୋଟି ପ୍ରମୁଖ ପ୍ରାଥମିକତା ବିଷୟରେ କହିଥିଲେ: ଦେଶର ଉତ୍ପାଦନ ବୃଦ୍ଧି କରିବା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା, ଅର୍ଥନୀତିକୁ ପୁନଃ ନିର୍ମାଣ କରିବା ପାଇଁ ଶିଳ୍ପପତି, ବ୍ୟବସାୟୀ ଓ ବିଦେଶୀ ନିବେଶକଙ୍କୁ ସମର୍ଥନ ଦେବା ଏବଂ ଉତ୍ପାଦନ, ପର୍ଯ୍ୟଟନ ଓ ସାମୁଦ୍ରିକ ଶିଳ୍ପ ସହିତ ପ୍ରମୁଖ କ୍ଷେତ୍ରଗୁଡିକୁ ପୁନର୍ଜୀବିତ କରିବା । ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ଉନ୍ନତି ପାଇଁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି । ମୋଟ ଉପରେ, ସେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ସମୃଦ୍ଧ ଦେଶ ଏବଂ ଏକ ସୁନ୍ଦର ଜୀବନ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏ ସବୁ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଏବଂ ଶ୍ରୀଲଙ୍କା ଅର୍ଥନୀତିରେ ଉନ୍ନତି ଆଣିବା ପାଇଁ, ଅନ୍ୟ ଦେଶର ସହଯୋଗ ଖୁବ ଗୁରୁତ୍ୱପୂର୍ଣ୍ଣ, ଯାହା ତାଙ୍କର ବୈଦେଶିକ ନୀତି ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରେ । ଭାରତ ପାଇଁ ଡିସାନାୟାକେଙ୍କ ବୈଦେଶିକ ନୀତି କଣ ହେବ, ତାହା ଏବେବି ଅସ୍ପଷ୍ଟ । ଏକ ଦୃଢ ତଥା ସ୍ଥିର ବୈଦେଶିକ ନୀତି ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ତେବେ ଭାରତ ସହ ସମ୍ପର୍କ ଭଲ ରହିବ ବୋଲି ଆଶା କରାଯାଇପାରେ । ଆର୍ଥିକ ସଙ୍କଟ ସମୟରେ ଭାରତ ଶ୍ରୀଲଙ୍କାକୁ ପ୍ରାୟ ୫ ବିଲିୟନ ଡଲାରର ଆର୍ଥିକ ସହାୟତା ଦେଇ ଶ୍ରୀଲଙ୍କବାସୀଙ୍କ ପ୍ରଶଂସା ସାଉଁଟିଥିଲା । ଡିସନାୟାକେ ଚଳିତ ଫେବୃଆରୀରେ ଭାରତ ଗସ୍ତରେ ଆସି ଗୁଜୁରାଟ ଏବଂ କେରଳ ଯାତ୍ରା ସହ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଭେଟିଥିଲେ । ବ୍ୟକ୍ତିଗତ ବାର୍ତ୍ତାଳାପରେ ଡିସନାୟାକେ କହିଛନ୍ତି ଯେ ସେ ଭୌଗଳିକ ରାଜନୈତିକ ପ୍ରସଙ୍ଗରେ ତଥା ବାଣିଜ୍ୟିକ ସହଯୋଗୀ ଭାବରେ ଭାରତର ଗୁରୁତ୍ୱକୁ ବୁଝନ୍ତି ଏବଂ ଦ୍ୱିପାକ୍ଷିକ ସମ୍ପର୍କ ବଢାଇବାକୁ ଆଗ୍ରହୀ ଅଛନ୍ତି । ତେବେ ଚୀନ୍ ସହ ଏନପିପିର ନିକଟତରତା ଏବଂ ଚୀନ୍ କମ୍ୟୁନିଷ୍ଟ ପାର୍ଟି ସହିତ ଡିସାନାୟାକେଙ୍କ ଘନିଷ୍ଠ ସମ୍ପର୍କ ଚିନ୍ତାର କାରଣ ହେଇପାରେ । ତେବେ, ବିଭିନ୍ନ ପ୍ରତିଯୋଗୀ ଶକ୍ତି ସହିତ ନୂତନ ରାଷ୍ଟ୍ରପତି କିପରି ତାଙ୍କ ଦେଶର ବୈଦେଶିକ ସମ୍ପର୍କକୁ ସନ୍ତୁଳିତ କରିବେ, ତାହା ଖୁବ୍ ଶୀଘ୍ର ସ୍ପଷ୍ଟ ହେବ, ଯାହାଉପରେ ଶ୍ରୀଲଙ୍କାର ବିକାଶ ଅନେକଟା ନିର୍ଭର କରେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ମହାଳୟା ବା ମଉଳା ଶ୍ରାଦ୍ଧ



ଜୟଶ୍ରୀ ପଟ୍ଟନାୟକ

ଯେଉଁ ପିତାମାତାଙ୍କ ଠାରୁ ଆମେ ଜନ୍ମ ନେଇଛେ ବା ଦୁନିଆ ଦାଣ୍ଡରେ ସନ୍ତାନର ପରିଚୟ ପାଇଛେ, ଦୁନିଆ ଦେଖିଛେ, ଛୋଟରୁ ବଡ ହୋଇଛେ, ସମାଜରେ, ନିଜର ଗୋଟିଏ ପରିଚୟ ସୃଷ୍ଟି କରପାରିଛେ, ତା' ପଛରେ ରହିଛି ସେମାନଙ୍କର ଅସୀମ ତ୍ୟାଗ ଓ ଶ୍ରଦ୍ଧା । ସେମାନେ ଆମ ପାଇଁ ସ୍ୱର୍ଗ ତୁଲ୍ୟ । ବଞ୍ଚିଥିବାବେଳେ ସେମାନଙ୍କ ପ୍ରତି ଧ୍ୟାନ ଦେବା, ରୋଗରେ ପଡିଲେ ସେବା ଶୁଶ୍ରୁଷା କରିବା ଏବଂ ମୃତ୍ୟୁ ପରେ ତାଙ୍କର ଶ୍ରାଦ୍ଧ ଓ ପିଣ୍ଡଦାନ କରିବା ଦ୍ୱାରା ସେମାନଙ୍କର ଆତ୍ମାକୁ ଶାନ୍ତି ମିଳିଥାଏ ଏବଂ ପିତୃଋଣରୁ ସନ୍ତାନକୁ ,ପରିବାରକୁ ମୁକ୍ତି ମିଳିଥାଏ ବୋଲି ଆମର ବିଶ୍ୱାସ ରହିଛି । ଏହା ସହ ଘରେ ଶାନ୍ତି, ସୁଖ, ସୌହାର୍ଦ୍ଦ୍ୟ ବଢ଼େ ବୋଲି କେଉଁ ଆବାହମାନ କାଳରୁ ବିଶ୍ୱାସ ରହିଆସିଛି ।

ପିତୃମାତୃ ପ୍ରତି ଶ୍ରଦ୍ଧାରେ ପିଣ୍ଡଦାନ କରାଯାଉଥିବାରୁ କର୍ମକାଣ୍ଡରେ ପିଣ୍ଡଦାନକୁ ଶ୍ରାଦ୍ଧଦାନ କୁହାଯାଏ । ଶ୍ରାଦ୍ଧ ପିତୃପୁରୁଷଙ୍କୁ ଦିଆଯାଇଥାଏ । ଯଥା: ବାପା, ମାଆ, ଶାଶୁ, ଶ୍ୱଶୁର, ବଡବାପା, ଦାଦା ତଥା ନିଜ ବଂଶଜ ପୂର୍ବପୁରୁଷ, ଯାହାର ପରଲୋକ ହୋଇଯାଇଛି, ତାଙ୍କ ଉଦ୍ଦେଶ୍ୟରେ ପ୍ରତିବର୍ଷ ପିଣ୍ଡଦାନ କରାଯାଇଥାଏ । ପ୍ରତ୍ୟେକ ସନ୍ତାନର ପ୍ରଧାନ କର୍ତ୍ତବ୍ୟ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା । ଶ୍ରଦ୍ଧାରେ ପିତୃପୁରୁଷଙ୍କୁ ଯେଉଁ ଭୋଜନ,ଜଳ, ଅନ୍ନ, ତିଳ ତର୍ପଣ କରାଯାଏ, ତାକୁ ଶ୍ରାଦ୍ଧ କୁହାଯାଏ । ଆଶ୍ୱିନ କୃଷ୍ଣପକ୍ଷ ପ୍ରତିପଦା ଠାରୁ ଅମାବାସ୍ୟା ୧୫ ଦିନ ସମୟକୁ ପିତୃପକ୍ଷର ସମୟ କୁହାଯାଏ । ସୂର୍ଯ୍ୟ କନ୍ୟାରାଶିରେ ସ୍ଥିତ ସମୟରେ ଯେଉଁ ଅମାବସ୍ୟା ପଡେ, ତାହା 'ମହାଳୟା ଅମାବାସ୍ୟା' ନାମରେ ନାମିତ । ଏହି ଅମାବାସ୍ୟାରେ ଅନୁଷ୍ଠିତ ଶ୍ରାଦ୍ଧକୁ ମହାଳୟା ବା ମଉଳା ଶ୍ରାଦ୍ଧ କୁହାଯାଏ ଏବଂ ସାମ୍ବତ୍ସରିକ ଶ୍ରାଦ୍ଧ ମଧ୍ୟ କୁହାଯାଏ । ଏହି ସମୟକୁ ପିତୃପକ୍ଷ ଓ ଅପରପକ୍ଷ ମଧ୍ୟ କୁହାଯାଏ । ଅନେକେ, ନିଜ ପୂର୍ବପୁରୁଷଙ୍କୁ ମନେ ପକାଇବା ସହ ନଦୀରେ ସ୍ନାନ ପୂଜାର୍ଚ୍ଚନା, ପିଣ୍ଡଦାନ, ତର୍ପଣ କରିଥାନ୍ତି ।

ଶ୍ରାଦ୍ଧ ଦିନ ସକାଳୁ ସ୍ନାନ ସାରି ଘରର ଜ୍ୟେଷ୍ଠ ପୁତ୍ର ଭକ୍ତି ସହକାରେ ଦେବଗଣ ଋଷିଗଣଙ୍କୁ ପୂଜାର୍ଚ୍ଚନା କରି, ହାତରେ କୁଶ ପିନ୍ଧି, ପିତୃମାତୃଗଣଙ୍କୁ ଦୁଇ ଆଞ୍ଜୁଳାରେ ତିଳ, ତଣ୍ଡୁଳ ମିଶ୍ରିତ ଜଳ,ଫୁଲ, ତର୍ପଣ ଓ ପିଣ୍ଡଦାନ କରିଥାନ୍ତି । ଜଳାଶୟ , ସମୁଦ୍ର, କୂଅ, ନଦୀ ଥିବା ସ୍ଥାନରେ ବ୍ରାହ୍ମଣ ବା କୁଳ ପୁରୋହିତମାନଙ୍କ ଦ୍ୱାରା ପିଣ୍ଡଦାନ କରାଯାଏ । ସାନମାନେ ତିଳତର୍ପଣ କରିପାରିବେ କିନ୍ତୁ ପିଣ୍ଡଦାନ ପରିବାରର ଜ୍ୟେଷ୍ଠ ପୁଅ କରିବାର ବିଧି ରହିଛି ।

ସେଥିପାଇଁ ପିଣ୍ଡଦାନର ସର୍ବଶ୍ରେଷ୍ଠ ସ୍ଥାନ ହେଉଛି ଗୟା । କୁହାଯାଏ ଯେ, ସେହି ସ୍ଥାନରେ ପିଣ୍ଡଦାନ କଲେ ଆତ୍ମା ବିଷ୍ଣୁଲୋକକୁ ଯାଏ । ଓଡ଼ିଶାର ପବିତ୍ର ସ୍ଥାନ ରୂପେ ପରିଗଣିତ ଯାଜପୁରର ନାଭିଗୟା, ଭୁବନେଶ୍ୱରର ବିନ୍ଦୁସାଗର ଏବଂ ପୁରୀର ବାଇଶିପାହାଚ । ଯେଉଁମାନେ ଏସବୁ ପବିତ୍ର ସ୍ଥାନରେ ଶ୍ରାଦ୍ଧ ଦେଇପାରନ୍ତି ନାହିଁ, ସେମାନେ ଘରେ, ବ୍ରାହ୍ମଣଙ୍କ ଦ୍ୱାରା ଶ୍ରାଦ୍ଧ ଦେଇପାରିବେ । ପିଣ୍ଡଦାନ କରୁଥିବା ବ୍ୟକ୍ତି ଏ ପନ୍ଦର ଦିନ ନଖ, ଚୁଟି, ଦାଢ଼ି କାଟିବେନି । ଆମିଷ, ପିଆଜ, ରସୁଣ ଆହାର କରିବେନି । ମୈଥୁନ ଠାରୁ ଦୂରରେ ରହିବେ । ବାସୀଖାଦ୍ୟ ଏବଂ ପରପାକରେ ମଧ୍ୟ ଖାଇବେ ନାହିଁ । ନିଷ୍ଠାର ସହ ପିଣ୍ଡଦାନ କରିବା ଦ୍ୱାରା, ବ୍ରାହ୍ମଣକୁ ଭୋଜନ ଦେବାଦ୍ୱାରା ପିତୃଲୋକ ସନ୍ତୁଷ୍ଟ ହୁଅନ୍ତି ବୋଲି ପ୍ରବାଦ ଅଛି । ପିତୃଲୋକ ସନ୍ତୁଷ୍ଟ ହେଲେ ପିତୃ ଅଭିଶାପରୁ ଏବଂ ପିତୃମାତୃ ଋଣରୁ ସନ୍ତାନକୁ ମୁକ୍ତି ମିଳେ । ପରିବାରରେ ସୁଖ ଶାନ୍ତି ବିରାଜେ । ସେମାନଙ୍କର ଶୁଭଦୃଷ୍ଟି ପରିବାର ଉପରେ ପଡିଥାଏ । ଏ ମହାନ କର୍ମ ପ୍ରତ୍ୟେକ ସନ୍ତାନର ପ୍ରଧାନ କର୍ତ୍ତବ୍ୟ । ଉତ୍ତରପୁରୁଷମାନଙ୍କୁ ଶ୍ରଦ୍ଧାରେ ଯେଉଁ ଭୋଜନାଦି ପଦାର୍ଥ ଦାନ କରନ୍ତି, ତାହା ହିଁ ଶ୍ରାଦ୍ଧ । ପିତୃପୁରୁଷଙ୍କ ତୃପ୍ତି ନିମନ୍ତେ ତାଙ୍କ ଋଣରୁ ମୁକ୍ତ ହେବାପାଇଁ ଶ୍ରାଦ୍ଧ ତର୍ପଣ କରାଯାଏ । କାରଣ ପରିବାରର ମୃତବ୍ୟକ୍ତିମାନେ ପ୍ରେତତ୍ୱ ଜୀବନ ମୁକ୍ତ ହୋଇ ପିତୃଲୋକରେ ବାସ କରିଥାନ୍ତି । ସେମାନେ ଉତ୍ତରପୁରୁଷ ଠାରୁ ତିଳୋଦକାଦି ପାଇବା ପାଇଁ ଏହି ସମୟକୁ ଅପେକ୍ଷା କରିଥାନ୍ତି । ଯମ ମଧ୍ୟ ଏହି ସମୟରେ ପିତୃଲୋକଙ୍କୁ ମୁକ୍ତ କରିଥାନ୍ତି ପିଣ୍ଡ ପାଇବା ପାଇଁ ।

ସୁତରାଂ ପିତୃପୁରୁଷ, ପିତୃପକ୍ଷରେ, ପିତୃଲୋକରୁ ମର୍ତ୍ତ୍ୟଲୋକକୁ ଆସନ୍ତି । ନିଜ ନିଜ ସନ୍ତାନମାନଙ୍କ ଠାରୁ ପିଣ୍ଡପାଣି ଗ୍ରହଣ କରିବା ପାଇଁ । ପୁଣି ଦୀପାବଳି, ପୟାଶ୍ରାଦ୍ଧ ପରେ ଅନ୍ଧାରରେ ଆସି ଆଲୋକିତ ପଥରେ ବାହୁଡି ଯାଆନ୍ତି ପିତୃଲୋକକୁ । ପିତୃଲୋକରେ ଗୋଟାଏ ଦିନ ଶ୍ରାଦ୍ଧ, ମର୍ତ୍ତ୍ୟରେ ଗୋଟାଏ ବର୍ଷ ସହିତ ସମାନ । ତେଣୁ ସନ୍ତାନ ହିସାବରେ ପ୍ରତ୍ୟେକ ବର୍ଷ ଶ୍ରାଦ୍ଧ କର୍ମ କରିବା ବିଧେୟ । କୋଉ ଆବାହମାନ କାଳରୁ ଚଳିଆସୁଅଛି ଏହି ପରମ୍ପରା । ମହାଭାରତର ଅନୁଶାସନ ପର୍ବରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ଶ୍ରାଦ୍ଧର ମହତ୍ତ୍ୱ ଓ ପ୍ରକ୍ରିୟା ବିଷୟରେ ଜ୍ଞାନ ପ୍ରଦାନ କରିଥିଲେ । ସର୍ବପ୍ରଥମେ ମହା ତପସ୍ୱୀ ଅତ୍ରି, ଋଷିମାନଙ୍କୁ ଶ୍ରାଦ୍ଧ ଜ୍ଞାନ ପ୍ରଦାନ କରିଥିଲେ । ଅନ୍ୟ ଋଷିମାନେ ତା'ପରେ ପାଳନ କରିଲେ ଏବଂ ସାଧାରଣ ଜନଜୀବନରେ ଶ୍ରାଦ୍ଧ କରିବାର ପଦ୍ଧତି ଆଦୃତ ହେଲା ବୋଲି କଥିତ ଅଛି । ରାମ ବନବାସ ସମୟରେ ଗୟାକୁ ଯାଇଥିଲେ ପିତା ଦଶରଥଙ୍କ ଶ୍ରାଦ୍ଧ ପାଳିବାକୁ । ପାଖରେ କିଛି ସାମଗ୍ରୀ ନ ଥିବାରୁ ରାମ ଶ୍ରାଦ୍ଧ ନିମିତ୍ତ ସାମଗ୍ରୀ ସଂଗ୍ରହ କରି ଫେରିଲାବେଳକୁ ଶ୍ରାଦ୍ଧ ସମୟ ଗଡି ଯାଉଥିବାରୁ, ସୀତା ଅକ୍ଷୟବଟ, ଫଲଗୁ ନଦୀ, ପିଣ୍ଡ ବ୍ରାହ୍ମଣ ଓ ଗାଇକୁ ସାକ୍ଷୀ ରଖି ଦଶରଥଙ୍କୁ 'ବାଲିପିଣ୍ଡ' ଦେଇଥିଲେ ବୋଲି ମଧ୍ୟ ପ୍ରବାଦ ରହିଅଛି । ପୌରାଣିକ ମତାନୁଯାୟୀ ମହାଦାନୀ କର୍ଣ୍ଣଙ୍କ ମୃତ୍ୟୁପରେ ତାଙ୍କ ଦାତାପଣ ସ୍ୱରୂପ ଯମପୁରରେ ତାଙ୍କୁ ସୁନା ରୂପା ମିଳିଲା । କିଛି ଭୋଜନ ଦିଆଗଲା ନାହିଁ । କାରଣ ସେ ଜୀବିତାବସ୍ଥାରେ ଅନ୍ନଦାନ କରି ନଥିଲେ । ଏହି କଥା ଜାଣି କର୍ଣ୍ଣ ବହୁତ ଚିନ୍ତିତ ହୋଇପଡିଲେ । ଦେବରାଜ ଇନ୍ଦ୍ରଙ୍କୁ ଏହାର କାରଣ ପଚାରିବାରୁ ଇନ୍ଦ୍ର କହିଥିଲେ ଯେ ତୁମେ ସୁନା, ରୁପା ଆଦି ଅଳଙ୍କାର ଦାନ ସ୍ୱରୂପ ଦେଇଛ କିନ୍ତୁ ଜୀବନକାଳ ମଧ୍ୟରେ କେବେ ଅନ୍ନଦାନ କରିନାହଁ । ତେଣୁ କର୍ଣ୍ଣ ଏହା ଜାଣିପାରି ଚିନ୍ତିତ ହୋଇପଡିଲେ ଏବଂ ଇନ୍ଦ୍ରଙ୍କୁ ପ୍ରାର୍ଥନା କଲେ ମାତ୍ର ୧୫ ଦିନ ପାଇଁ ପଠାଇବାକୁ ମର୍ତ୍ତ୍ୟକୁ । ସେହି ୧୫ ଦିନ ମଧ୍ୟରେ ସେ ବ୍ରାହ୍ମଣ ତଥା ଗରିବଙ୍କୁ ଅନ୍ନଦାନ କରିଥିଲେ । ଫଳରେ ତାଙ୍କୁ ଯମପୁରରେ ଅନ୍ନରୁ ବଞ୍ଚିତ ହେବାକୁ ପଡି ନ ଥିଲା ।

ଏହି ସମୟରେ ମର୍ତ୍ତ୍ୟରେ ୧୫ ଦିନ ପିତୃପକ୍ଷର ସମୟ ଥିଲା । ଶ୍ରାଦ୍ଧ ଦାନ ଧର୍ମ କାର୍ଯ୍ୟ ଚାଲିଥିଲା । ସେହିଦିନଠାରୁ ମହାଳୟା ସମୟରେ ତୀର୍ଥ ସ୍ଥାନମାନଙ୍କରେ ପିତା, ପିତାମହ, ପ୍ରପିତାମହ, ବୃଦ୍ଧ ପ୍ରପିତାମହ ଏବଂ ମାତା, ମାତାମହୀ, ପ୍ରମାତାମହୀ, ବୃଦ୍ଧ ପ୍ରମାତାମହୀ ଓ ସମସ୍ତ ଦିବଙ୍ଗତଙ୍କୁ ଶ୍ରାଦ୍ଧ ଦେବାଦ୍ୱାରା, ବ୍ରାହ୍ମଣ ଭୋଜନ ଓ ଦାନ କରିବା ଦ୍ୱାରା, ସନ୍ତାନ ଅଖଣ୍ଡ ଶାନ୍ତିର ଅଧିକାରୀ ହୋଇଥାଏ ଓ ପିତୃଲୋକ ସନ୍ତୁଷ୍ଟ ହୋଇଥାନ୍ତି । ବିଶ୍ୱାସ ଅଛି ଯେ ପିତୃପୁରୁଷମାନେ ମହାଳୟାରେ ଆପଣାର କ୍ଷୁଧାକୁ ପ୍ରଶମିତ କରି ଦୀପାବଳିର ପବିତ୍ର ଦିବସରେ 'ପୟାଶ୍ରାଦ୍ଧ' ଲାଭ କରି ଉତ୍ତର ପୁରୁଷ ଦ୍ୱାରା ପ୍ରଦର୍ଶିତ ଆଲୋକିତ ମାର୍ଗରେ ସ୍ୱଲୋକକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ପିତୃପକ୍ଷରେ କାଉକୁ ଭୋଜନ ଦିଆଯାଏ, ଯାହା କାକବଳି ନାମରେ ଉଲ୍ଲିଖିତ ।

କାଉକୁ ଯମଦୂତ ରୂପେ ମନାଯାଏ । ହିନ୍ଦୁ ଧର୍ମରେ ବିଶ୍ୱାସ ରହିଛି ଯେ କାଉକୁ ଭୋଜନ ଦେଲେ ପିତୃପୁରୁଷ ସନ୍ତୁଷ୍ଟ ହୁଅନ୍ତି । ତେଣୁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବା ସମୟରେ କାଉକୁ ମଧ୍ୟ ଭୋଜନ ଅର୍ପଣ କରାଯାଏ । କୁହାଯାଏ ଯେ କାଉକୁ ଭୋଜନ ଦେବା ସମୟରେ କାଉ ଯମରାଜକୁ ସନ୍ତାନ ସୁଖ, ଦୁଃଖ ଓ ସ୍ଥିତି ସମ୍ପର୍କରେ ଜଣାଇଥାଏ । ଯା ଦ୍ୱାରା ପୂର୍ବପୁରୁଷଙ୍କ ଆତ୍ମାକୁ ଶାନ୍ତି ମିଳିଥାଏ । କାଉର ସ୍ୱାଭାବିକ ମୃତ୍ୟୁ ହୋଇ ନଥାଏ । କୌଣସି ରୋଗ ବା ବୃଦ୍ଧାବସ୍ଥାରେ ବି ତାର ମୃତ୍ୟୁ ହୋଇ ନଥାଏ । ତା'ର ମୃତ୍ୟୁ ଆକସ୍ମିକ ରୂପରେ ହୋଇଥାଏ । ଯେଉଁଦିନ ଗୋଟିଏ କାଉର ମୃତ୍ୟୁ ହୋଇଥାଏ, ସେଦିନ ଅନ୍ୟ ସାଥୀ କାଉମାନେ ଭୋଜନ ଗ୍ରହଣ କରି ନ ଥାନ୍ତି । କାଉ କେବେ ଏକା ଭୋଜନ କରେନାହିଁ ତା'ର ସାଥୀମାନଙ୍କ ସହିତ ଭୋଜନ କରେ । କୁହାଯାଏ ଯେ କାଉକୁ ଭବିଷ୍ୟତରେ ଘଟିବାର ଘଟଣା ବିଷୟରେ ଜଣାଥାଏ । ପୂର୍ବପୁରୁଷଙ୍କ ଆତ୍ମା ରୂପରେ କାଉ ଆସି ଭୋଜନ କରି ସାରିବା ପରେ ହିଁ ଘରର ସଦସ୍ୟମାନେ ଭୋଜନ କରିଥାନ୍ତି । ମଣିଷର ମୃତ୍ୟୁ ପରେ ଯେଉଁ ଏଗାର ଦିନ ପ୍ରେତକର୍ମ ହୁଏ ସେଥିରେ କାଉକୁ ପ୍ରାଧାନ୍ୟ ଦିଆ ଯାଇଥାଏ । ଶବ ପଞ୍ଚନାମା ଠାରୁ ପ୍ରତ୍ୟେକ ଦିନ ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦିଆ ଯାଉଥିବା ପ୍ରତ୍ୟେକ ଖାଦ୍ୟ ପଦାର୍ଥ ଭୋଜନ ପ୍ରଥମେ ଯମରାଜର ଦୂତ ରୂପେ କାଉକୁ ସମର୍ପଣ କରାଯାଏ ।

କାଉକୁ ଦିଆ ଯାଇଥିବା ଖାଦ୍ୟରେ, କାଉ ମୁହଁ ମାରିଲେ, ମୃତବ୍ୟକ୍ତି ଖାଦ୍ୟକୁ ସାଦରରେ ଗ୍ରହଣ କଲେ ବୋଲି ଧରି ନିଆଯାଏ । ତା'ପରେ ପରିବାର ଲୋକେ ଖାଦ୍ୟ ଗ୍ରହଣ କରିଥାନ୍ତି । ବେଳିକିଆ ରୋଷେଇ ସମୟରେ ମଧ୍ୟ କାଉକୁ ପ୍ରଥମେ ଭୋଜନ ଦିଆଯାଏ ଏବଂ କାଉ ଖାଇସାରିଲେ ବା ଖାଦ୍ୟରେ ମୁହଁ ମାରିଲେ ଶୁଭ ବୋଲି ଧରି ନିଆଯାଏ । ତେଣୁ ପ୍ରତ୍ୟେକ ଶ୍ରାଦ୍ଧ ସମୟରେ ପିତୃପୁରୁଷର ପ୍ରତିନିଧି ହିସାବରେ କାଉକୁ ଖାଦ୍ୟ ଅର୍ପଣ କରିବା ଦ୍ୱାରା ପିତୃପୁରୁଷ ଶାନ୍ତି ଲଭନ୍ତି ଏବଂ ପିତୃଲୋକରେ ଥାଇ ଆଶୀର୍ବାଦ ପ୍ରଦାନ କରନ୍ତି ବୋଲି ଆମର ବିଶ୍ୱାସ ରହିଛି ।

ଶ୍ରାଦ୍ଧ ନ କଲେ ପିତୃଦୋଷ ଲାଗେ ତେଣୁ ପିତୃ ସନ୍ତୁଷ୍ଟ ପାଇଁ ଶ୍ରାଦ୍ଧ ଦିଆଯାଏ । ଦ୍ୱିପହର ସମୟରେ ଶ୍ରାଦ୍ଧ ଦିଆଯାଏ । ହିନ୍ଦୁ ଶାସ୍ତ୍ର ଅନୁସାରେ ମଣିଷ ଶରୀର ୨୭ଟି ତତ୍ତ୍ୱରେ ଗଠିତ । ମୃତ୍ୟୁ ପରେ ମୂଳ ପଞ୍ଚଭୂତ ଓ ପଞ୍ଚ କର୍ମନ୍ଦ୍ରିୟ ନଷ୍ଟ ହୋଇଯାଏ । ଆହୁରି ୧୭ଟି ତତ୍ତ୍ୱ ସୂକ୍ଷ୍ମ ଭାବରେ ମଣିଷର ମୃତ୍ୟୁର ବର୍ଷକ ପର୍ଯ୍ୟନ୍ତ ମୋକ୍ଷ ନ ପାଇ ବିନା ଶରୀରରେ ଘରର ଆଖପାଖରେ ବିଚରଣ କରୁଥାଏ, ଯାହା କି ନୂଆ ଶରୀର ପାଇ ନଥାଏ ବା ଅମୋକ୍ଷ ପ୍ରାପ୍ତ ହୋଇଥାଏ । ସେଗୁଡିକୁ ଶ୍ରାଦ୍ଧ ଦ୍ୱାରା ମୋକ୍ଷ ବା ଶାନ୍ତି କରାଯାଏ । ଅତଏବ ପିତୃଗଣଙ୍କ ସନ୍ତୁଷ୍ଟ ପାଇଁ ଏବଂ ପରିବାରର କଲ୍ୟାଣ ପାଇଁ ଶ୍ରାଦ୍ଧ କରାଯିବା ଉଚିତ ।

ଭୁବନେଶ୍ୱର,
ମୋ-୭୯୭୮୧୧୦୪୭୪

# ଗାନ୍ଧି ବିଚାରଧାରା ଓ ଆମ ଦେଶ

ଦାଶରଥୀ ଶତପଥୀ

ପୁଣ୍ୟ ଭୂମି ଆମ ଦେଶ, ପବିତ୍ର ଭାରତ ବର୍ଷ । ବିଭିନ୍ନ ଜାତି, ସଂସ୍କୃତି ଓ ଧର୍ମର ଏକ ଅପୂର୍ବ ସମାହାର ତଥା ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ । ଆମ ଦେଶର ସମ୍ବିଧାନ ସମ୍ପୂର୍ଣ୍ଣ ଲୋକାଭିମୁଖି ଓ ବିଶ୍ୱରେ ବିରଳ କହିଲେ ଚଳେ । ଏହାର ମହାନ ସାଂସ୍କୃତିକ ପରମ୍ପରା ପାଇଁ ଆମେ ଭାରତବାସୀ ବିଦେଶରେ ପ୍ରଂଶସିତ । ଇତିହାସ କହେ, ପ୍ରାଚୀନ ଭାରତ ବର୍ଷରେ ସାଧାରଣତନ୍ତ୍ର ପରିଚାଳିତ ଗଣରାଜ୍ୟ ସୃଷ୍ଟି ହୋଇଥିଲା ଏବଂ ଶାସକମାନେ ପ୍ରଜାମନରେ ଧର୍ମଭାବ, ସ୍ୱାଧୀନ ଚିନ୍ତା, ପରୋପକାର, ସ୍ୱଦେଶ ପ୍ରେମ ପ୍ରଭୃତି ଚିନ୍ତା ସୃଷ୍ଟି କରିପାରିଥିଲେ । ଗଣତନ୍ତ୍ର ସୁଦୃଢ ହୋଇରହିପାରିଥିଲା । ବିଦ୍ୱାନମାନଙ୍କ ମତରେ, ଗଣତନ୍ତ୍ର ହେଉଛି ଏକ ଶାସନ, ଯେଉଁଥିରେ ସମାଜର ସବୁଠାରୁ ତଳେ ଥିବା ଲୋକଟିର ମଧ୍ୟ ସରକାର ଗଢିବାର ସମାନ ଅଧିକାର ଥାଏ । ସମସ୍ତେ ଏଠାରେ ସମାନ ଓ ସ୍ୱାଧୀନ ଭାବରେ ଦେଶ ଓ ରାଜ୍ୟର ଉନ୍ନତି ପାଇଁ ସମସ୍ତେ ଭାଗୀଦାର ହୋଇପାରିଥାନ୍ତି ।

ବିଡମ୍ବନାର ବିଷୟ ଏହିକି ଯେ ଏକଛତ୍ରବାଦୀ ବିଦେଶୀମାନଙ୍କର ଭାରତବର୍ଷକୁ ପ୍ରବେଶ କରିବା ପରେ, ଅଖଣ୍ଡ ଭାରତ ବର୍ଷରେ ଚାଲିଥିବା ସୁବର୍ଣ୍ଣ ଯୁଗର ଗତିବିଧି କ୍ରମେ କ୍ରମେ ଧୂଳିସାତ୍ ହେବାକୁ ଲାଗିଲା । ଯୁଦ୍ଧଲୋଲୁପ ବିସ୍ତାରବାଦୀ, ଲୁଣ୍ଠନକାରୀ ବିଦେଶୀ, ଭାରତ ବର୍ଷକୁ ତିଳ ତିଳ କରି ଲୁଣ୍ଠନ କରିବାକୁ ଲାଗିଲେ ଏବଂ ବିଦେଶୀ ଧର୍ମଧାରଣକୁ ନେଇ ଜୋର ଜବରଦସ୍ତ ଶାସନ କରିବାରେ ସଫଳ ହେଲେ । ଶାସ୍ତ୍ର ବଦଳରେ ବନ୍ଧୁକ ମୁନରେ(ଶସ୍ତ୍ରରେ) ସେତେବେଳେ ଶାସନ ଚାଲିଲା । ଭାରତୀୟ ଗଣତନ୍ତ୍ରର ମୂଳମନ୍ତ୍ରରେ ପ୍ରତିଫଳିତ ସତ୍ୟ, ଅହିଂସା, ନ୍ୟାୟ, ସ୍ୱାଧୀନତା, ସାମ୍ୟ ଓ ମୈତ୍ରୀ ଭାବଧାରାର ଦିଗ ପରିବର୍ତ୍ତନ ହୋଇଗଲା । ବିଦେଶୀ ଶାସନ ଓ ତାଙ୍କ କୁଚକ୍ରାନ୍ତରେ ବିରାଟ ଭାରତବର୍ଷ ଖଣ୍ଡବିଖଣ୍ଡିତ ଅବସ୍ଥାକୁ ଆସି, ତା'ର ସଂସ୍କୃତି ଓ ପୂର୍ବଗୌରବର ଅସ୍ତିତ୍ୱ ହରାଇବସିଲା । ପରାଧୀନ ଭାରତ ବର୍ଷର ସମାଜର ଚିତ୍ର ଧୀରେ ଧୀରେ କଳୁଷିତ ହେବା ସହ, ବିଦେଶୀ ଶାସନ ପ୍ରଭାବରେ ନାଗରିକମାନେ ଦୁଃଖ, ଦୁର୍ଦ୍ଦଶାରେ ରହି ତ୍ରାହି ତ୍ରାହି ଡାକିଲେ ।

ଏକଛତ୍ରବାଦ ଶାସନ ଭିତରେ ଶାସିତ ହୋଇ ଖଣ୍ଡ ଖଣ୍ଡ ଅବସ୍ଥାରେ ଭାରତ ବର୍ଷ ନିଜର ମୌଳିକତା ଓ ନୈତିକତା ହରାଇ ବସିଥିଲା ସତ କିନ୍ତୁ ଦୀର୍ଘ ବର୍ଷର ସଂଗ୍ରାମରେ ରାଜତନ୍ତ୍ର ଛାୟାରେ ରହି ମଧ୍ୟ ସତ୍ୟ, ଅହିଂସା, ନ୍ୟାୟ ଓ ନେତୃତ୍ୱ ବଳରେ ଗଣତନ୍ତ୍ରର ପ୍ରତିଷ୍ଠା ଓ ବିକାଶ କେବଳ ସାରା ପୃଥିବୀରେ ଭାରତ ବର୍ଷରେ ସମ୍ଭବ ହୋଇପାରିଥିଲା, ଯାହାର ମୁଖ୍ୟ ନାୟକ ଥିଲେ ମୋହନ ଦାସ କରମଚାନ୍ଦ ଗାନ୍ଧି । ସେ ଜଣେ ନୀତିନିଷ୍ଠ, ଯୁଗସ୍ରଷ୍ଟା, ଦେଶପ୍ରେମୀ, ସତ୍ୟ ଓ ଅହିଂସାର ପୂଜାରୀ,ପ୍ରଗାଢ ଆଧାତ୍ମିକବାଦୀ ଓ ପ୍ରଭାବଶାଳୀ ବ୍ୟକ୍ତି ଥିଲେ । ଭାରତୀୟଙ୍କ ଦୃଷ୍ଟିରେ ଗାନ୍ଧି ଥିଲେ ସତ୍ୟ ଓ ଅହିଂସାରେ ରହି ନୂତନ ଆଲୋକ ଦେଖାଇବାର ଏକ ଅଗ୍ନିର ସ୍ଫୁଲିଙ୍ଗ ।

ପରାଧୀନତାର ବନ୍ଧନରୁ ଦେଶକୁ ମୁକ୍ତ କରିବା ପାଇଁ ନିଜର ବୃତ୍ତି ଛାଡି ତାଙ୍କର ସମଗ୍ର ଜୀବନକୁ ଦେଶସେବାରେ ଉତ୍ସର୍ଗ କରିଦେଇଥିଲେ ଏବଂ ପରାଧୀନତାର ନିରାଶା ଭିତରେ ସ୍ୱାଧୀନତାର ଆଶା ସଞ୍ଚାର କରାଇବାରେ ସଫଳ ହୋଇଥିଲେ । ସମଗ୍ର ଭାରତ ବର୍ଷ ଓ ମାନବ ଜାତି ପାଇଁ ତାଙ୍କର ଅବଦାନ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇରହିଛି । ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରାଇବା ତାଙ୍କ ପାଇଁ ନଥିଲା କେବେହେଲେ ଉନ୍ମାଦନା, ଥିଲା କେବଳ ଜୀବନର ପୂର୍ଣ୍ଣ ନିଷ୍ପତ୍ତି । ତାଙ୍କ ମନପ୍ରାଣ ବ୍ୟାକୁଳିତ ହୋଇଥିଲା ଦେଶକୁ ବିଦେଶୀ ଶାସନରୁ ମୁକୁଳାଇବା ଓ ଦେଶକୁ ଗଢିବାରେ । ତାଙ୍କର ଶକ୍ତିର ଆକର୍ଷଣରେ ଅଗଣିତ ନରନାରୀ ନିଜର ଭିଟାମାଟି ଓ ବୃତ୍ତି ଛାଡି ସତ୍ୟ ଓ ଅହିଂସା ପଥରେ ରହି ନିର୍ମଳ ହୃଦୟରେ ଦେଶ କାର୍ଯ୍ୟରେ ନିଜକୁ ସମର୍ପିତ କରି ସ୍ୱାଧୀନତା ପାଇଁ ବିପ୍ଳବ କରି ଉଠିଥିଲେ । ଯେଉଁ ବିପ୍ଳବରେ ସଞ୍ଜୀବୀତ ହୋଇଥିଲା ସମାଜରୁ ସବୁପ୍ରକାର ବୈଷମ୍ୟ ଓ ବିଭେଦ ଦୂର କରି ଦଳିତ, ଶୋଷିତ, ଅତ୍ୟାଚାରିତ ଲୋକଙ୍କୁ ସମାଜରେ ସମାନ ସୁବିଧା ସୁଯୋଗର ଅଧିକାର ଓ ନ୍ୟାୟ ପ୍ରଦାନ ପାଇଁ ତଥା ଏକ ନୂଆ ସମାଜ ଗଢିବା ଲାଗି ଅପ୍ରତିହତ ସଂକଳ୍ପ ।

ସତ୍ୟ ହିଁ ଈଶ୍ୱର, ଶ୍ରମ ହିଁ ଉପାସନା, ବ୍ୟକ୍ତି ଜୀବନକୁ ଶୃଙ୍ଖଳିତ ଓ ମାର୍ଜିତ କରି ରାଷ୍ଟ୍ର ଜୀବନକୁ ସମୃଦ୍ଧ କରିବା ସମ୍ମାନଜନକ ଓ ସମତୁଲ କରିବା ପାଇଁ ସତ୍ୟାଗ୍ରହ ଥିଲା, ତାଙ୍କର ପ୍ରକୃଷ୍ଟ ମାର୍ଗ । ଏହି ମାର୍ଗରେ ସମଗ୍ର ଭାରତ ବର୍ଷକୁ ଏକତ୍ରିତ କରି ବିଦେଶୀ ହାତରୁ ଶାସନ କ୍ଷମତା ଛଡାଇ ଆଣିବା ଥିଲା ତାଙ୍କ ଦର୍ଶନର ମୂଳ ଲକ୍ଷ୍ୟ । ସେହି ଦର୍ଶନରେ ଥିଲା ସ୍ନେହ, ଶ୍ରଦ୍ଧା ଓ ମଣିଷକୁ ମଣିଷ ପରି ସମ୍ମାନବୋଧ କରିବା । ତାଙ୍କ ଲକ୍ଷ୍ୟ ଥିଲା, ଆମ ଦେଶ ଭାରତ ବର୍ଷ ଏପରି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହେବ, ଯେଉଁଥିରେ କୌଣସି ବ୍ୟକ୍ତି ନିଜର ଧର୍ମ,ଜାତି, ଲିଙ୍ଗ ଓ ଧନୀ ଦରିଦ୍ର ଭିତରେ ଭେଦଭାବର ଶରବ୍ୟ ହେବନାହିଁ ।

ସତ୍ୟ, ଅହିଂସା ଓ ସତ୍ୟାଗ୍ରହକୁ ଆଦରି ନେଇ ଦେଶକୁ ସ୍ୱାଧୀନତାର ସ୍ୱାଦ ଚଖାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ । ଜନମାନସରେ ସମସ୍ତଙ୍କର ହୃଦୟକୁ ଜିଣିବାର ଶକ୍ତି ତାଙ୍କ ପାଖରେ ଥିଲା ଓ ସେ ସେଥିରେ ବ୍ରତରେ ବ୍ରତୀ ଥିଲେ । ସଂଯମୀ, ନିର୍ଭୀକ, ଦୃଢ ମନୋବଳ, ସହିଷ୍ଣୁତା ଓ ଶାନ୍ତିକାମୀ ଜୀବନ ଥିଲା ତାଙ୍କର । ସମ୍ପୂର୍ଣ୍ଣରୂପେ ସେ ଭୟଶୂନ୍ୟ, ପ୍ରଗାଢ ଈଶ୍ୱର ବିଶ୍ୱାସୀ, ଆଧାତ୍ମିକ ଚେତନାଧାରୀ ବ୍ୟକ୍ତିଭାବେ ହସି ହସି କାରା, ଗୁଳି, ଲାଠିର ସାମନା କରୁଥିଲେ । ସତ୍ୟାଗ୍ରହ ହେଉ କି, ସ୍ୱଦେଶୀ ଆନ୍ଦୋଳନ ହେଉ, ନିଜର ସକାରାତ୍ମକ ଗଠନମୂଳକ ଶକ୍ତିଦ୍ୱାରା ଦୁଷ୍ଟଶକ୍ତିକୁ ପରାସ୍ତକରି ସମସ୍ତଙ୍କୁ ସତ୍ୟ, ପ୍ରେମ ଓ ଅହିଂସା ବଳରେ ଏକତ୍ରିତ କରିପାରିଥିଲେ ।

ଗାନ୍ଧିଜୀଙ୍କ ଗ୍ରାମ୍ୟ ସ୍ୱରାଜ୍ୟ, ପଞ୍ଚାୟତିରାଜ ବ୍ୟବସ୍ଥା, ଗାଁକୁ ଫେରିଚାଲ, କର୍ମ ହିଁ ଭଗବାନ, ଚରିତ୍ରଯୁକ୍ତ ଶିକ୍ଷା, ଖଦୀ ଗ୍ରାମୋଦ୍ୟୋଗ, ସ୍ୱଦେଶୀ ଜିନିଷ ବ୍ୟବହାର, ଆତ୍ମନିର୍ଭରଶୀଳତା ସହିତ କୁଟୀର ଶିଳ୍ପ, କୃଷି ଓ ଜଙ୍ଗଲଭିତ୍ତିକ ଶିଳ୍ପର ବିକାଶ ଆଦିରେ ଆର୍ଥିକ ଉନ୍ନତି, ତାଙ୍କ ଦର୍ଶନର ମୂଳ ଆଧାର ରୂପେ ପରଗଣିତ ହୋଇଥିଲା । ନାରୀ ସ୍ୱାଧୀନତା, ନାରୀ ଶିକ୍ଷା ପାଇଁ ସେ ଅଧିକ ଗୁରୁତ୍ୱ ଦେଉଥିଲେ, ଯାହାଫଳରେ ଜଣେ ନାରୀ ଶିକ୍ଷିତ ହେଲେ ସମାଜରେ ନିଜର ଅଧିକାର ସାବ୍ୟସ୍ତ କରିପାରିବ ଏବଂ ତାଙ୍କର ସହନଶୀଳତା, ତ୍ୟାଗ ଓ ସେବା ମନଭାବରେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ । ଗାନ୍ଧି ଆଦର୍ଶରେ କେବଳ ଯେ ଭାରତୀୟମାନେ ପ୍ରଭାବିତ ହୋଇଛନ୍ତି ତାହା ନୁହେଁ, ବିଶ୍ୱର ଅନେକ ତୁଙ୍ଗ ନେତା, ଯେମିତିକି ମାର୍ଟିନ ଲୁଥର କିଙ୍ଗ, ବାରାକ ଓବାମା ଓ ନେଲସନ ମାଣ୍ଡେଲା ପ୍ରମୁଖ ତାଙ୍କ ବ୍ୟକ୍ତିତ୍ୱରେ ଗଭୀରଭାବେ ପ୍ରଭାବିତ ହୋଇଥିଲେ ।

ଏହି ମହାମାନବଙ୍କ ସମ୍ପର୍କରେ ଥରେ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ କହିଥିଲେ - 'ରକ୍ତ, ମାଂସଧାରୀ ଏଭଳି ଜଣେ ବିସ୍ମୟ ମାନବ ଏକଦା ଏ ଧରାପୃଷ୍ଠରେ ଜନ୍ମ ନେଇଥିଲେ ବୋଲି ହୁଏତ ଭବିଷ୍ୟତର ବଂଶଧରମାନେ କ୍ୱଚିତ ବିଶ୍ୱାସ କରିବେ । ଇତିହାସର ଅନ୍ଧାର ଗର୍ଭରେ ଅନନ୍ତକାଳ ଲାଗି ସେ ଜଣେ ଅନନ୍ୟ ଉଦୟମାନ ସୂର୍ଯ୍ୟଭାବେ ତଥା ବିଶ୍ୱମାନ୍ୟତାରେ ଏକବିଂଶ ଶତାବ୍ଦୀର ବିଶ୍ୱର ଶ୍ରେଷ୍ଠ ମାନବଭାବେ ପରିଚିତ ହୋଇଥିଲେ । ଆସନ୍ତୁ ତାଙ୍କର ଏହି ପବିତ୍ର ଜୟନ୍ତୀ (ଅକ୍ଟୋବର ୨) ରେ ସେହି ମହାନ ବ୍ୟକ୍ତିର ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ଦେଶର ଶକ୍ତି, ସାମର୍ଥ୍ୟ ଓ ସମ୍ମାନ ବଢ଼ାଇବା ପାଇଁ ସମସ୍ତେ ବଦ୍ଧ ପରିକର ହେବା ।

ସଚିବ
ଓଡିଶା ବିଧାନସଭା
ମୋ- ୯୪୩୮୦୮୧୭୧୩


# ଦେଇଥିଲେ ପାଇ

ସମ୍ମାନ ଦେବା ଆମ ସମାଜର ଗୋଟିଏ ବହୁ ପୁରୁଣା ପ୍ରଥା । ଏଥିପାଇଁ କୌଣସି ଲିଖିତ ବ୍ୟବସ୍ଥା ନଥିଲେ ହେଁ ଏହା ସ୍ୱତଃସ୍ଫୂର୍ତ୍ତ ଜାଗ୍ରତ ହୁଏ । କେତେକଙ୍କ ମତରେ ସମାଜରେ ସମସ୍ତେ ସମାନ । ତେଣୁ ଜଣେ ଅନ୍ୟ ଜଣଙ୍କୁ ସମ୍ମାନ ଦେବା କାହିଁକି ? କିନ୍ତୁ ଏକଥା ମନେରଖିବା ଉଚିତ୍ ଯେ ସମସ୍ତଙ୍କର ଭାବନା, କାର୍ଯ୍ୟ କରିବାର ଶୈଳୀ, ଧୀଶକ୍ତି ସମାନ ନୁହେଁ । ଏହା ମଣିଷକୃତ ନୁହେଁ ନିଶ୍ଚୟ । ତେଣୁ ଯେଉଁମାନଙ୍କ ପାଖରେ କିଛି ସେଭଳି ସ୍ୱତନ୍ତ୍ର ଗୁଣ ଅଛି ସେମାନେ ନିଶ୍ଚିତ ଭାବରେ ନମସ୍ୟ ।

ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ଭେଦରେ ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ସେହିଭଳି ବୟସାଧିକ୍ୟ ମଧ୍ୟ ନମସ୍ୟ ଅଟନ୍ତି । ଏହି ପରମ୍ପରା ଶୃଙ୍ଖଳିତ ଜୀବନ ପାଇଁ ବାଟ ଦେଖାଏ । 'ଦେଇଥିଲେ ପାଇ' ନ୍ୟାୟରେ ଆମେ ସମ୍ମାନ ଦେଉଥିଲେ ଆମେ ବି ସମ୍ମାନ ପାଇବା ପାଇଁ ହକ୍‌ଦାର ହେବା ।

ପ୍ରତ୍ୟେକ କାର୍ଯ୍ୟର ଗୁରୁତ୍ୱ ରହିଛି । ତେଣୁ କୌଣସି କାମ କରୁଥିବା ବ୍ୟକ୍ତିଙ୍କୁ କେତେବେଳେ ବି ନ୍ୟୁନ ମଣିବା ଗୋଟିଏ ସମାଜ ବିରୋଧୀ କାର୍ଯ୍ୟ । ହଁ, ଏକଥା ମଧ୍ୟ କୁହାଯାଇପାରେ ଯେ ଯେଉଁ କାର୍ଯ୍ୟ ସମାଜର ହିତରେ ନିହିତ, କେବଳ ସେହି କାର୍ଯ୍ୟକୁ ଉତ୍ସାହିତ ସହକାରେ କରିବା ଉଚିତ୍, ଅନ୍ୟ କାର୍ଯ୍ୟକୁ ନୁହେଁ । ସେହିଭଳି ସମାଜର ହିତ ନିମନ୍ତେ କାର୍ଯ୍ୟ କରୁଥିବା ବ୍ୟକ୍ତି ହିଁ ପୂଜ୍ୟ , ନମସ୍ୟ ।

ରମେଶ ଚନ୍ଦ୍ର ଦାଶ,
ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ-୯୭୭୬୨୩୮୫୨୨







## ଏକାଦଶାହ ଉପଲକ୍ଷେ

ଆବିର୍ଭାବ :
୨୦.୫.୧୯୯୦




ତିରୋଧାନ :
୨୨.୯.୨୦୨୪

**ସ୍ୱର୍ଗୀୟା ସସ୍ମିତା ସେଠୀ**

ବରପଦା, ରାଧାନଗର, ବନ୍ତ, ଭଦ୍ରକ

ଅବେଳରେ ଝରିପଡି ଥିବା ଫୁଲଟି ପରି ତୁ ଆମକୁ ସବୁଦିନ ପାଇଁ ଛାଡି ଚାଲିଗଲୁ । ଏକାଦଶାହ ଦିବସରେ ତୋ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।

*ପରିବାର ଆତ୍ମୀୟ ସ୍ୱଜନ ଏବଂ ବନ୍ଧୁ ବାନ୍ଧବ*





## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜବରଦଖଲରେ...

ଯିଏକି ଉତ୍ତରପ୍ରଦେଶ, ଗୁଜରାଟ, ମଧ୍ୟପ୍ରଦେଶ ପାଇଁ ପକ୍ଷ ରଖିଥିଲେ । ଖଣ୍ଡପୀଠ ପଚାରିଥିଲେ ଯେ, ଯେଉଁମାନେ ଅପରାଧିକ ମାମଲାରେ ଜଡିତ ସେମାନେ କେବଳ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନରେ ଶିକାର ହେଉଛନ୍ତି । ଏହାର ଉତ୍ତରରେ ଶ୍ରୀ ମେହେଟ୍ଟା କହିଥିଲେ ଯେ ଏହା ନୁହେଁ କେବଳ ଯେଉଁମାନେ ଘୃଣୀତ ଅପରାଧ ତଥା ବଳାତ୍କାର ଓ ଆତଙ୍କବାଦୀରେ ଲିପ୍ତ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି । ଏଥିପୂର୍ବରୁ ସେମାନଙ୍କୁ ନୋଟିସ୍ ମଧ୍ୟ ଇସ୍ୟୁ କରାଯାଉଛି । ମ୍ୟୁନିସିପାଲ ଆଇନ ଅନୁଯାୟୀ ଏହା କରାଯାଉଛି । ଖଣ୍ଡପୀଠ କହିଥିଲେ ଯେ ମ୍ୟୁନିସିପାଲ ନିଗମ ଓ ପଞ୍ଚାୟତର ଭିନ୍ନ ଭିନ୍ନ ଆଇନ ରହିଛି । ସେମାନେ ଅନ୍‌ଲାଇନ ପୋର୍ଟାଲରେ ଲୋକଙ୍କୁ ଏହା ସଚେତନ କରାଇବା ଆବଶ୍ୟକ । କୋର୍ଟ କେବଳ କିଛି ଘଟଣାର ଅଭିଯୋଗକୁ ନେଇ ଗୋଟିଏ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଥିବାର ସୂଚନାରେ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିଥିଲେ ଯେ, ଆମେ ହେଉଛୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ଆମର ନିର୍ଦ୍ଦେଶ ଧର୍ମ ଓ ସମ୍ପ୍ରଦାୟ ନିର୍ବିଶେଷରେ । ସାଧାରଣ ରାସ୍ତା, ଫୁଟ୍‌ପାଥ, ଜଳାଶ୍ରୟ ଓ ରେଳଲାଇନ ଅଞ୍ଚଳରେ ଯଦି ଜବରଦଖଲ ହୋଇଛି, ଜନସାଧାରଣଙ୍କ ସୁରକ୍ଷା ପାଇଁ ଏହାକୁ ଭଙ୍ଗାଯିବା ଉଚିତ୍ । ଯଦି ରାସ୍ତା ମଝିରେ କୌଣସି ଧାର୍ମିକସ୍ଥଳ ରହିଛି ତାହା ଗୁରୁଦ୍ୱାର ହେଉ କି ଦରଘା ବା ମନ୍ଦିର ଯଦି ଲୋକଙ୍କୁ ଅବରୋଧ କରୁଛି, ସେଠାରେ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବା ଉଚିତ । ଜଷ୍ଟିସ୍ ଗଭାଇ କହିଥିଲେ ଯେ, ବେଆଇନ ନିର୍ମାଣ ପାଇଁ ଏକ ଆଇନ ରହିଛି । ଏହା କୌଣସି ଧାର୍ମିକ ବିଶ୍ୱାସରେ ବିଶ୍ୱାସ କରେନାହିଁ । ବରିଷ୍ଠ ଆଇନଜୀବୀ ବୀରେନ୍ଦ୍ର ଗୋଭର ୟୁଏନ୍ ରାପଟରଙ୍କ ପାଇଁ ଯୁକ୍ତି କରିଥିଲେ । ତେବେ ସଲିସିଟର ଜେନେରାଲ ଏଥିରେ ଆପତ୍ତି କରିଥିଲେ । ସେ କହିଥିଲେ ଯେ ଆମେ ଚାହୁଁନାହୁଁ ଏହାର ଆନ୍ତର୍ଜାତିକକରଣ ହେଉ । ଆମ ସମ୍ବିଧାନ ଆମ ସାମ୍ବିଧାନିକ କୋର୍ଟଗୁଡିକୁ ସରକାର ପର୍ଯ୍ୟାପ୍ତ କ୍ଷମତା ଦେଇଛନ୍ତି । ଆମକୁ କୌଣସି ଆନ୍ତର୍ଜାତିକ ସଂସ୍ଥାର ଆବଶ୍ୟକ ନାହିଁ । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସିୟୁ ସିଂ କହିଥିଲେ ଯେ କେବଳ ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ ଅପରାଧୀଙ୍କ ପାଇଁ କରାନଯାଉ । ଶ୍ରୀ ମେହେଟ୍ଟା କହିଥିଲେ ଯେ, ବୁଲ୍‌ଡୋଜର କାର୍ଯ୍ୟାନୁଷ୍ଠାନ କେବଳ ସଂଖ୍ୟାଲଘୁଙ୍କ ଉପରେ ହେଉନାହିଁ ।

### ଆଜି...

ବା ଉତ୍କର୍ଷ ୨୦୨୫ର ପ୍ରାକ୍ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଉଛନ୍ତି । ତାଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ଶିଳ୍ପ ବିଭାଗର ବରିଷ୍ଠ ଅଧିକାରୀମାନେ ଯାଉଛନ୍ତି । ତାଙ୍କର ଏହି ଗସ୍ତ ସମୟରେ ବିଭିନ୍ନ ଦେଶର ରାଷ୍ଟ୍ରଦୂତ, ହାଇକମିଶନର, ଟ୍ରେଡ୍ କମିଶନର, କନ୍‌ସଲ୍ଟ ଜେନେରାଲଙ୍କ ସହ ଆଲୋଚନା କରିବେ । ବିଭିନ୍ନ ଶିଳ୍ପପତିଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଶେଷରେ ଏକ ରୋଡ୍ ଶୋ' ଆୟୋଜିତ ହେବ । ଆସନ୍ତାବର୍ଷ ଜାନୁଆରୀ ୨୮-୨୯ରେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ କରାଯିବ । ଏହା ପୂର୍ବରୁ ନିବେଶ ଆଣିବାକୁ ନିବେଶକଙ୍କ ସହ ଆଲୋଚନା କରିବାକୁ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଯାଉଛନ୍ତି ।













**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

ବୁଧବାର, ୦୨ ଅକ୍ଟୋବର ୨୦୨୪

ସମୟ SAMAYA

ପ୍ରତିଷ୍ଠାତା : ବସନ୍ତ କୁମାର ବିଶ୍ୱାଳ

ଅଷ୍ଟବିଂଶ ବିଶେଷାଙ୍କ

# ସ୍ୱେଚ୍ଛାକୃତ ରକ୍ତଦାତା ଭାବେ ରୁଚି ସମ୍ମାନିତ




କଟକ, (ସ୍ୱପ୍ର): ରାଷ୍ଟ୍ରୀୟ ସ୍ୱେଚ୍ଛାକୃତ ରକ୍ତଦାତା ଦିବସରେ ମଙ୍ଗଳବାର କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ପକ୍ଷରୁ ବିଭିନ୍ନ ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଉତ୍ସବରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାରର ନିର୍ଦ୍ଦେଶକ ଡାକ୍ତର ଚନ୍ଦ୍ରିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ବାଦ-ଆମ ଓଡ଼ିଶାର ସଂପାଦକ ଅରବିନ୍ଦ ଦାସ, ଜୀବନବିନ୍ଦୁ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ରଂଜନ ବିଶ୍ୱାଳ, ସମାଜସେବୀ ଲଲାଟେନ୍ଦୁ ବନ୍ଧୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏ ଅବସରରେ ରାଜ୍ୟର ପ୍ରମୁଖ ରୁଚି ଶିଳ୍ପୋଦ୍ୟୋଗକୁ ସ୍ୱେଚ୍ଛାକୃତ ରକ୍ତଦାତା ଭାବରେ ସମ୍ମାନିତ କରାଯାଇଥିଲା । ରୁଚିର ଲୋକସଂପର୍କ ବିଭାଗ ମୁଖ୍ୟ ଶୁଭେନ୍ଦୁ କୁମାର ଭୂୟାଁ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ପକ୍ଷରୁ ପ୍ରଦତ୍ତ ସମ୍ମାନଫଳକ, ପ୍ରଶସ୍ତିପତ୍ର ଓ ଅଙ୍ଗବସ୍ତ୍ର ଗ୍ରହଣ କରିଥିଲେ ।

# ମିସୋ ଗୋଲ୍ଡ ଗୁଣାତ୍ମକ ଉତ୍ପାଦର ଚାହିଦା ପୂରଣ ପାଇଁ ବିକ୍ରେତାଙ୍କୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛି

ଭୁବନେଶ୍ୱର (ସବ୍ୟୁ): ମେସୋ, ଭାରତର ଏକମାତ୍ର ପ୍ରକୃତ ଇ-ବାଣିଜ୍ୟ ବଜାର ସ୍ଥାନ, ମିସୋ ଗୋଲ୍ଡକୁ ବର୍ଗଗୁଡିକରେ ସୁଲଭ ପ୍ରିମିୟମ ଉତ୍ପାଦଗୁଡିକର ସଂଗ୍ରହ ପାଇଁ ନିକଟରେ ପରିଚିତ କରାଇଲା। ସେପଟ୍ମେର ୨୦୨୩ ରେ ଆରମ୍ଭ ହୋଇଥିବା, ମିସୋ ଗୋଲ୍ଡ ପ୍ଲାଟଫର୍ମରେ ସେମାନଙ୍କର ଅଭିଜ୍ଞତା ବଢାଇବା ପାଇଁ ବିକ୍ରେତାମାନଙ୍କୁ ଉତ୍ସର୍ଗୀକୃତ ସହାୟତା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଗୋଲ୍ଡ ଟ୍ୟାଗ୍ ଉତ୍ପାଦଗୁଡିକୁ ଦିଆଯାଏ ଯାହା ମୂଲ୍ୟ, ଗୁଣବତା ଏବଂ ଉତମ ଗ୍ରାହକ ସମୀକ୍ଷାର ମାନ ପୂରଣ କରେ । ଏଥିସହ, ଯଦି କୌଣସି ଦ୍ରବ୍ୟର ଏକ ସୁନା ଟ୍ୟାଗ୍ ଥାଏ, ଏହାର ଅର୍ଥ ହେଉଛି ଯେ ଏହା କ୍ରମାଗତ ଭାବରେ ଗ୍ରାହକଙ୍କ ଠାରୁ ଭଲ ମୂଲ୍ୟାୟନ ଏବଂ ମତାମତ ଗ୍ରହଣ କରି ସେମାନଙ୍କର ୧୦୦ ପ୍ରତିଶତ ନିର୍ଭରଯୋଗ୍ୟ ଗୁଣ ଏବଂ ବିଶ୍ୱାସ ପ୍ରଦର୍ଶନ କରିଥାଏ ।

# ଅନୁଗୁଳ ଜିଲ୍ଲାର ନେତୃମଣ୍ଡଳୀ, କର୍ମକର୍ତ୍ତାଙ୍କୁ ଭେଟିଲେ ନବୀନ

ଭୁବନେଶ୍ୱର, (ସବ୍ୟୁ): ଶଙ୍ଖ ଭବନ ଠାରେ ଅନୁଗୁଳ ଜିଲ୍ଲା ର ସାଂଗଠନିକ ପଦାଧିକାରୀ ଓ ନେତୃବୃନ୍ଦ ଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନ କୁ ମଜବୂତ କରିବା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ଉଦବୋଧନ ଦେଇ ଦଳ ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାର ର ୨୪ବର୍ଷ ଶାସନରେ ରାଜ୍ୟ ର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦେଇଥିଲା । ଶିଳ୍ପ ବିକାଶ କ୍ଷେତ୍ରରେ ଅନୁଗୁଳ ଏକ ଆଗୁଆ ଜିଲ୍ଲା.ବିଜେଡି ସରକାର ସମୟରେ ଜିଲ୍ଲା ର ବିକାଶ ପାଇଁ ଅନେକ କାମ ହୋଇଥିଲା. ବିଭିନ୍ନ ପଂଚାୟତ ଓ ପୌର ପରିଷଦ ରେ ବିଜେଡି ର ସ୍ଥିତି ମଜବୁତ ରହିଛି । ତେଣୁ ପୂର୍ବ ପରି ଅଧିକ ନିଷ୍ଠା ର ସହ ଲୋକଙ୍କ ସେବା ଜାରିରଖିବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଲୋକଙ୍କ ସହିତ ସମ୍ପର୍କ କୁ ଅଧିକ ମଜବୁତ କରିବାକୁ ହେବ.ଏଥିପାଇଁ ଦଳ ର ପଦଯାତ୍ରା କାର୍ଯ୍ୟକ୍ରମ ଓ ସଭ୍ୟ ସଂଗ୍ରହ ଅଭିଯାନ ରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତା ମାନଙ୍କୁ



ପରାମର୍ଶ ଦେଇଥିଲେ. ମୌସୁମୀ ପରେ ଜିଲ୍ଲା ବୁଲିବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ । ବିଜେଡି ର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ । ଅନୁଗୁଳ ବିଜେଡି ଜିଲ୍ଲା ସଭାପତି ସ୍ୱାଗତ ଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବ୍ରଜ ପ୍ରଧାନ ପୂଜାରୀ ,ବିଧାୟକ ଶ୍ରୀ ନଳିନୀ ପ୍ରଧାନ ପୂର୍ବତନ ବିଧାୟକ ମହେଶ ସାହୁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂହ ପ୍ରମୁଖ ଜିଲ୍ଲା ର ବରିଷ୍ଠ ନେତୃ ମଣ୍ଡଳୀ, ପଂଚାୟତ ଓ ପୌର ପାଳିକା ର ପ୍ରତିନିଧି ମାନେ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସାମ୍ବାଦିକ ଦିଲ୍ଲୀପ ପଟ୍ଟନାୟକ ସମ୍ବର୍ଦ୍ଧିତ

ଖୋର୍ଦ୍ଧା,(ସବ୍ୟୁ) : ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ଜିଲ୍ଲା ସମ୍ପାଦକ ଦିଲ୍ଲୀପ ପଟ୍ଟନାୟକ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମ୍ବର୍ଦ୍ଧିତ ହୋଇଛନ୍ତି । ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ରେ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ଓ ଏଡିପିଏଚଓ (ପରିବାର କଲ୍ୟାଣ) ଡା. ରଘୁନାଥ ନାୟକ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓ.ୟୁ.ଡବ୍ଲ୍ୟ.ଜେ. ଖୋର୍ଦ୍ଧା ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀ, ଓ.ୟୁ.ଜେ.ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ୟୁ.ଜେ.ଏ. ଖୋର୍ଦ୍ଧା ଜିଲ୍ଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଯୁବ ସାମ୍ବାଦିକ ପ୍ରଭାତ ପାଣିଗ୍ରାହୀ, ରଞ୍ଜିତ କେ.ଏନ. ସାମନ୍ତରାୟଙ୍କ ସମେତ ଅନ୍ୟ କର୍ମକର୍ତା ଉପସ୍ଥିତ ଥିଲେ । ଡି.ପି.ସି ପକ୍ଷରୁ ସାମ୍ବାଦିକ ଭବନରେ ଆୟୋଜିତ ରକ୍ତଦାନ ଶିବିରରେ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ । ଏଥିସହିତ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ଆଗକୁ ମଧ୍ୟ ସେ ପ୍ରତି ୩ମାସରେ ରକ୍ତଦାନ କରିବେ ବୋଲି ସଂକଳ୍ପ କରିଥିଲେ । ଶ୍ରୀ ପଟ୍ଟନାୟକ ଉଭୟ ଅନୁଷ୍ଠାନ ଜିଲ୍ଲା ସମ୍ପାଦକ ଦାୟିତ୍ୱ ରହିଛନ୍ତି । ସେ ଲବ୍ଧ ପ୍ରତିଷ୍ଠିତ ଦୈନିକ ଇଂରାଜୀ ଖବରକାଗଜ ଷ୍ଟେଟ୍ସମ୍ୟାନ ର ଖୋର୍ଦ୍ଧା ଜିଲ୍ଲା ସ୍ୱତନ୍ତ୍ର ପ୍ରତିନିଧି ଭାବେ କାର୍ଯ୍ୟରତ ଅଛନ୍ତି । ଏଥିସହିତ ସେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହ ଜଡିତ ଅଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡି.ପି.ଏମ ପ୍ରକାଶ ବାନାର୍ଜୀ, ଡି.ପି.ଏଚ.ଓ ପ୍ରସନ୍ନ ମହାପାତ୍ରଙ୍କ ସମେତ ବିଭିନ୍ନ ରକ୍ତଦାନ ଶିବିର ଆୟୋଜକ ଅନୁଷ୍ଠାନ କର୍ମକର୍ତା ଉପସ୍ଥିତ ଥିଲେ ।

## ବିଏସ୍‌ଏବିଟି ବୁଲିଲେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ

# ସେବା, ଯାତ୍ରୀ ସୁବିଧା ବୃଦ୍ଧି ଉପରେ ଗୁରୁତ୍ୱ



ଭୁବନେଶ୍ୱର (ସବ୍ୟୁ): ବରମୁଣ୍ଡାସ୍ଥିତ ବାବାସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ୍ (ବିଏସ୍‌ଏବିଟି)ର ଅନୁଧ୍ୟାନ କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର । ଯାତ୍ରୀମାନଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ଡାକ୍ତର ମହାପାତ୍ର ଫୁଲବାଣୀ ଯିବାକୁ ଅପେକ୍ଷା କରିଥିବା ତିନି ଜଣ ଦୃଷ୍ଟିହୀନ ଯୁବତୀଙ୍କୁ କଥାବାର୍ତ୍ତା ହୋଇଥିଲେ । ସେ ବ୍ୟକ୍ତିଗତ ଭାବେ ଟିକେଟ୍ କିଣିବା ସହ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ୫୦ ପ୍ରତିଶତ ରିହାତି ଦେବା ସହ ସିଟ୍ ସଂରକ୍ଷଣ କରି ସେମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ବିଡିଏ ଉପାଧ୍ୟକ୍ଷ ଡ. ଏନ୍ ଥିରୁମାଲା ନାୟକଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ମନ୍ତ୍ରୀ ଟର୍ମିନାଲରେ ଯାତ୍ରୀ ସେବା, ଭିତ୍ତିଭୂମି, ନିରାପତ୍ତା ବ୍ୟବସ୍ଥାର ମାନ ପରଖିଥିଲେ । ମନ୍ତ୍ରୀ ଟର୍ମିନାଲର ପ୍ରମୁଖ ଅଞ୍ଚଳ ଯଥା ବସ୍ ବେ, ପରିଚାଳନା ନିୟନ୍ତ୍ରଣ ସୁବିଧା ଏବଂ ପାନୀୟ ଜଳର ସୁବିଧା ଆଦିର ଯାଞ୍ଚ କରିଥିଲେ । ସେ ଆହାର କେନ୍ଦ୍ର ପରିଦର୍ଶନ କରି ସ୍ୱଚ୍ଛତା ବଜାୟ ରଖିବା ଓ ଯାତ୍ରୀମାନଙ୍କୁ ସେବା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ । 'ମୋ ବସ୍' ଡ୍ରାଇଭରଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ ଶ୍ରୀ ମହାପାତ୍ର ସେବା ମନୋଭାବର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ଯାତ୍ରୀଙ୍କ ସୁବିଧା ଓ ନିରାପତ୍ତାକୁ ପ୍ରାଥମିକତା ଦେବା ପାଇଁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । ବସ୍ ଚାଳକଙ୍କ ମଧ୍ୟରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଘଟଣାକୁ ରୋକିବା ପାଇଁ ବିଡିଏ ଓ ପୁଲିସ ଅଧିକାରୀଙ୍କ ସହଯୋଗରେ ଟର୍ମିନାଲର ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।







## କ୍ରୀଡ଼ା କ୍ଷେତ୍ର ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ

# ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରକୁ ସିଏସଆର ଜର୍ଣ୍ଣାଲ ଏକ୍ସିଲେନ୍ସ ଆୱାର୍ଡ-୨୦୨୪

ଭୁବନେଶ୍ୱର, (ସବ୍ୟୁ): କ୍ରୀଡ଼ାର ବିକାଶ ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)କୁ ସମ୍ମାନଜନକ ସିଏସଆର ଜର୍ଣ୍ଣାଲ ଏକ୍ସିଲେନ୍ସ ଆୱାର୍ଡ-୨୦୨୪ ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ୩୦ରେ ମୁମ୍ବାଇରେ ଆୟୋଜିତ ସିଏସଆର ଜର୍ଣ୍ଣାଲର ସପ୍ତମ ପୁରସ୍କାର ପ୍ରଦାନ ସମାରୋହରେ ଜେଏସପିକୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ନିଜର ସାମାଜିକ ସଂଗଠନ ଜିନ୍ଦଲ ଫାଉଣ୍ଡେସନ ଜରିଆରେ ତୃଣମୂଳସ୍ତରରୁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ସହ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ କମ୍ପାନିର ନିରନ୍ତର ଉଦ୍ୟମକୁ ଏହି ସ୍ୱୀକୃତି ପ୍ରଦାନ ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି ।



ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ଟିମକୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, 'ଆମେ ଲଗାତର ଦ୍ୱିତୀୟ ଥର ପାଇଁ ଏହି ପୁରସ୍କାର ଜିତି ଗୌରବାନ୍ୱିତ ଅନୁଭବ କରୁଛୁ । ଆମକୁ ଏହି ପୁରସ୍କାର ମିଳିବା କ୍ରୀଡ଼ା ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ଓ କ୍ରୀଡ଼ାକୁ ସଶକ୍ତିକରଣର ଏକ ମାଧ୍ୟମ ଭାବେ ପ୍ରୟୋଗ କରିବା କ୍ଷେତ୍ରରେ ଆମର ପ୍ରତିଶ୍ରୁତିବଦ୍ଧତାକୁ ମଜଭୁତ କରିଛି । ଆମେ ମିଳିତ ଭାବେ ସମାଜରେ ଏକ ପ୍ରଭାବଶାଳୀ ରୂପାନ୍ତରଣ ପାଇଁ ଉଦ୍ୟମ ଜାରି ରଖିବୁ' । ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଜେନେରାଲ ମ୍ୟାନେଜର (ସିଏସଆର) ଉର୍ଜିଲ ଲାକ୍ରା ଏହି ପୁରସ୍କାର ଗ୍ରହଣ କରିଥିଲେ । କେନ୍ଦ୍ର ସରକାରଙ୍କର ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁସାରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର ଉଶୁ, କବାଡି, ତୀରନ୍ଦାଜୀ, ଫୁଟବଲ ଓ କ୍ରିକେଟ ଭଳି ବିଭିନ୍ନ କ୍ରୀଡ଼ା ପ୍ରତି ଆଗ୍ରହୀ ଯୁବ ପ୍ରତିଭାମାନଙ୍କ ଯତ୍ନ ନେବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିଆସୁଛି । ଜେଏସପି ବିକଶିତ କ୍ରୀଡ଼ା ଭିତ୍ତିଭୂମି ପ୍ରଦାନ କରିବା ସହ ପୋଷଣ, ତାଲିମ ପ୍ରଦାନ ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସହାୟତା କରି ଆସୁଛି । କମ୍ପାନି ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର କ୍ରୀଡ଼ା ପ୍ରତିଭାମାନଙ୍କୁ ବିଶେଷ ଧ୍ୟାନ ଦେବା ସହ ଦେଶର ପ୍ରାୟ ୩୦୦୦୦ କ୍ରୀଡ଼ାବିତମାନଙ୍କୁ ସହାୟତା ପ୍ରଦାନ କରିଛି । ଜିନ୍ଦଲ ଫାଉଣ୍ଡେସନ ଜରିଆରେ କମ୍ପାନି ୨୦ଟି ଖେଳ ପଡ଼ିଆ, ଦୁଇଟି ସ୍ପୋର୍ଟସ କମ୍ପ୍ଲେକ୍ସ ଓ ଗୋଟିଏ କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା କରିଛି ।


# ଡଃ ବିଭୁଦତ୍ତଙ୍କୁ ମହାତ୍ମା ସମ୍ମାନ



ଭୁବନେଶ୍ୱର (ସବ୍ୟୁ) : ଆଦିତ୍ୟ ବିର୍ଲା ଗ୍ରୁପ୍‌ର କର୍ପୋରେଟ କମ୍ୟୁନିକେସନ ଓ ସିଏସ୍‌ଆର ଭାଇସ ପ୍ରେସିଡେ ଡଃ ବିଭୁଦତ୍ତ ମହାପାତ୍ରଙ୍କୁ ମଙ୍ଗଳବାର ଦିନ ସମ୍ମାନଜନକ ମହାତ୍ମା ପୁରସ୍କାର ୨୦୨୪ ପ୍ରଦାନ କରାଯାଇଛି। ଲିଡରସିପ୍ ଇନ୍ ସିଏସଆର ଏବଂ ସୋସିଆଲ ଇମ୍ପାକ୍ଟ ବର୍ଗରେ ରାଜ୍ୟରେ କର୍ପୋରେଟ କମ୍ୟୁନିକେସନ ଏବଂ ସିଏସ୍‌ଆର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡଃ ମହାପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଡଃ ମହାପାତ୍ର ପୁଡୁଚେରୀର ୨୪ତମ ଉପରାଜ୍ୟପାଳ ଡଃ କିରଣ ବେଦୀ ଏବଂ ଭାରତର ସିଏସ୍‌ଆର ମାନବ ତଥା ମହାତ୍ମା ପୁରସ୍କାରର ପ୍ରତିଷ୍ଠାତା ଅମିତ ସଚଦେବାଙ୍କ ନିକଟରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଡଃ ମହାପାତ୍ରଙ୍କର ପିଆର, ସିଏସ୍‌ଆର ଏବଂ କମ୍ୟୁନିକେସନ କ୍ଷେତ୍ରରେ ଦୀର୍ଘ ୨୫ବର୍ଷର ଅଭିଜ୍ଞତା ରହିଛି। ଡଃ ମହାପାତ୍ର ହେଉଛନ୍ତି ଅବସରପ୍ରାପ୍ତ ବ୍ୟୁରୋକ୍ରାଟ ତଥା ଶ୍ରୀ ଜଗନ୍ନାଥ ମନ୍ଦିରର ପୂର୍ବତନ ପ୍ରଶାସକ ବଂଶୀଧର ମହାପାତ୍ର ଏବଂ ଶ୍ରୀମତୀ ଜ୍ୟୋତିର୍ମୟୀ ମହାପାତ୍ରଙ୍କର ଜ୍ୟେଷ୍ଠପୁତ୍ର।

ଶୁଭେଚ୍ଛା ବାର୍ତ୍ତା

ଜାତୀୟ ବନ୍ୟପ୍ରାଣୀ ସପ୍ତାହ ପ୍ରତିବର୍ଷ ଅକ୍ଟୋବର ୨ରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ । ଏହି ସପ୍ତାହ ଭାରତର ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ତଥା ସଂରକ୍ଷଣର ଲକ୍ଷ୍ୟ ରହିଛି । ବନ୍ୟଜନ୍ତୁ ସପ୍ତାହକୁ ବିଲୁପ୍ତ ତଥା ବିପଦପୂର୍ଣ୍ଣ ପ୍ରାଣୀମାନଙ୍କର ଜୀବନ ରକ୍ଷା କରିବା ପାଇଁ ଏକ ଦୀର୍ଘକାଳୀନ ଲକ୍ଷ୍ୟ ଅଟେ । ଏହାର ସହଯୋଗ କରନ୍ତୁ । ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦିଅନ୍ତୁ । ପରିବେଶ ସନ୍ତୁଳନତା ରକ୍ଷା କରନ୍ତୁ ।
ସୌଜନ୍ୟ : କାଶୀପୁର ବନାଞ୍ଚଳ, ରାୟଗଡ଼ା ବନଖଣ୍ଡ




: ସୌଜନ୍ୟ :
କାଶୀପୁର ବନାଞ୍ଚଳ, ରାୟଗଡ଼ା ବନଖଣ୍ଡ

## ଡାଲମିଆ ଭାରତ ପକ୍ଷରୁ ପୂର୍ବ ଭାରତରେ

# ଆପ୍ ହେଁ ସଚ୍ଚେ ବିଶ୍ୱକର୍ମାର ୫ମ ବର୍ଷ ପାଳନ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ଭାରତ ଲିମିଟେଡ ପୂର୍ବ ଭାରତରେ ତାହାର ସମସ୍ତ ବ୍ୟବସାୟ ପରିଚାଳନା ଅଞ୍ଚଳରେ ଏହାର ଅତ୍ୟନ୍ତ ସମ୍ମାନଜନକ ବିବେଚିତ 'ଆପ୍ ହେଁ ସଚ୍ଚେ ବିଶ୍ୱକର୍ମା'ର ୫ମ ବାର୍ଷିକୀ ସଗର୍ବେ ପାଳନ କରିଛି। ଏହି ସ୍ୱତନ୍ତ୍ର ୫-ବର୍ଷ ମାଇଲଖୁଣ୍ଟ ପାଳନ କରିବାକୁ ଯାଇ ଡାଲମିଆ ଭାରତ ୨୭୨ ଜଣ ପ୍ରବୀଣ ଠିକାଦାରଙ୍କୁ ସେମାନଙ୍କର ପରିବାରବର୍ଗ, ଡିଲର ଏବଂ ଠିକାଦାର ସମୁଦାୟ ସଦସ୍ୟଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରିଛି। ଏହି ପ୍ରୟାସ ଜରିଆରେ ଡାଲମିଆ ଭାରତ ସେମାନଙ୍କ ବୃତ୍ତିରେ 'ଗୁରୁ' ଭାବରେ ବିବେଚିତ ହେଉଥିବା ପ୍ରବୀଣ 'ରାଜମିସ୍ତ୍ରୀ'ମାନଙ୍କର ନିର୍ମାଣ ଶିଳ୍ପରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଏବଂ ଭବିଷ୍ୟତ ପିଢିର ଠିକାଦାରଙ୍କୁ ମାର୍ଗଦର୍ଶନ କରିବାରେ ସେମାନଙ୍କର କାରିଗରୀକୁ ସମ୍ମାନ ପ୍ରଦର୍ଶନ କରିବାକୁ ପ୍ରତିବଦ୍ଧ ରହିଛି। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ପାଳନର ଅଂଶ ଭାବରେ ଡାଲମିଆ ସିମେଣ୍ଟ ପ୍ରତିନିଧିଗଣ ୧୦୭ ଜଣ ବୟସ୍କ ଏବଂ ସମ୍ମାନାସ୍ପଦ ଠିକାଦାରଙ୍କୁ ସେମାନଙ୍କ ବିନମ୍ର ସମ୍ମାନ ଜ୍ଞାପନ କରିଥିଲେ। ପ୍ରତ୍ୟେକ ସମ୍ମାନନୀୟ ଠିକାଦାରଙ୍କୁ ଏକ ସ୍ୱତନ୍ତ୍ର ଟ୍ରଫି, ମୋମେଣ୍ଟୋ, ଏକ ଉପଢୌକନ, ଉପହାର ଏବଂ ସେମାନଙ୍କ ଜୀବନର କାର୍ଯ୍ୟ




## ୨୭୨ ଜଣ ବୟସ୍କ ଠିକାଦାର ସମ୍ବର୍ଦ୍ଧିତ

ତଥା ଶିଳ୍ପରେ ସେମାନଙ୍କର ଅବଦାନକୁ ଆଧାରକରି ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ଏକ ଫଟୋ ଆଲବମ୍ ପ୍ରଦାନ କରାଯାଇଥିଲା।

ଏହି ଅବସରରେ ପ୍ରକାଶ କରି କମ୍ପାନୀର ମୁଖପାତ୍ର କହିଥିଲେ, 'ଆମେ 'ଆପ୍ ହେଁ ସଚ୍ଚେ ବିଶ୍ୱକର୍ମା' ପ୍ରୟାସର ୫ମ ବର୍ଷ ପାଳନ କରି ଅତ୍ୟନ୍ତ ଗୌରବାନ୍ୱିତ ମନେକରୁଛୁ। ଆମର ପ୍ରବୀଣ ରାଜମିସ୍ତ୍ରୀଗଣ ନିର୍ମାଣ ଶିଳ୍ପର ମୂଳଦୁଆ। ସେମାନଙ୍କର କୌଶଳ ଏବଂ ମାର୍ଗଦର୍ଶନ ଏହି ଭିତ୍ତିଭୂମି ସମୁଦାୟରେ ଅଗଣିତ କ୍ୟାରିୟରକୁ ରୂପ ଦେଇଛି। ସେମାନଙ୍କ ଅବଦାନକୁ ସ୍ୱୀକୃତି ଜଣାଇ ଡାଲମିଆ ଭାରତ ଠିକାଦାର ସମୁଦାୟଙ୍କ ସହିତ ଏହାର ବନ୍ଧନ ମଜଭୁତ କରିବା ଏବଂ ପରବର୍ତ୍ତୀ ପିଢିର ବିଲ୍ଡରଙ୍କୁ ପ୍ରେରଣା ଯୋଗାଇବା ଲକ୍ଷ୍ୟ ରଖିଛି। ଏହି ପରମ୍ପରା ଜାରି ରଖିବା, ଏବଂ ନିର୍ମାଣ ଶିଳ୍ପରେ ସଂପୃକ୍ତ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦର୍ଶନ ତଥା ସେମାନଙ୍କ ମଧ୍ୟରେ ଏକତା ରଖିବା ବିଷୟକୁ ପ୍ରୋତ୍ସାହିତ କରିବାକୁ ଆମେ ଆଗ୍ରହ ରଖୁଛୁ । ଭଗବାନ ବିଶ୍ୱକର୍ମା କାରିଗରୀ ଏବଂ କୌଶଳତାର ଦେବତା ଭାବରେ ପୂଜିତ ହେଉଛନ୍ତି ଏବଂ ଠିକାଦାର ସମୁଦାୟଙ୍କ ନିମନ୍ତେ ତାଙ୍କର ଯଥେଷ୍ଟ ଗୁରୁତ୍ୱ ରହିଛି। ୨୦୨୦ ଠାରୁ ଡାଲମିଆ ଭାରତ ସମଗ୍ର ପୂର୍ବାଞ୍ଚଳ ରେ ଠିକାଦାର ସମୁଦାୟଙ୍କ ସହିତ ମଜଭୁତ ସମ୍ପର୍କ ସ୍ଥାପନ ଏବଂ ସେମାନଙ୍କ ଆସ୍ଥାଭାଜନ ହେବା ନିମନ୍ତେ ବିଶ୍ୱକର୍ମା ପୂଜା ଅବସରରେ ଏହି ପ୍ରୟାସ ଆୟୋଜନ କରିଆସୁଛି। ବିଗତ ବର୍ଷଗୁଡିକରେ ଏହି ପ୍ରୟାସ ଉଭୟ ପହଞ୍ଚ ଓ ପ୍ରଭାବ ଦୃଷ୍ଟିରୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି ଘଟିଛି।

## ୯ରୁ ବିଜେଡିର ସଦସ୍ୟତା ସଂଗ୍ରହ ଆରମ୍ଭ

# ସଦସ୍ୟତା ଲାଗି କ୍ୟାମ୍ପସ କମିଟିଙ୍କୁ ଦାୟିତ୍ୱ

ଭୁବନେଶ୍ୱର(ସବ୍ୟୁ): ବିଜୁ ଜନତା ଦଳର ସଦସ୍ୟତା ଅଭିଯାନ ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଏହି ଅବସରରେ ମଙ୍ଗଳବାର ବିଜୁ ଛାତ୍ର ଜନତା ଦଳ(ବସିଜେଡି ) ପକ୍ଷରୁ ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ଆଗାମୀ ସଦସ୍ୟତା ଅଭିଯାନ ଲାଗି ଏକ ମତାମତ ସଂଗ୍ରହ କାର୍ଯ୍ୟକ୍ରମ ଓ ପ୍ରସ୍ତୁତି ବୈଠକ ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେରେ ବିଜୁ ଛାତ୍ର ଜନତା ଦଳର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି ସମେତ ସମସ୍ତ ଜିଲ୍ଲାର ଛାତ୍ର ନେତୃତ୍ୱ ଯୋଗ ଦେଇଥିଲେ ।

ଏହି ଅବସରରେ ସମସ୍ତ କ୍ୟାମ୍ପସସ୍ତରରେ କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେବା ସହ ପ୍ରତି କଲେଜରେ କିପରି ବ୍ୟାପକ ଭାବେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେଥିପ୍ରତି ବିଜୁ ଛାତ୍ର ଜନତା ଦଳ ପଦକ୍ଷେପ ଗ୍ରହଣ କରିବ । ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଶ୍ରୀ ତ୍ରିପାଠୀ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ବିଜେଡିରେ କିପରି ଅଧିକରୁ ଅଧିକ ସଦସ୍ୟ ଯୋଗଦାନ କରିବେ, ସେଥିପାଇଁ ଆମ ବିଜୁ ଛାତ୍ର ଜନତା ଦଳର ସମସ୍ତ କର୍ମୀ ବଦ୍ଧପରିକର । ସମସ୍ତ କଲେଜରେ କ୍ୟାମ୍ପସ କମିଟି କର୍ମକର୍ତ୍ତାଙ୍କୁ ଦାୟିତ୍ୱ ଦେବା ସହ ସମସ୍ତ କଲେଜର ସଂଯୋଜକମାନଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ । ନୂତନ ଭାବେ କଲେଜ କ୍ୟାମ୍ପସ ଆବାହକ ନିଯୁକ୍ତି କରାଯାଇ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ ଭାବେ ତ୍ୱରାନିତ କରାଯିବ । ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା ଏହି ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମର ପ୍ରମୁଖ ସାରଥୀ ସାଜିବେ ଏହା ମୋର ଦୃଢ଼ ବିଶ୍ୱାସ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ଶୁଭେଚ୍ଛା ବାର୍ତ୍ତା

ବୃକ୍ଷ ହିଁ ଜୀବନ
ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା
ମାଆଙ୍କ ନାମରେ ଗଛଟିଏ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ
ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାରେ ବନାଞ୍ଚଳ କର୍ମଚାରୀଙ୍କୁ ସହଯୋଗ କରନ୍ତୁ ।

: ସୌଜନ୍ୟ :
ଟିକିରି ବନାଞ୍ଚଳ, ରାୟଗଡ଼ା ବନଖଣ୍ଡ



## ଶୁଭେଚ୍ଛା ବାର୍ତ୍ତା



ଦୈନିକ ଖବରକାଗଜ 'ସମୟ'ର ୨୮ତମ ସ୍ୱନକ୍ଷତ୍ର ଉପଲକ୍ଷେ ସମଗ୍ର ରାୟଗଡ଼ା ଜିଲ୍ଲାବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ।

**ଜଣେ ସମୟ ପାଠକଙ୍କ ଠାରୁ ।**



## ଶୁଭେଚ୍ଛା ବାର୍ତ୍ତା

### ସର୍ବସାଧାରଣଙ୍କ ହିତରେ

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ
ହିନ୍ଦୋଳ ଉପଖଣ୍ଡ

**ସ୍ୱଚ୍ଛତା ହିଁ ସେବା**

ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ହିନ୍ଦୋଳ ନିର୍ବାଚନମଣ୍ଡଳୀର ହିନ୍ଦୋଳ–ଓଡ଼ାପଡ଼ା ବ୍ଲକ୍ ଦ୍ୱୟ ପାଇଁ ବୃହତ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି । ୧୭୬୧ କିମି ପରିବ୍ୟାପ୍ତ ଉକ୍ତ ପ୍ରକଳ୍ପ ୨ଟି ଉଭୟ ବ୍ଲକ୍‌ର ସମସ୍ତ ପଞ୍ଚାୟତର ଗାଁ, ଗଣ୍ଡାକୁ ପ୍ରବେଶ କରି ଲୋକମାନଙ୍କୁ ନିଃଶୁଳ୍କ ପାନୀୟ ଜଳ ଯୋଗାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ରଖାଯାଇଛି। କାର୍ଯ୍ୟରେ ସହଯୋଗ ପାଇଁ ସମସ୍ତଙ୍କୁ ନିବେଦନ ।

ଇଂ ସୂର୍ଯ୍ୟକାନ୍ତୀ ସ୍ୱାଇଁ
ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ହିନ୍ଦୋଳ)

## ଶୁଭେଚ୍ଛା ବାର୍ତ୍ତା

### ରାୟଗଡ଼ ବନ ବନବିଭାଗ ତରଫରୁ

ସର୍ବସାଧାରଣଙ୍କୁ ଅନୁରୋଧ, ନିଜ ବାଡ଼ି ବଗିଚାରେ ମା'ଙ୍କ ନାମରେ ଗଛଟିଏ ଲଗାଇ ଜଙ୍ଗଲର ଅଭିବୃଦ୍ଧି କରି ପରିବେଶର ସନ୍ତୁଳନତା ରକ୍ଷା କରନ୍ତୁ ।



: ସୌଜନ୍ୟ :
ରାୟଗଡ଼ ବନାଞ୍ଚଳ, ରାୟଗଡ଼ ବନଖଣ୍ଡ

## ଶୁଭେଚ୍ଛା ବାର୍ତ୍ତା

### ସ୍ୱଚ୍ଛତା ହିଁ ସେବା

ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ନିଜ ନିଜ ଶିକ୍ଷାନୁଷ୍ଠାନ ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ବଦ୍ଧପରିକର ହୁଅନ୍ତୁ । ମା' ପାଇଁ ଗଛଟିଏ – ପ୍ରତ୍ୟେକ ନିଜ ନିଜ ଘର ପରିସରରେ ଅନୁଷ୍ଠାନ ପରିସରରେ ଗୋଟିଏ ଗୋଟିଏ ବୃକ୍ଷରୋପଣ କରି ଏହାର ଯତ୍ନ ନେଇ ବଡ଼ କରିପାରିଲେ ଜୀବନ ସାର୍ଥକ ହେବ ।

ସୌଜନ୍ୟ : ହିନ୍ଦୋଳ ମହାବିଦ୍ୟାଳୟ, ଖଜୁରିକଟା, ଜି.– ଢେଙ୍କାନାଳ


MAY GOD BLESS SAMAYA

MAA BATESWARI EXPORT SERVICE

JEMADEI, KHORDHA

Prop.- Dilu

Contact- 9437185373, 9437022297

SLOW DRIVE SAVE LIFES
SLOW DRIVE SAVE LIFES




## ଶୁଭେଚ୍ଛା ବାର୍ତ୍ତା

ପାର୍ବଣ ଦଶହରା ଓ ଧନଦାତ୍ରୀ ମା' ଲକ୍ଷ୍ମୀ ହିନ୍ଦୋଳ ଉପଖଣ୍ଡର ସମସ୍ତ ଉଦ୍ୟାନ କୃଷି ଚାଷୀ ଭାଇମାନଙ୍କ ମନରେ ଅନେକ ଖୁସି ଓ ଆନନ୍ଦ ଭରିଦିଅନ୍ତୁ । ଏହାହିଁ ମା'ଙ୍କ ନିକଟରେ କାମନା ।

: ଶୁଭେଚ୍ଛା ସହ :
ସହକାରୀ ଉଦ୍ୟାନ କୃଷି ଅଧିକାରୀ ଓ
କନିଷ୍ଠ ଉଦ୍ୟାନ କୃଷି ଅଧିକାରୀ
ତଥା କର୍ମଚାରୀ ବୃନ୍ଦ

## ଅଭିନନ୍ଦନ





ବିଜୁ ଜନତା ଦଳ

ନିଜସ୍ୱ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୮ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର, ପ୍ରସାରଣ ଜାରି ରଖୁ ଏହା ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା । ଗାନ୍ଧିଜୟନ୍ତୀ ଉପଲକ୍ଷେ ରାଜ୍ୟ ତଥା ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

**ସତ୍ୟ ପ୍ରକାଶ ସାହୁ (ଚୁଆଁ)**
ସାଧାରଣ ସମ୍ପାଦକ, ରାଜ୍ୟ ବିଜୁ ଛାତ୍ର ଜନତା ଦଳ

## ଶୁଭେଚ୍ଛା ବାର୍ତ୍ତା



'ସମୟ'ର ୨୮ତମ ସ୍ୱନକ୍ଷତ୍ର ପାର୍ବଣ ଅବସରରେ ହିନ୍ଦୋଳ ବ୍ଲକ କନ୍ତାମିଲା ଗ୍ରା.ପ.ର ସମସ୍ତ ଜନସାଧାରଣଙ୍କ ସୁଖ, ଶାନ୍ତି ଓ ନିରାମୟ ଜୀବନ କାମନା କରୁଅଛି ।

ଆପଣଙ୍କର : ଶ୍ରଦ୍ଧେୟା :
ଶ୍ରୀମତୀ ସୁନନ୍ଦା ଅମାନ୍ତ
ସରପଞ୍ଚ, କନ୍ତାମିଲା ଗ୍ରା.ପ.
ହିନ୍ଦୋଳ ବ୍ଲକ୍


ସେବାରୁ ଆରମ୍ଭ ସେବାରେ ଶେଷ

ସହଯୋଗ ହସପିଟାଲ

ଏଠାରେ ସମସ୍ତ ପ୍ରକାର ରୋଗର ଚିକିତ୍ସା ଓ ଅପରେସନ୍ ସୁନାମ ଧନ୍ୟ ଡ଼ାକ୍ତରଙ୍କ ଦ୍ୱାରା କରାଯାଏ । ଲାପ୍ରୋସ୍କୋପି , ଲେଜର ମାଧ୍ୟମରେ ଅପରେସନ୍‌ର ସୁବିଧା ଉପଲବ୍ଧ ।

AN ISO 9001 : 2015 Certified Hospital
Regd. No.1533-2013

DOCTOR

ଲେନ୍-୬, ମଙ୍ଗଳାନଗର, ଖୋର୍ଦ୍ଧା
ମୋ:୯୪୩୭୪୭୨୧୭୮ / ୮୨୪୯୯୬୬୩୯୨
SAHAJOG HOSPITAL, KHORDHA
E-Mail id : sahajoghospital@gmail.com

ଦୈନିକ ଖବର କାଗଜ ସମୟର ୨୮ତମ ବାର୍ଷିକ ଉତ୍ସବ ଗାନ୍ଧୀ ଜୟନ୍ତୀ ଓ ଶାରଦୀୟ ଦୁର୍ଗା ପୂଜା ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ଆରୋଗ୍ୟ ରୁହନ୍ତୁ ଏବଂ ସୁସ୍ଥ ରୁହନ୍ତୁ ଏହା ମା' ଜଗତଜନନୀଙ୍କ ନିକଟରେ ପ୍ରାର୍ଥନା ।
ସେବାରୁ ଆରମ୍ଭ ସେବାରେ ଶେଷ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଏବଂ ରାସନ କାର୍ଡ଼ ଥିବା ବ୍ୟକ୍ତିଙ୍କ ପାଇଁ ଏଠାରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା କରାଯାଏ


## ଅଭିନନ୍ଦନ





ବିଜୁ ଜନତା ଦଳ


ନିଜସ୍ୱ, ନିରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୮ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର, ପ୍ରସାରଣ ଜାରି ରଖୁ ଏହା ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା । ଗାନ୍ଧିଜୟନ୍ତୀ ଉପଲକ୍ଷେ ରାଜ୍ୟ ତଥା ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।


**ପଦ୍ମିନୀ ମିଶ୍ର**
ବରିଷ୍ଠ କାଉନସିଲର, ୱାର୍ଡ଼ ନଂ. (୧୯), ପୌରପରିଷଦ, ଖୋର୍ଦ୍ଧା

## ଶୁଭେଚ୍ଛା ବାର୍ତ୍ତା

ନିଜସ୍ୱ, ନୀରପେକ୍ଷ ଏବଂ ସତ୍ୟ ଖବର ପ୍ରକାଶ କରୁଥିବା ଦୈନିକ ଓଡ଼ିଆ ଖବରକାଗଜ 'ସମୟ' ଇତିମଧ୍ୟରେ ୨୮ ବର୍ଷରେ ପଦାର୍ପଣ କରିଛି । ଏହାର ଦୀର୍ଘାୟୁ କାମନା କରିବା ସହ ଏଭଳି ଖବର, ପ୍ରସାରଣ ଜାରି ରଖୁ ଏହା ପ୍ରଭୁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା । ଗାନ୍ଧିଜୟନ୍ତୀ ଉପଲକ୍ଷେ ରାଜ୍ୟ ତଥା ଖୋର୍ଦ୍ଧାର ସମସ୍ତ ବୁଦ୍ଧିଜୀବୀ, ସମାଜସେବୀ, ଯୁବକ ଓ ଛାତ୍ରଛାତ୍ରୀମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

**ସୌର୍ଯ୍ୟ ରଞ୍ଜନ ମହାନ୍ତି (ଟିଟନ)**
ଉପାଧ୍ୟକ୍ଷ ପୌର ପରିଷଦ, ଖୋର୍ଦ୍ଧା
ମୋ: ୯୪୩୮୧୭୯୦୪୩




Arogya HOSPITAL
An ISO 9001:2015 certified Hospital
Near Dist. Hq. Hospital, Khordha
E-mail : arogyahospkhd@gmail.com

Sanjay Babu : 9437756494, 7008846494
Tulu Babu : 9861161088, 7751005100
Hospital : 06755 223355

Facilities Available
- Obstetric & Gynaecology
- General Surgery
- Laparoscopic Surgery
- Cancer Surgery
- Uro Surgery
- Plastic Surgery
- Orthopaedic Surgery
- ENT Surgery
- General Medicine
- Ultrasound
- Pathology & ECG
- AC & Non-AC Cabin

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିମ୍ବା ରାସନ କାର୍ଡ଼ ଥିବା ବ୍ୟକ୍ତିଙ୍କର ଚିକିତ୍ସା ଓ ଅପରେସନ ସମ୍ପୂର୍ଣ୍ଣ ମାଗଣାରେ କରାଯାଏ ।

ଓଡ଼ିଶାର ସୁନାମଧନ୍ୟ ଡ଼ାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସା ଓ ଅପରେସନ୍ କରାଯାଏ
ସମସ୍ତଙ୍କ ଆରୋଗ୍ୟ କାମନା କରୁଛୁ
ଦୈନିକ ଖବର କାଗଜ 'ସମୟ'ର ୨୮ ତମ ବାର୍ଷିକ ଉତ୍ସବ ଓ ଗାନ୍ଧୀଜୟନ୍ତୀ ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ଆରୋଗ୍ୟ ହସପିଟାଲ ପରିବାର ପକ୍ଷରୁ ମା'ଙ୍କ ନିକଟରେ ପ୍ରାର୍ଥନା
ଆରୋଗ୍ୟ ହସପିଟାଲ, ନୟାଗଡ଼ରୋଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସାମ୍ନା , ଖୋରଧା


## ଅଭିନନ୍ଦନ





ବିଜୁ ଜନତା ଦଳ

ରାଜ୍ୟର ଅନ୍ୟତମ ଅଗ୍ରଣୀ ଦୈନିକ ଖବରକାଗଜ 'ସମୟ'ର ୨୮ତମ ବାର୍ଷିକ ଉତ୍ସବ ଅବସରରେ ଖବରକାଗଜର ପ୍ରତିଷ୍ଠାତା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ 'ସମୟ'ର ସମ୍ପାଦକ କାର୍ଯ୍ୟକର୍ତ୍ତା, ଖବରଦାତା, ପାଠକ ପାଠିକା ଓ ବେଗୁନିଆ ଓ ବୋଲଗଡ଼ ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ଗାନ୍ଧି ଜୟନ୍ତୀ ଓ ଶାରଦୀୟ ପୂଜା ଉପଲକ୍ଷେ ମା' ଜଗତଜନନୀଙ୍କ ନିକଟରେ ସମସ୍ତଙ୍କର ଦୀର୍ଘାୟୁ କାମନା କରୁଛି ।

**ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ**
ବିଧାୟକ, ବେଗୁନିଆ–ବୋଲଗଡ଼


ଓଡ଼ିଶାରେ ଘରେ ଘରେ ପରିଚିତ ସବୁଠୁ ସ୍ୱାଦ ସବୁଠୁ ଟେଷ୍ଟି
ରୋଷେଇ ଶାଳରେ ମହିଳାମାନଙ୍କର ସବୁଠୁ ନିର୍ଭର ଯୋଗ୍ୟ

ମା' ମସଲା
MAA SPICES
MAA MASALA
ଖାଇବାରେ ଆଣିଦିଏ ଅସଲି ମଜା

'ସମୟ' ୨୮ତମ ବାର୍ଷିକ ଉତ୍ସବ ଅବସରରେ ଓଡ଼ିଶାର ଅଗଣିତ ଜନସାଧାରଣଙ୍କୁ ମା' ମସଲା ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ସୁସ୍ଥ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ ଏବଂ ଦୀର୍ଘାୟୁ ହୁଅନ୍ତୁ । ଏତିକି ମା' ଦୁର୍ଗେ ଦୁର୍ଗତି ନାଶିନୀଙ୍କ ନିକଟରେ ଆମର ପ୍ରାର୍ଥନା ।

ଘରକୁ ଥରେ ନିଅନ୍ତୁ, ସ୍ୱାଦିଷ୍ଟ ଖାଦ୍ୟର ମଜା ନିଅନ୍ତୁ ।

The Annapurna Agrow Pvt. Finance Ltd.


## ଜିଲ୍ଲାପାଳଙ୍କ ଜନଶୁଣାଣି

ଦଶପଲ୍ଲା,(ସବ୍ୟୁ) :ଦଶପଲ୍ଲା ବ୍ଲକ ପରିସରରେ ଥିବା ମିଶନ ଶକ୍ତି ଗୃହ ମଧ୍ୟରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ଉପଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ , ଅତିରିକ୍ତ ଜିଲ୍ଲାପାଳ କର୍ଣ୍ଣଦେ ସମାଦାର ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ସମୁଦାୟ ୨୩୯ ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ଏଥି ମଧ୍ୟରେ ୨୩୬ ଟି ବ୍ୟକ୍ତିଗତ ଅଭିଯୋଗ,୩ ଟି ଗ୍ରାମ୍ୟ ଅଭିଯୋଗ ଥିବା ବେଳେ ସମୁଦାୟ ୧୮୪ ଟି ବ୍ୟକ୍ତିଗତ ଅଭିଯୋଗ କୁ ଜିଲ୍ଲାପାଳ ତୁରନ୍ତ ସମାଧାନ କରିଥିଲେ । ଏହି ଶିବିରରେ ଦଶପଲ୍ଲା ବ୍ଲକ ବିଡିଓ ଙ୍କ ସହ ବିଭିନ୍ନ ବିଭାଗ ର ଜିଲ୍ଲା ଓ ସ୍ଥାନୀୟ ଅଧିକାରୀ ଉପସ୍ଥିତ ଥିଲେ।


AUROCARE NURSING HOME
NEAR DIST. GOVT. HOSPITAL,
NAYAGARH ROAD, KHORDHA, ODISHA.
REGD. NO.- 1498/13,MOB:-9556690603, 7978332090, 06755-222603
Email- aurokhd@gmail.com

Facilities Available
- Obstetric & Gynaecology
- General Surgery
- Laparoscopic Surgery
- Cancer Surgery
- Uro Surgery
- Plastic Surgery
- Orthopaedic Surgery
- ENT Surgery
- General Medicine
- Ultrasound
- Pathology & ECG
- AC & Non-AC Cabin

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କିମ୍ବା ରାସନ କାର୍ଡ଼ ଥିବା ବ୍ୟକ୍ତିଙ୍କର ଚିକିତ୍ସା ଓ ଅପରେସନ ସମ୍ପୂର୍ଣ୍ଣ ମାଗଣାରେ କରାଯାଏ ।

ଓଡ଼ିଶାର ସୁନାମଧନ୍ୟ ଡ଼ାକ୍ତରଙ୍କ ଦ୍ୱାରା ରୋଗୀ ଚିକିତ୍ସା ଓ ଅପରେସନ୍ କରାଯାଏ
ଆପଣଙ୍କୁ ସେବା ଯୋଗାଇବା ଆମର କର୍ତ୍ତବ୍ୟ

ଦୈନିକ ଖବର କାଗଜ ସମୟର ୨୮ତମ ବାର୍ଷିକ ଉତ୍ସବ ଗାନ୍ଧୀ ଜୟନ୍ତୀ ଓ ଶାରଦୀୟ ଦୁର୍ଗା ପୂଜା ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତେ ଆରୋଗ୍ୟ ରୁହନ୍ତୁ ଏବଂ ସୁସ୍ଥ ରୁହନ୍ତୁ ଏହା ମା' ଜଗତଜନନୀଙ୍କ ନିକଟରେ ପ୍ରାର୍ଥନା ।
ସେବାରୁ ଆରମ୍ଭ ସେବାରେ ଶେଷ

ଅରୋକେୟାର ହସ୍‌ପିଟାଲ
ସରକାରୀ ମୁଖ୍ୟ ଚିକିତ୍ସାଳୟ ନିକଟ, ନୟାଗଡ଼ରୋଡ଼, ଖୋର୍ଦ୍ଧା
ଯୋଗାଯୋଗ : ୯୫୫୬୬୯୦୬୦୩, ୭୯୭୮୩୩୨୦୯୦,୦୬୭୫୫-୨୨୨୬୦୩

# ଟିମ୍ ଇଣ୍ଡିଆର ଶୃଙ୍ଖଳା କ୍ଲିନ୍ ସୁଇପ୍

କାନପୁର,୧।୧୦(ଏଜେନ୍ସି): କାନପୁର ଟେଷ୍ଟ ମ୍ୟାଚ୍ ବିଜୟ ସହ ଶୃଙ୍ଖଳା କ୍ଲିନ୍ ସୁଇପ୍ କରିଛି ଭାରତ । ବିଜୟ ପାଇଁ ୯୫ ରନ୍ ଆବଶ୍ୟକ ଥିବାବେଳେ ତିନି ୱିକେଟ ହରାଇ ଲକ୍ଷ୍ୟ ସ୍ଥଳରେ ରୋହିତ ବାହିନୀ ପହଞ୍ଚି ଯାଇଥିଲା । କୋହଲି ଅପରାଜିତ ୨୯ ରନ୍ ସଂଗ୍ରହ କରିଥିଲେ । ବାଂଲାଦେଶ ଦୁଇଟି ଇନିଂସରେ ୨୩୩ ଏବଂ ୧୪୬ ରନ୍ କରି ଥିବାବେଳେ ଭାରତ ପ୍ରଥମ ଇନିଂସରେ ୨୮୫ ଏବଂ ଦ୍ୱିତୀୟ ଇନିଂସରେ ଟାର୍ଗେଟ ପୂରା କରି ନେଇଛି । ୭୨ ଓ ୫୧ରନ କରିଥିବା ଯଶସ୍ୱୀ ଜୈଶ୍ୱାଲଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଏବଂ ୧୧୪ରନ୍ ସାଙ୍ଗକୁ ୧୧ ୱିକେଟ୍ ଦଖଲ କରିଥିବା ରବିଚନ୍ଦ୍ରନ ଅଶ୍ୱିନଙ୍କୁ ପ୍ଲେୟାର ଅଫ ଦି ସିରିଜ୍ ବିବେଚିତ କରାଯାଇଥିଲା ।




କାନପୁରର ଗ୍ରୀନ ପାର୍କ ଷ୍ଟାଡିୟମରେ ଖେଳା ଯାଇଥିବା ଏହି ମ୍ୟାଚରେ ବର୍ଷା ବାଧକ ସାଜିଥିଲା। ମ୍ୟାଚର ପ୍ରଥମ ତିନି ଦିନ ଧୋଇଯାଇଥିବାରୁ ଡ୍ର ନିଶ୍ଚିତ ବୋଲି ଧରିନିଆଯାଇଥିଲା। କିନ୍ତୁ ଭାରତୀୟ ବୋଲର ଏପରି କଲେ ଯେ, ଫଳାଫଳ ସମ୍ପୂର୍ଣ୍ଣ ଓଲଟି ଗଲା । ମାତ୍ର ଦୁଇ ଦିନରେ ଖେଳ ସାରିଦେଲେ ଭାରତୀୟ ବୋଲର । ବାଂଲାଦେଶ ପ୍ରଥମେ ପାଳି ଆରମ୍ଭ କରି ପ୍ରଥମ ଦିନରେ ୧୦୭ ରନ୍ କରିଥିଲା । ଏହାପରେ ବର୍ଷା ଛାଡିବା ପରେ ଚତୁର୍ଥ ଦିନରେ ପୁନର୍ବାର ମ୍ୟାଚ୍ ଆରମ୍ଭ ହୋଇଥିଲା ।

ପ୍ରଥମ ଇନିଂସରେ ବାଂଲାଦେଶ ୨୩୩ ରନ୍ କରି ଥିବାବେଳେ ଭାରତ ୨୮୫ ରନ୍ କରିଥିଲା । ବାଂଲାଦେଶ ଦ୍ୱିତୀୟ ଇନିଂସରେ ୧୪୬ରନ୍ କରି ୯୫ ରନ୍ ଟାର୍ଗେଟ ଦେଇଥିଲା । ଭାରତ ଏହାକୁ ସହଜରେ ଜିତି ନେଇଛି । ଯଶସ୍ୱୀ ଜୈସ୍ୱାଲ ୫୧ ରନ୍ କରି ଥିବାବେଳେ ବିରାଟ କୋହଲି ଏବଂ ଋଷଭ ପନ୍ତ ଅପରାଜିତ ରହି ଯଥାକ୍ରମେ ୨୯ ଏବଂ ୪ ରନ୍ କରିଥିଲେ । ସେହିପରି ରୋହିତ ଶର୍ମା ୮ ଏବଂ ଶୁଭମନ ଗିଲ୍ ୬ ରନ୍ କରିଥିଲେ । ଭାରତ ୧୭.୨ ଓଭରରେ ଏହି ମ୍ୟାଚ୍ ସହ ଶୃଙ୍ଖଳା ବିଜୟୀ ହୋଇଛି ।

# ଆଜି କୋଣାର୍କ ସୂର୍ଯ୍ୟସ-ସଦର୍ଣ୍ଣ ସୁପରଷ୍ଟାର୍ସ କଡ଼ା ଟକ୍କର

ସୁରଟ, ୧।୧୦ (ଏଜେନ୍ସି) : ଅକ୍ଟୋବର ୨ରେ ସୁରଟର ଲାଲାବାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ମୁହାଁମୁହିଁ ହେବେ କୋଣାର୍କ ସୂର୍ଯ୍ୟସ ଓଡିଶା ଓ ସଦର୍ଣ୍ଣ ସୁପରଷ୍ଟାର୍ସ । କୋଣାର୍କ ସୂର୍ଯ୍ୟସ ଓଡିଶା ଦଳର ଶେଷ ଦୁଇଟି ମ୍ୟାଚ୍ ବର୍ଷା ହେତୁ ବାତିଲ ହୋଇଥିଲା । ଦଳ ବର୍ତ୍ତମାନ ସୁଦ୍ଧା, ୩ଟି ମ୍ୟାଚରୁ ୪ ପଏଣ୍ଟ ସହିତ ପଏଣ୍ଟ ଟେବୁଲରେ ଦ୍ୱିତୀୟ ସ୍ଥାନରେ ରହିଛି । ସେପଟେ ୩ଟି ମ୍ୟାଚରୁ ୬ ପଏଣ୍ଟ ହାସଲ କରି ସଦର୍ଣ୍ଣ ସୁପରଷ୍ଟାର୍ସ ପଏଣ୍ଟ ଟେବୁଲରେ ପ୍ରଥମ ସ୍ଥାନରେ ରହିଛି । ପ୍ରାୟ ଚାରି ଦିନର ଲଗାତାର ବର୍ଷା ପରେ ବର୍ତ୍ତମାନ ପାଗ ଭଲ ରହିଛି । ତେବେ ବୁଧବାର ବର୍ଷା କମ୍ ହେବାର ସମ୍ଭାବନା ଅଛି । ସେପଟେ କ୍ରିକେଟ୍ ପ୍ରେମୀ ପୂରା ଖେଳ ଦେଖିବାର ଆଶା ରଖିଛନ୍ତି, ଯେଉଁଥିରେ ଲିଗର ଶ୍ରେଷ୍ଠ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି ।




କୋଣାର୍କ ସୂର୍ଯ୍ୟସ ଓଡିଶା: ଇରଫାନ୍ ପଠାନ୍ (ଅଧିନାୟକ), ୟୁସୁଫ୍ ପଠାନ୍, ଶାହବାଜ୍ ନଦୀମ୍, ବିନୟ କୁମାର୍, ଫିଡେଲ୍ ଏଡୱାର୍ଡସ୍, କେଭିନ୍ ଓ'ବ୍ରାଇନ୍, ପ୍ରବୀଣ ତାମ୍ବେ, ବେନ୍ ଲଫଲିନ୍, ଅମ୍ବାତି ରାୟୁଡୁ, ନବୀନ ଷ୍ଟିୱାର୍ଟ, ରସ୍ ଟେଲର୍, ରିଚାର୍ଡ୍ ଲେଭି, ଦିଲସାନ୍ ମୁନାବୀରା, କେପି ଅପାନ୍ନା, ଦିୱେଶ୍ ପାଠାନିଆ, ରାଜେଶ ବିଷ୍ଣୋଇ, ନଟରାଜ ବେହେରା ।

ସଦର୍ଣ୍ଣ ସୁପର ଷ୍ଟାର୍ସ: ଦୀନେଶ କାର୍ତ୍ତିକ (ଅଧିନାୟକ), ମାର୍ଟିନ ଗପ୍ଟିଲ୍, ଶ୍ରୀବତ୍ସ ଗୋସ୍ୱାମୀ, ପାର୍ଥୀବ ପଟେଲ, କେଦାର ଯାଦବ, ପୱନ ନେଗୀ, ହାମିଲଟନ୍ ମାସାକାଜା, ଚତୁରଙ୍ଗା ଡି ସିଲଭା, ସୁରଙ୍ଗା ଲକମଲ୍, ଅବଦୁର ରଜାକ, ହମିଦ ହସନ, ଜୀବନ ମେଣ୍ଡିସ୍, ରବିନ୍ ବିଷ୍ଟ, ଜେସଲ କାରିଆ, ଚିରାଗ ଗାନ୍ଧି, ମୋନୁ କୁମାର, ସୁବୋଧ ଭଟି, ଏଲଟନ୍ ଚିଗୁମ୍ବୁରା ।










**Printed & Published by Satyanarayan Mohanty** for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି । **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି